READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୮ ସଂଖ୍ୟା-୩୬ ୧୬ - ୨୨ ସେପ୍ଟେମ୍ବର, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-36 16 - 22nd SEPTEMBER, 2024 BHUBANESWAR ₹ 5/- (8 Pages)

## ଜନ୍ମ ଦିନରେ ଓଡ଼ିଶା ଆସିବେ ମୋଦି

### ‘ସୁଭଦ୍ରା’ର ଶୁଭାରମ୍ଭ, ଆବାସ ହିତାଧିକାରୀଙ୍କୁ ବାଣ୍ଟିବେ ପ୍ରଥମ କିସ୍ତି



**ଭୁବନେଶ୍ୱର :** ନିଜ ଜନ୍ମଦିନରେ ଅର୍ଥାତ୍ ଆସନ୍ତା ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ରାଜ୍ୟର ବିଜେପି ସରକାରଙ୍କ ‘ସୁଭଦ୍ରା’ ଯୋଜନା ସହ ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପର ଶୁଭାରମ୍ଭ କରିବେ। ଏହାସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ୧୦ଲକ୍ଷ ହିତାଧିକାରୀଙ୍କୁ ‘ଘର ମଞ୍ଜୁରୀ ପତ୍ର’, ୨୬ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ ସହ ‘ଆବାସ+ ୨୦୨୪’ର ଆପ୍ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ସାଢ଼େ ୩ଘଣ୍ଟାର ଓଡ଼ିଶା ଗସ୍ତ ପାଇଁ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରସ୍ତୁତି ସମୀକ୍ଷା ଅନୁଷ୍ଠିତ ହୋଇଛି। ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି ୧୭ତାରିଖ ପୂର୍ବାହ୍ନ ୧୧ଟା ୩୫ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ୧୧ଟା ୫୫ମିନିଟରେ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅପରାହ୍ନ ୩ଟାରେ ପ୍ରଧାନମନ୍ତ୍ରୀ ମୋଦି ନୂଆଦିଲ୍ଲୀ ଫେରିଯିବେ। ➤ ପୃ-୬

## ମଣିଷ ଇଚ୍ଛାରେ ବନ୍ଦ ହେବ ବର୍ଷା

**ନୂଆଦିଲ୍ଲୀ :** ମଣିଷ ଚାହିଁଲେ ବର୍ଷା ହେବ ଏବଂ ଚାହିଁଲେ ବର୍ଷାକୁ ବନ୍ଦ ବି କରିପାରିବ। ଖୁବଶୀଘ୍ର ଅର୍ଥାତ ଆଗାମୀ ୫ ବର୍ଷ ମଧ୍ୟରେ ଏହାକୁ ସମ୍ଭବ କରିବେ ଭାରତୀୟ ବୈଜ୍ଞାନିକ। ଏ କ୍ଷେତ୍ରରେ ଅଧିକ ଦକ୍ଷତା ହାସଲ କରିବାକୁ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି ବୋଲି କହିଛନ୍ତି ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ. ରବିଚନ୍ଦ୍ରନ। ଉଦାହରଣସ୍ୱରୂପ, ଯଦି ଦିଲ୍ଲୀରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରାଯିବାକୁ ସ୍ଥିର ହୋଇଛି ଏବଂ ସେହି ସମୟରେ ବର୍ଷା ହେବାର ଅଛି, ତେବେ ବୈଜ୍ଞାନିକମାନେ ଚାହିଁଲେ ବର୍ଷାକୁ ବନ୍ଦ କରିଦେଇପାରିବେ। ସେହିପରି ଯଦି କୌଣସି ଅଞ୍ଚଳରେ ବନ୍ୟା ହୋଇଛି, ସେହି ଅଞ୍ଚଳରେ

### ଗବେଷଣା ପାଇଁ ସରକାରଙ୍କ ମଞ୍ଜୁରୀ

ବି ବର୍ଷାକୁ ବନ୍ଦ କରିଦିଆଯାଇ ପାରିବ। ‘ମିଶନ ମୌସମ’ ଜରିଆରେ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ରବିଚନ୍ଦ୍ରନ କହିଛନ୍ତି, ବର୍ଷାକୁ କୃତ୍ରିମ ଉପାୟରେ ବନ୍ଦ କରିବା ଏବଂ ବର୍ଷା କରାଇବା ଦିଗରେ ପ୍ରାରମ୍ଭିକ ପରୀକ୍ଷଣ ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆସନ୍ତା ୧୮ ମାସ ମଧ୍ୟରେ ପରୀକ୍ଷାଗାରରେ ଏହାର ପରୀକ୍ଷା କରାଯିବ। ଆଗାମୀ ୫ ବର୍ଷ ମଧ୍ୟରେ ଆମେ ନିଶ୍ଚିତ ରୂପେ କୃତ୍ରିମ ଉପାୟରେ ପାଗ ପରିବର୍ତ୍ତନ କରିବାରେ ସଫଳ ହେବୁ। ମିଶନ ମୌସମ ଅଧୀନରେ କେବଳ ପାଗ ପରିବର୍ତ୍ତନ କରାଯିବ ନାହିଁ, ବରଂ ବୈଜ୍ଞାନିକମାନେ ଦେଶରେ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ବି କାର୍ଯ୍ୟ କରିବେ। ସ୍ୱଳ୍ପ ଏବଂ ମଧ୍ୟକାଳୀନ ପାଗ ପୂର୍ବାନୁମାନ କ୍ଷେତ୍ରରେ ଆହୁରି ୫ରୁ ➤ ପୃ-୬

## ପୁରୀ ବେଳାଭୂମିରେ ଖୋଲିବନି ମଦ କ୍ୟାବିନ୍

**ଭୁବନେଶ୍ୱର :** ରାଜ୍ୟରେ ପ୍ରଥମ ଥର ସରକାର କରିବା ପରେ ନିଜସ୍ୱ ଅବକାରୀ ନୀତି ଆଣିଛନ୍ତି ମୋହନ ସରକାର। ନୂଆ ମଦ ନୀତି ଘୋଷଣା ହୋଇଥିବା ବେଳେ ସେଥିରେ ଏକ ବଡ଼ ପରିବର୍ତ୍ତନ ଆଣିଛନ୍ତି ରାଜ୍ୟ ସରକାର। ପୁରୀ ବିଚ୍‌ରେ ଖୋଲିବନି ମଦ କ୍ୟାବିନ୍। ପୁରୀ ବେଳାଭୂମି ସହ ପୁରୀ ପୌରାଞ୍ଚଳରେ ବି ମଦ କ୍ୟାବିନ୍ ମନା। ସାମାଜିକ, ଧାର୍ମିକ, ସାଂସ୍କୃତିକ ଦିଗକୁ ଦେଖି ନୀତିରେ ପରିବର୍ତ୍ତନ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟର ଅନ୍ୟ ଧର୍ମସ୍ଥଳୀ ଅଞ୍ଚଳରେ ବି ଖୋଲିବନି ମଦ କ୍ୟାବିନ। ଧାର୍ମିକ ଅନୁଷ୍ଠାନର ୫ କିମି ପରିଧି ମଧ୍ୟରେ ବି ମଦ କ୍ୟାବିନ ଖୋଲିବନି ବୋଲି ସ୍ପଷ୍ଟ କରାଯାଇଛି। ପୁରୀ ସି- ବିଚ୍‌ରେ ମଦ କ୍ୟାବିନ୍ ଖୋଲାଯିବାକୁ ବିରୋଧ କରି ଗତ ୧୧ ତାରିଖରେ ପୁରୀରେ ବ୍ୟାପକ ଆନ୍ଦୋଳନ କରାଯାଇଥିଲା। ଏଥିସହ ମନ୍ଦିର ନିକଟରେ ସମୁହ ଦୀପ ଦାନ କରାଯିବା ସହ ➤ ପୃ-୬

### ଜୟନାରାୟଣଙ୍କ ବୟାନ

## ବିଜେଡି ଛାନିଆ !



**ଭୁବନେଶ୍ୱର :** ବିଜେଡି ସରକାରରେ ମିଳୁନଥିଲା ନ୍ୟାୟ। ରାଜ୍ୟରେ ଏମିତି ଅନେକ ଚର୍ଚ୍ଚିତ ଘଟଣା ଅଛି ଯେଉଁ ମାମଲାରେ ଦୋଷୀ ଏବେ ବି ଦଣ୍ଡ ପାଇନାହାନ୍ତି। କାରଣ ମାମଲାର ଫାଇଲକୁ ଚାପି ଦେଉଥିଲା ପୂର୍ବ ସରକାର। ହେଲେ ଏବେ ସରକାର ବଦଳିବା ପରେ ପୁଣି ଥରେ ପୁରୁଣା ମାମଲାର ତଦନ୍ତ ସିବିଆଇ କରୁ ବୋଲି ବିଧାନସଭାରେ ଦାବି କରିଛନ୍ତି ବିଜେପି ବିଧାୟକ ଜୟନାରାୟଣ ମିଶ୍ର। ଯାହାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଚାଲିଛି। ନବୀନଙ୍କ ଶାସନରେ ଚାଲିଥିଲା ଦୋଷୀ ଘଣ୍ଟ ଘୋଡ଼ା ଅଭିଯାନ। ଅର୍ଥାତ୍ ଅନେକ ମାମଲାରେ ଦୋଷୀ ଧରାପଡିବା ପରେ ତାଙ୍କୁ ସୁରକ୍ଷା ଦେଉଥିଲା ପୂର୍ବ ସରକାର। ଯେଉଁଥି ଲାଗି ଅପରାଧ ବି ବଢୁଥିଲା। ହେଲେ ସରକାର ବଦଳିବା ପରେ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ଆଇନମନ୍ତ୍ରୀ। ଆଉ ଏବେ ମୋହନ ସରକାରରେ ଆଶାର ସଞ୍ଚାର ହୋଇଛି। ଚର୍ଚ୍ଚା ହେଉଛି କି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ରହସ୍ୟଠୁ ଆରମ୍ଭ କରି ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପଛରେ ଥିବା ଷଡ଼ଯନ୍ତ୍ରକାରୀ, ମମିତା ମେହେର ହତ୍ୟା ଘଟଣାର ପୁରା ସତ ସାମ୍ନାକୁ ଆସିପାରେ। ଜଣାପଡ଼ିପାରେ ଗୋବିନ୍ଦ ସାହୁର ରହସ୍ୟଜନକ ମୃତ୍ୟୁର କାରଣ। ରାଜ୍ୟରେ ଘଟିଥିବା ବଡ଼ବଡ଼ ହତ୍ୟା ଓ ଦୁଷ୍କର୍ମ କାଣ୍ଡରେ ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତାଙ୍କ ସଂପୃକ୍ତି ଅଭିଯୋଗ ଆସିଥିଲା। ➤ ପୃ-୬

## ମହଙ୍ଗା ପଡ଼ିବ ଜାଲ ପ୍ରମାଣପତ୍ରରେ ଚାକିରୀ

**ଭଦ୍ରକ :** ଗତ କିଛି ଦିନ ତଳେ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ଚାକିରୀ ହାତେଇଥିବା ଗଜେନ୍ଦ୍ର ଦାସ ନାମକ ଜନୈକ ରାଜସ୍ୱ ନିରୀକ୍ଷକ ଚାକିରୀରୁ ତଡ଼ା ଖାଇଥିବା ବେଳେ ଏବେ ପୁଣି ଜଣେ ରାଜସ୍ୱ ନିରୀକ୍ଷକ

### ବଳି ପଡ଼ିବେ ଆଉ ଜଣେ ରାଜସ୍ୱ ନିରୀକ୍ଷକ !
### ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ଆଣିଲେ ସୂଚନା ଅଧିକାର କର୍ମୀ



ଜାଲ ଶିକ୍ଷାଗତ ପ୍ରମାଣ ପତ୍ର ଦେଇ ଚାକିରୀ କରୁଥିବା ନେଇ ଜିଲ୍ଲାପାଳଙ୍କ ଠାରେ ସୂଚନା ଅଧିକାର କର୍ମୀ ବିକାଶ ଧଳ ଅଭିଯୋଗ କରିଥିବା ଜଣାପଡ଼ିଛି। ଶ୍ରୀ ଧଳଙ୍କ ଅଭିଯୋଗ ଅନୁଯାୟୀ ବନ୍ତ ବ୍ଲକ ଅନ୍ତର୍ଗତ ଅଣିଜୋ ସର୍କଲରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ସୌଭାଗ୍ୟ କୁମାର ସିଂହଙ୍କ ଯୁକ୍ତ ୩ ବାଣିଜ୍ୟ ପ୍ରମାଣ ପତ୍ରଟି ଜାଲ। ସୂଚନା ଅଧିକାର ଆଇନ ବଳରେ ଶ୍ରୀ ସିଂହଙ୍କ ପ୍ରଦତ୍ତ ପ୍ରମାଣ ପତ୍ର ବିଷୟରେ ସଠିକ୍ ତଥ୍ୟ ପାଇବା ପାଇଁ ସୂଚନା କର୍ମୀ ଶ୍ରୀ ଧଳ ବାବାମଣୀ ଡ଼ିଗ୍ରୀ ମହାବିଦ୍ୟାଳୟ, ପାଳସାହି, ବେତାଳିଗାଁ, ଭଦ୍ରକଙ୍କ ଜନ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ। ➤ ପୃ-୬

## ବିଜେପି ରାଜନୀତିରେ ନୂଆ ସମ୍ଭାବନା ଗୋପୀ ଆନନ୍ଦ



**ଭୁବନେଶ୍ୱର :** ଶ୍ରମିକ ଆନ୍ଦୋଳନରୁ ସିନେମା ପ୍ରଯୋଜକ ପରେ ସର୍ବୋଚ୍ଚ ନ୍ୟାୟାଳୟର ଆଇନଜୀବୀ ଭାବରେ ସୁଖ୍ୟାତି ଓ ସଫଳତା ଅର୍ଜନ କରିସାରିଲା ପରେ ଜନ ସେବାରେ ରୁଚି ରଖିଥିବା ଗୋପୀ ଆନନ୍ଦ ରାୟଗଡ଼ା ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା। ୨୦୧୮-୨୦୧୯ରେ ଜେକେ କାଗଜ କଳ ବିରୋଧରେ ଶ୍ରମିକ ଅଧିକାରକୁ ନେଇ ୫୦୦୦ ଶ୍ରମିକମାନଙ୍କ ପାଇଁ ସେ ଲଢ଼େଇ କରି ଚର୍ଚ୍ଚାକୁ ଆସିଥିଲେ। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟରେ ମାନବ ଅଧିକାର ଏବଂ ଶ୍ରମିକ ଅଧିକାରକୁ ନେଇ ଆଇନଜୀବୀ ଭାବରେ କାର୍ଯ୍ୟକରୁଥିବା ଶ୍ରୀଯୁକ୍ତ ଆନନ୍ଦ, ଓଡ଼ିଆ ଏବଂ ତେଲୁଗୁ ସିନେମା ନିର୍ଦ୍ଦେଶକ ଭାବରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ମନୋରଞ୍ଜନ କ୍ଷେତ୍ରରେ ମୁଗ୍ଧ ବେଶ୍ ଲୋକପ୍ରିୟତା ସାଉଁଟିଛନ୍ତି । ମିହିର ଦାସ, ଅନୁ ଚୌଧୁରୀ, ପପୁ ପମ୍‌ପମ୍, ହରିହର ଦାସ, ତେଲୁଗ ଓ ତାମିଲ୍ ଚଳଚ୍ଚିତ୍ର ଅଭିନେତା ଦୁଷ୍ମନ୍ତ ସାହୁ (ବଗଲା), ଜୀବନ ପଣ୍ଡାଙ୍କ ଭଳି ଦକ୍ଷ କଳାକାରମାନଙ୍କୁ ନେଇ ସେ ପ୍ରଯୋଜନା କରିଥିଲେ ଓଡ଼ିଆ ଚଳଚ୍ଚିତ୍ର। ହେ ପ୍ରଭୁ ଦେଖା ଦେ, ଓଡ଼ିଆ, ତେଲୁଗୁ ଓ ହିନ୍ଦୀ, ଇଂରାଜୀ ଏବଂ ବଙ୍ଗାଳୀ ଭାଷା ➤ ପୃ-୬

### ବକ୍ରବାଣୀ



ମାସକୁ ଆଠଶ ପାଇବି ବୋଲି
ସୁଭଦ୍ରା ସାଜି ମୁଁ ନାକାଲ ହେଲି
ସରକାର ଘର କାଗଜ ପତ୍ର
କେତେ ଯେ କାଇଦା କେତେ ଯେ ସୂତ୍ର
ଭାଇ ଜନ୍ମଦିନେ ବାନ୍ଧିବି ରାକ୍ଷୀ
ମହିଳା ଦିବସ ରହିବ ସାକ୍ଷୀ
ଲାଡଲି ବେହେନା ହୋଇ ଥାଆନ୍ତି
ବାରଶ ପଚାଷ ପାଇ ଥାଆନ୍ତି
ତଥାପି ଫୁଙ୍କୁଛି ମୋହନ ବଂଶୀ
ପ୍ରଭାତୀ, କନକ ମନକୁ ତୋଷି।

—— ଟୁଟୁ

## ଆଦାନୀକୁ ଗୋପାଳପୁର ବନ୍ଦର



**ଭୁବନେଶ୍ୱର :** ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ ବୈଠକ ଶେଷ ହୋଇଛି। ୩ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିଛି। ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ଏଣିକି ଝିଅଙ୍କୁ ମିଳିବ ଚାକିରି। ବାପାମା’ଙ୍କ ଉପରେ ନିର୍ଭରଶୀଳ ବିବାହିତ ଝିଅ/ ସାବତ ଝିଅଙ୍କୁ ମିଳିବ ଚାକିରି। ଥଇଥାନ ଯୋଜନାରେ ବିବାହିତ ଝିଅ/ସାବତ ଝିଅଙ୍କୁ ମିଳିବ ଚାକିରି। ସେହିପରି ଅଗ୍ନିବୀରଙ୍କୁ ନେଇ କ୍ୟାବିନେଟରେ ବଡ଼ ନିଷ୍ପତ୍ତି ହୋଇଛି। ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର (ୟୁନିଫର୍ମ ସେବାରେ ନିଯୁକ୍ତି) ନିୟମାବଳୀ, ୨୦୨୪ ର ପ୍ରଣୟନ। ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ରାଜ୍ୟର ୟୁନିଫର୍ମ ସେବାରେ ଅବସର ପ୍ରାପ୍ତ ଅଗ୍ନିବୀରଙ୍କୁ ଯଥେଷ୍ଟ ନିଯୁକ୍ତି ସୁଯୋଗ ଦେବେ ରାଜ୍ୟ ସରକାର। ଅବସର ପ୍ରାପ୍ତ ଅଗ୍ନିବୀରଙ୍କ ପାଇଁ ଦଶ ପ୍ରତିଶତ (୧୦%) ଆନୁଭୂମିକ ସଂରକ୍ଷଣର ବ୍ୟବସ୍ଥା ରହିଛି । ଏହି ସଂରକ୍ଷଣ ଅବସରପ୍ରାପ୍ତ ସୈନିକଙ୍କ ପାଇଁ ଲାଗୁ ହେଉଥିବା ସଂରକ୍ଷଣ ସହିତ ଅତିରିକ୍ତ ଦଶ ପ୍ରତିଶତ (୧୦%) ସଂରକ୍ଷଣ ରହିବ। ନିର୍ଦ୍ଧାରିତ ବୟସ ସୀମାକୁ ତିନି (୦୩) ବର୍ଷ କୋହଳ କରାଯିବ। ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦିଆଯିବ। ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୦ର ସଂଶୋଧନ କରାଯାଇଛି। ଓଡିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୦ ଅନୁଯାୟୀ, ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ଏଣିକି ଝିଅଙ୍କୁ ମିଳିବ ଚାକିରି। ବାପାମା’ଙ୍କ ଉପରେ ନିର୍ଭରଶୀଳ ବିବାହିତ ଝିଅ/ ସାବତ ଝିଅଙ୍କୁ ମିଳିବ ଚାକିରି। ଥଇଥାନ ଯୋଜନାରେ ବିବାହିତ ଝିଅ/ସାବତ ଝିଅଙ୍କୁ ମିଳିବ ଚାକିରି ସରକାରୀ କର୍ମଚାରୀଙ୍କ ➤ ପୃ-୬

### ନିର୍ବାଚନ ବୈତରଣୀ ପାର ପାଇଁ ମିଛ ପ୍ରତିଶ୍ରୁତି

## ଧରାପଡ଼ିଲା ବିଜେଡିର ଏନ୍‌ଏସି ମିଛ



**ଭୁବନେଶ୍ୱର :** ପୁଣି ଧରାପଡ଼ିଲା ବିଜେଡିର ନୂଆ ମିଛ। ବିଧାନସଭାରେ ବିଜେଡିର ପୋଲ ଖୋଲିଦେଲା ବିଜେପି। ନିର୍ବାଚନ ବୈତରଣୀ ପାର ହେବା ପାଇଁ ଏନଏସି ଘୋଷଣା କରିଥିଲା ବିଜେଡି। ଲୋକଙ୍କୁ ସ୍ୱପ୍ନ ଦେଖାଇଥିଲା, ହେଲେ ଧରାଇଦେଲା ଲଲିପପ୍। ମୂଳରୁ ପ୍ରକ୍ରିୟା ଆରମ୍ଭ ନକରି ଭୋଟ୍ ଚକ୍କରରେ କରିଚାଲିଥିଲା ବଡ଼ବଡ଼ ଘୋଷଣା। ମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର କେବଳ ଘୋଷଣା କରିଦେଇଥିଲେ। ଏଥିପାଇଁ କୌଣସି ଲିଖିତ ପ୍ରସ୍ତାବ ନାହିଁ କି ନୂଆ ସରକାରକୁ କିଛି ବିଧିବଦ୍ଧ ପ୍ରସ୍ତାବ ବି ମିଳିନି। ୨୪ ନିର୍ବାଚନ ପୂର୍ବରୁ ରାଜ୍ୟରେ ନୂଆ ଏନଏସି ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲା ବିଜେଡି। ହେଲେ ଏଯାଏଁ ଜିଲ୍ଲାପାଳଙ୍କଠୁ କୌଣସି ପ୍ରତିଉତ୍ତର ମିଳିନି। ମନ୍ତ୍ରୀଙ୍କ ଏମିତି ସ୍ପଷ୍ଟ ଉତ୍ତର ପରେ ଗୃହରେ ଦେଖିବାକୁ ମିଳିଥିଲା ଉଦ୍‌ବେଗ। ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଘୋଷଣା ହୋଇଥିବା ଅଞ୍ଚଳକୁ ଏନଏସି ପାଇଁ ବିଧାୟକମାନେ ଦାବି କରିବା ପରେ ଏନେଇ ଜିଲ୍ଲାପାଳମାନଙ୍କୁ ଆଉ ଥରେ ଚିଠି ଲେଖି ବିଚାର ବିମର୍ଶ କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ। ସୂଚନା ଅନୁସାରେ, ନିର୍ବାଚନ ପୂର୍ବରୁ ଗତ ଫେବ୍ରୁଆରୀ ଓ ମାର୍ଚ୍ଚରେ ପର୍ଯ୍ୟାୟ କ୍ରମେ ନୂଆ ପୌରାଞ୍ଚଳ ତାଲିକା ଘୋଷଣା କରିଥିଲେ ସରକାର। ୨୩ଟି ଜିଲ୍ଲାର ୫୭ଟି ଅଞ୍ଚଳକୁ କରିଥିଲେ ଏନଏସି ଘୋଷଣା। ➤ ପୃ-୬

### ସିଏଜି ରିପୋର୍ଟ ଖୋଲିଲା ପୂର୍ବ ସରକାରର ଦୁର୍ନୀତି ପେଡି

## ଖାଇଗଲେ ସ୍କଲାରସିପ୍ ଟଙ୍କା



**ଭୁବନେଶ୍ୱର :** ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ ପରବର୍ତ୍ତୀ ଉଚ୍ଚଶିକ୍ଷା ସ୍କଲାରସିପ (ପିଏମଏସ)ରେ ବ୍ୟାପକ ଦୁର୍ନୀତି ହୋଇଛି। ୨୦୧୭-୧୮ ମସିହାରୁ ୨୦୨୦-୨୧ ମସିହା ମଧ୍ୟରେ ଏହି ସ୍କଲାରସିପ୍ ଦେବା ଆଳରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅଫିସରମାନେ ସବୁ ନୀତିନିୟମକୁ ଫୁ’ କରି କୋଟିକୋଟି ଟଙ୍କା ହେରଫେର କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ପିଲାଙ୍କ ନାଁ ଜାଲିଆତି କରି ଏହି ଅଫିସରମାନଙ୍କୁ ଧରି କୋଟିକୋଟି ଟଙ୍କା ଲୁଟି ନେଇଥିବା ସିଏଜିଙ୍କ ଅଡିଟରୁ ଜଣାପଡ଼ିଛି। ତେଣୁ ଏଭଳି ହେରଫେର କରି ରାଜକୋଷକୁ କ୍ଷତି ପହଂଚାଇଥିବା ଅଫିସରମାନଙ୍କୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉତ୍ତରଦାୟୀ କରିବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ନିମନ୍ତେ ସିଏଜି ସୁପାରିଶ କରିଛନ୍ତି। ନିକଟରେ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ ହେବାପରେ ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନ ମହାଲେଖାକାର ରାଜକୁମାର, ➤ ପୃ-୬

### ସର୍ଭେ ରିପୋର୍ଟ

## ଓଡ଼ିଶାରେ ମସ୍ତିଷ୍କାଘାତ ଅଧିକ



**ଭୁବନେଶ୍ୱର :** ରାଜ୍ୟରେ ବଢୁଛି ବ୍ରେନ ଷ୍ଟୋକ ସଂଖ୍ୟା । ସାରା ଦେଶରେ ଦୈନିକ ପ୍ରାୟ ୨ହଜାର ବ୍ରେନ୍ ଷ୍ଟ୍ରୋକ୍ ଘଟଣା ସାମ୍ନାକୁ ଆସୁଥିବା ବେଳେ ଭାରତରେ ଏହା ଚିନ୍ତାଜନକ ହୋଇପଡିଛି । ନିକଟରେ ଲାନସେଟରେ ପ୍ରକାଶିତ ଏକ ଗବେଷଣାରୁ ଜଣାପଡିଛି ଯେ ଓଡ଼ିଶାରେ ବ୍ରେନ ଷ୍ଟ୍ରୋକ୍ ର ପ୍ରକୋପ ଜାତୀୟ ହାର ଠାରୁ ଅଧିକ ରହିଛି ଏବଂ ପ୍ରତି ସାତଜଣ ବାସିନ୍ଦାଙ୍କ ମଧ୍ୟରୁ ଜଣେ ବିପଦରେ ଅଛନ୍ତି। ଏହି ବଢୁଥିବା ସ୍ୱାସ୍ଥ୍ୟ ସମସ୍ୟା, ଯାହା ପୂର୍ବରୁ ଅଧିକାଂଶ ବୟସ୍କ ବୟସ୍କଙ୍କ ଠାରେ ଦେଖାଯାଉଥିଲା, ବର୍ତ୍ତମାନ ଅଚଳ ଜୀବନଶୈଳୀ, ଖରାପ ଖାଦ୍ୟଅଭ୍ୟାସ, ମାନସିକ ଚାପ ସ୍ତର ବୃଦ୍ଧି ଏବଂ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି କାରଣରୁ ଯୁବ ଜନସଂଖ୍ୟାକୁ ପ୍ରଭାବିତ କରୁଛି। ଭୁବନେଶ୍ୱର ଏମ୍ସର ନ୍ୟୁରୋଲୋଜି ବିଭାଗ ପକ୍ଷରୁ ଆୟୋଜିତ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ନ୍ୟୁରୋଲୋଜି (ଆଇଏଏନ୍) ଷ୍ଟ୍ରୋକ୍ ସବ୍ ସେକ୍ସନ୍ ମିଡ୍ ଟର୍ମ ସମ୍ମିଳନୀରେ ଏହି ସବୁ ଚିନ୍ତା ପ୍ରକଟ କରାଯାଇଛି। ‘କୋଡ୍ ଷ୍ଟ୍ରୋକ୍ ଟୁ ଷ୍ଟ୍ରୋକ୍ ଇଣ୍ଟରଭେନ୍ସନ୍’ ଶୀର୍ଷକ ଏହି ସମ୍ମିଳନୀରେ ପ୍ରାରମ୍ଭିକ ଷ୍ଟ୍ରୋକ୍ ଚିହ୍ନଟ, ଚିକିତ୍ସାର ଅଗ୍ରଗତି ଏବଂ ଷ୍ଟ୍ରୋକ୍ ପ୍ରତିରୋଧର ଗୁରୁତ୍ୱ ଉପରେ ଗଭୀର ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ନ୍ୟୁରୋଲୋଜିଷ୍ଟମାନେ ଅଂଶଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏମ୍ସ ଭୁବନେଶ୍ୱରର ନ୍ୟୁରୋଲୋଜି ବିଭାଗ ପ୍ରତି ମାସରେ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଚନ୍ଦ୍ରପୃଷ୍ଠରେ ହେବ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ !

**ନୂଆଦିଲ୍ଲୀ :** ଚନ୍ଦ୍ରପୃଷ୍ଠରେ ହେବ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ। ଶକ୍ତିଶାଳୀ ରୁଷ ଏହି ପରମାଣୁ ଶକ୍ତି ପ୍ରକଳ୍ପ ନିର୍ମାଣ କରିବାକୁ ଯାଉଛି। ଆଉ ଏହି ପ୍ରକଳ୍ପରେ ରଷ ସହ ହାତ ମିଳାଇବବାକୁ ପ୍ରସ୍ତୁତ ରହିଛି ଭାରତ। ଭାରତ ରଷର ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଉପରେ ଅନେକ ଆଗ୍ରହ ପ୍ରକାଶ କରିଛି। ରଷର ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଚନ୍ଦ୍ରପୃଷ୍ଠରେ ନିର୍ମାଣ ହେବାକୁ ଥିବା ଷ୍ଟେସନରେ ଆବଶ୍ୟକ ବିଦ୍ୟୁତ ଶକ୍ତି ପୂରଣ କରିବା। ରଷ, ଭାରତ ସହ ପଡୋଶୀ ଚୀନ ମଧ୍ୟ ଏହି ପ୍ରକଳ୍ପରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛି। ରଷର ସରକାରୀ ପରମାଣୁ ନିଗମ ରୋସାଟମ ଏହି ପ୍ରକଳ୍ପର ନେତୃତ୍ୱ ନେଇଛି। ଚନ୍ଦ୍ରପୃଷ୍ଠରେ ହେବାକୁ ଥିବା ଏହି ପରମାଣୁ ଶକ୍ତି ପ୍ରକଳ୍ପରୁ ଅଧା ମେଗାୱାଟ ବିଜୁଳି ଉତ୍ପାଦନ ହେବ। ଚନ୍ଦ୍ରପୃଷ୍ଠରେ ହେବାକୁ ଥିବା ବେସକୁ ଏହି ପ୍ରକଳ୍ପରୁ ବିଦ୍ୟୁତ ସଂଯୋଗ କରାଯିବ। ଆସନ୍ତା ୨୦୩୬ ସୁଦ୍ଧା ପ୍ରସ୍ତୁତ ହୋଇଯିବ ଏହି ପ୍ରକଳ୍ପ। ପ୍ରକଳ୍ପ ପ୍ରତି ଭାରତ ଓ ଚୀନ ଆଗ୍ରହ ପ୍ରକାଶ କରିଥିବା ରଷର ପରମାଣୁ ଶକ୍ତି ପ୍ରକଳ୍ପ ସଂସ୍ଥା ରୋସାଟମ ସୂଚନା ଦେଇଛି।



ଚନ୍ଦ୍ରପୃଷ୍ଠରେ ପରମାଣୁ ଶକ୍ତି ପ୍ରକଳ୍ପ ନିର୍ମାଣ କାମ ଚାଲିଛି ବୋଲି ଘୋଷଣା କରିଛି ରଷର ମହାକାଶ ଗବେଷଣା ସଂସ୍ଥା ରୋସ୍କୋସ୍ମୋସ। ରଷ ଏବଂ ଚୀନ ମିଳିତ ଭାବେ ଏହି ଯୋଜନାରେ ସାମିଲ ହୋଇଥିବା କହିଛି। ଏହି ପ୍ରକଳ୍ପ ଦ୍ୱାରା ଭାରତର ଅନେକ ଲାଭ ହେବ। ଆସନ୍ତା ୨୦୪୦ ସୁଦ୍ଧା ଭାରତ ଚନ୍ଦ୍ରପୃଷ୍ଠକୁ ମଣିଷକୁ ପଠାଇବାକୁ ଯୋଜନା କରିଛି। ଏହାଦ୍ୱାରା ଏହି ପ୍ରକଳ୍ପରୁ ସେଠାରେ ଆବଶ୍ୟକ ହେଉଥିବା ଶକ୍ତିର ଆବଶ୍ୟକତା ପୂରଣ କରିବ। ୨୦୨୧ରେ ରଷ ଏବଂ ଚୀନ ମିଳିତ ଭାବେ ଅନ୍ତରାଷ୍ଟ୍ରୀୟ ଚନ୍ଦ୍ର ଅନୁସଂଧାନ ଷ୍ଟେସନ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ୨୦୩୫ରୁ ୨୦୪୫ ମଧ୍ୟରେ କେତେବେଳେ ବି ଆରମ୍ଭ ହେବା ସମ୍ଭାବନା ରହିଛି। ଏହି ଷ୍ଟେସନର ଉଦ୍ଦେଶ୍ୟ ବୈଜ୍ଞାନିକ ଗବେଷଣା ଲାଗି ବ୍ୟବହାର କରିବାକୁ ରହିଛି। ଅଧିକାଂଶ ଦେଶ ଏହି ଷ୍ଟେସନର ବ୍ୟବହାର କରିପାରିବେ। ତେବେ ଆମେରିକା ସହ ଅନ୍ୟ କିଛି ଦେଶରୁ ଏହି ଷ୍ଟେସନର ଲାଭ ମିଳିନପାରେ। ରଷର ସହଯୋଗୀ ହିସାବରେ ଭାରତ ଏହି ପ୍ରକଳ୍ପରୁ ଲାଭ ଉଠାଇବା ସମ୍ଭାବନା ରହିଛି। ଭାରତ ମଧ୍ୟ ୨୦୫୦ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ବେସ୍ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି।

# ପାଠପଢ଼ାରେ ଅଧିକ ଖର୍ଚ୍ଚ କରୁଛନ୍ତି ଭାରତୀୟ

**ନୂଆଦିଲ୍ଲୀ :** ଶିକ୍ଷା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣେ ବୋଲି କେହି ଅସ୍ୱୀକାର କରିପାରିବେ ନାହିଁ। ଏହାର କାରଣ ହେଉଛି ଭାରତୀୟମାନେ ଶିକ୍ଷା କ୍ଷେତ୍ରରେ ଭଲ ପୁଞ୍ଜି ବିନିଯୋଗ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ନିକଟରେ ଏକ ରିପୋର୍ଟରୁ ଜଣାପଡିଛି ଯେ ଦେଶରେ ଖାଦ୍ୟ ସାମଗ୍ରୀ ଖର୍ଚ୍ଚ ତୁଳନାରେ ଶିକ୍ଷା ଖର୍ଚ୍ଚ ଅଧିକ ହୋଇଛି। ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ହାରକୁ ୪ ପ୍ରତିଶତରେ ବଜାୟ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜୁଲାଇ ମାସରେ ଏହା ମଧ୍ୟ ୪ ପ୍ରତିଶତ ପରିସର ମଧ୍ୟରେ



ଆସିଥିଲା। ଯଦି ଆମେ ଖାଦ୍ୟ ମୁଦ୍ରାସ୍ଫୀତି ବିଷୟରେ ଆଲୋଚନା କରିବା ଅର୍ଥାତ ସାମଗ୍ରିକ ମୁଦ୍ରାସ୍ଫୀତି ମଧ୍ୟରେ ଖାଦ୍ୟ ସାମଗ୍ରୀର ମୂଲ୍ୟ, ତେବେ ଜୁଲାଇରେ ଏହା ୬ ପ୍ରତିଶତ ତଳକୁ ଖସି ଆସିଛି। କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ପରିସ୍ଥିତି ବିପରୀତ ଅଟେ। ଦେଶରେ ଶିକ୍ଷା ମୁଦ୍ରାସ୍ଫୀତି ୧୧ ରୁ ୧୨ ପ୍ରତିଶତ ହାରରେ ବୃଦ୍ଧି ପାଉଛି। ଦେଶରେ ଶିକ୍ଷା ମୁଦ୍ରାସ୍ଫୀତି ଯେଉଁ ବେଗରେ ବୃଦ୍ଧି ପାଉଛି, ପ୍ରତି ୬ ରୁ ୭ ବର୍ଷରେ ଶିକ୍ଷାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହେଉଛି। ସାଧାରଣ ପରିବାର ପାଇଁ ଏହି ଭାର ବହନ କରିବା ସହଜ ନୁହେଁ। ତେଣୁ ସେମାନଙ୍କୁ ଶିକ୍ଷାଋଣ ନେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ସିଆରଆଇଏସ୍ଆଇଏଲ୍ ରେଟିଂ ଦ୍ୱାରା ଏକ ନୂଆ ରିପୋର୍ଟ ପ୍ରକାଶ ପାଇଛ। ସିଆରଆଇଏସ୍ଆଇଏଲ୍ ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତୀୟଙ୍କ ମଧ୍ୟରେ ବିଦେଶରୁ ଉଚ୍ଚଶିକ୍ଷା ଗ୍ରହଣ କରିବାର ଧାରା ବଢିବାରେ ଲାଗିଛି। ଏହି କାରଣରୁ, ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍ସ କମ୍ପାନୀଗୁଡିକ ପାଇଁ ଶିକ୍ଷାଋଣ ଏକ ଦ୍ରୁତ ଅଭିବୃଦ୍ଧି କ୍ଷେତ୍ର ହୋଇ ରହିବ ଅର୍ଥାତ ଏନ୍ବିଏଫ୍ସି ଗୁଡ଼ିକର ଶିକ୍ଷାଋଣ ୨୦୨୪-୨୫ ଆର୍ଥିକ ବର୍ଷରେ ୪୦ ରୁ ୪୫ ପ୍ରତିଶତ ବୃଦ୍ଧି ପାଇଛି। ଏହା ପ୍ରାୟ ୬୦ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## ମାଡ଼ି ଆସୁଛି 'ପ୍ରଳୟ ଦେବତା'

# ଧ୍ୱଂସ ପାଇଯିବ ପୃଥିବୀ !



**ନୂଆଦିଲ୍ଲୀ :** ମହାକାଶରେ ପୃଥିବୀ ଆଡ଼କୁ ମାଡ଼ି ଆସୁଛି ଏକ କ୍ଷୁଦ୍ର ଗ୍ରହ 'ଏପୋଫିସ୍'। ମିଶରୀୟ ଭାଷାରେ ଯାହାର ଅର୍ଥ ହେଉଛି 'ଅରାଜକତା' ବା 'ପ୍ରଳୟ'ର ଦେବତା। ଏହି କ୍ଷୁଦ୍ର ଗ୍ରହଟି ଆସନ୍ତା ୨୦୨୯ଏପ୍ରିଲ ୧୩ ତାରିଖରେ ପୃଥିବୀ ସହ ଧକ୍କା ହେବାର ଆଶଙ୍କା ରହିଛି। ଏହାକୁ ନେଇ ସାରା ବିଶ୍ୱରେ ମହାକାଶବିତ୍ମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଯେଉଁ ଦିଗରେ ଏହି ଛୋଟ ଗ୍ରହଟି ଗତି କରୁଛି, ତାହା ପୃଥିବୀ ସହ ଧକ୍କା ଲାଗିବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ଛୋଟ ଗ୍ରହଟିର ବ୍ୟାସ ୩୪୦ ମିଟରରୁ ୪୫୦ ମିଟର ବୋଲି କୁହାଯାଉଛି। ବୈଜ୍ଞାନିକଙ୍କ ଆକଳନ ଅନୁସାରେ ୧୪୦ ବ୍ୟାସ ବା ତଦୁର୍ଦ୍ଧ୍ୱ କୌଣସି ଗ୍ରହପିଣ୍ଡ, କ୍ଷୁଦ୍ର ଗ୍ରହ ବା ଧୂମକେତୁ ପୃଥିବୀର ନିକଟ ଦେଇ ଅତିକ୍ରମ କଲେ ତାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ଏପୋଫିସର ବ୍ୟାସ ଓ ଗତିକୁ ନେଇ ମହାକାଶ ବିଜ୍ଞାନୀମାନେ ଚିନ୍ତିତ ହୋଇଛନ୍ତି। ଇସ୍ରୋ ମୁଖ୍ୟ ଏସ୍.ସୋମନାଥ ଏହ କ୍ଷୁଦ୍ର ଗ୍ରହକୁ ନେଇ ମଧ୍ୟ ଚିନ୍ତାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଏହି କ୍ଷୁଦ୍ର ଗ୍ରହଟି ୨୦୨୯ ଏପ୍ରିଲ ୧୩ ତାରିଖରେ ପୃଥିବୀ ସହ ଧକ୍କା ଖାଇବାର ସମ୍ଭାବନା ରହିଛି। ଯଦି ଏହି ଗ୍ରହଟି ପୃଥିବୀ ସହ ଧକ୍କା ଲାଗେ ତେବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ଏବଂ ସମ୍ପୂର୍ଣ୍ଣ ମାନବ ଜଗତ ଧ୍ୱଂସ ହୋଇଯାଇପାରେ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା 'ନେତ୍ର' (ନେଟୱାର୍କ ଫର ସ୍ପେସ୍ ଅବଜେକ୍ଟ ଟ୍ରାକିଂ ଏଣ୍ଡ ଆନାଲିସିସ୍) ଏପୋଫିସ ଉପରେ ତୀକ୍ଷ୍ଣ ନଜର ରଖିଛି। ଏ ସମ୍ପର୍କରେ ଇସ୍ରୋ ବିଶ୍ୱର ସବୁ ମହାକାଶ ଅନୁସନ୍ଧାନ ସଂସ୍ଥା ସହ ସମ୍ପର୍କରେ ରହିଛି। ଏହି କ୍ଷୁଦ୍ର ଗ୍ରହର ଆକାର ଭାରତର ସବୁଠାରୁ ବଡ଼ ବିମାନବାହୀ ଜାହାଜ ଆଇଏନ୍ଏସ୍ ବିକ୍ରମାଦିତ୍ୟ ଓ ସବୁଠାରୁ ବଡ଼ କ୍ରିକେଟ ଷ୍ଟାଡ଼ିୟମ ଅହମ୍ମଦାବାଦସିତ ନରେନ୍ଦ୍ର ମୋଦୀ ଷ୍ଟାଡ଼ିୟମର ଆକାରଠାରୁ ବଡ଼ ବୋଲି କୁହାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏପୋଫିସକୁ ପ୍ରଥମେ ୨୦୦୪ରେ ଠାବ କରାଯାଇଥିଲା।

## କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି

# ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମିଳିବ 'ଆୟୁଷ୍ମାନ ଯୋଜନା'

**ନୂଆଦିଲ୍ଲୀ (ପିଆଇବି):** ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ୭୦ ବର୍ଷରୁ ଅଧିକ ବୟସ୍କ ସମସ୍ତ ବୃଦ୍ଧଙ୍କୁ 'ଆୟୁଷ୍ମାନ ଯୋଜନା'ରେ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୪.୫ କୋଟି ପରିବାରର ମାଗଣା ସ୍ୱାସ୍ଥ୍ୟ ବୀମା କଭର ସହିତ ୬ କୋଟି ବରିଷ୍ଠ ନାଗରିକ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ବୀମା କଭର ପାଇବେ। ସରକାର କହିଛନ୍ତି ଯେ ଏହି ଯୋଜନା ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ଏକ ନୂତନ ପୃଥକ କାର୍ଡ ପ୍ରଦାନ କରାଯିବ। କ୍ୟାବିନେଟ ବୈଠକ ପରେ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ୭୦ ବର୍ଷରୁ ଅଧିକ ବୟସ୍କ ସମସ୍ତ ନାଗରିକଙ୍କୁ କଭରେଜ ଦିଆଯିବ। ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ଥିବା ପରିବାରର ବରିଷ୍ଠ ନାଗରିକମାନେ ବର୍ଷକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଅଂଶୀଦାରୀ ଟପ୍ ଅପ୍ କଭର ପାଇବେ। ଯଦି ବରିଷ୍ଠ ନାଗରିକମାନେ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ଅଛନ୍ତି, ତେବେ ଆୟୁଷ୍ମାନ ଭାରତକୁ ଯିବାର ବିକଳ୍ପ ସେମାନଙ୍କ ପାଖରେ ରହିବ। ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକ, ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗିଆ ଯୋଜନା (ଏବି ପିଏମ-ଜେଏ) ର ଲାଭ ପାଇବାକୁ ଯୋଗ୍ୟ ହେବେ। ଯୋଗ୍ୟ ବରିଷ୍ଠ ନାଗରିକମାନଙ୍କୁ ଏହି ଯୋଜନା ଅଧୀନରେ ଏକ ନୂତନ ଅଲଗା କାର୍ଡ ଦିଆଯିବ। ବରିଷ୍ଠ ନାଗରିକ, ଯାହାର ପରିବାର ପୂର୍ବରୁ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ରହିଛନ୍ତି, ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଅଂଶୀଦାର ଟପ୍-ଅପ୍ କଭର ପାଇଁ ଯୋଗ୍ୟ ହେବେ।

## ଟୋଲ୍ ନିୟମରେ ବଡ଼ ପରିବର୍ତ୍ତନ

# ଟୋଲ୍ ପ୍ଲାଜାରୁ ୨୦ କିମି ଯାଏ ଟିକସ ଛାଡ଼

**ନୂଆଦିଲ୍ଲୀ :** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଟୋଲ୍ ନିୟମରେ ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ଏହି ନିୟମାନୁଯାୟୀ, ବର୍ତ୍ତମାନ ଗ୍ଲୋବାଲ୍ ନେଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍ (ଜିଏନ୍ଏସ୍ଏସ୍) ସଂସ୍ଥାପିତ ଘରୋଇ ଯାନଗୁଡିକୁ ୨୦ କିଲୋମିଟର ପରିଧି ପର୍ଯ୍ୟନ୍ତ ଯାତ୍ରାରେ ଟୋଲ୍ ଟିକସ ଦେବାକୁ ପଡିବନାହିଁ। ଜିଏନ୍ଏସ୍ଏସ୍ ଥିବା ବେସରକାରୀ ଯାନର ମାଲିକଙ୍କୁ କ୍ଷେତ୍ରରେ ରାଜପଥ ଏବଂ ଏକ୍ସପ୍ରେସୱେ ଗୁଡିକରେ ଦୈନିକ ୨୦ କିମି ପର୍ଯ୍ୟନ୍ତ ଯାତ୍ରା ପାଇଁ ଟୋଲ୍ ଟିକସ ଲାଗୁ ହେବନାହିଁ। କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ ଜାତୀୟ ରାଜପଥ ଶୁଳ୍କ (ମୂଲ୍ୟ ନିର୍ଣ୍ଣୟ ଏବଂ ସଂଗ୍ରହ) ନିୟମ, ୨୦୦୮ରେ ସଂଶୋଧନ କରାଯାଇଛି। ବର୍ତ୍ତମାନ



ଏହା ଜାତୀୟ ରାଜପଥ ଶୁଳ୍କ ସଂଶୋଧନ ନିୟମ, ୨୦୨୪ ଭାବରେ ଜଣାଶୁଣା। ନୂତନ ନିୟମ ଅନୁଯାୟୀ ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେରେ ୨୦ କିମି ଦୂରତା ଯାତ୍ରା କରିବା ପାଇଁ କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ। ଏହି ଦୂରତା ଅତିକ୍ରମ କଲେ ଗାଡି ମାଲିକଙ୍କ ଯେତି ଦୂରତା ଯାତ୍ରା କରିଥିବେ ସେତିକିର ଟୋଲ୍ ଟିକସ ଦେବେ। ଉଦାହରଣ ସ୍ୱରୂପ ଯଦି ଆପଣ ଜାତୀୟ ରାଜପଥରେ ୩ କିମି ଯାତ୍ରା କରନ୍ତି ତେବେ ଆପଣ ୧୦ କିମି ଦୂରତ୍ୱ ପାଇଁ ଟୋଲ୍ ଟିକସ ଦେବେ। ବିଜ୍ଞପ୍ତି ଅନୁଯାୟୀ, ଯଦି ଜାତୀୟ ଅନୁମତି ଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କୌଣସି ଗାଡିର ଡ୍ରାଇଭର ଏକ ଜାତୀୟ ରାଜପଥ, ସ୍ଥାୟୀ ବ୍ରିଜ୍, ବାଇପାସ୍ କିମ୍ବା ଟନେଲ୍ ବ୍ୟବହାର କରନ୍ତି, ତେବେ ତାଙ୍କୁ ଜିଏନ୍ଏସ୍ଏସ୍ ଅଧୀନରେ ପ୍ରତ୍ୟେକ ଦିଗରେ ୨୦ କିମିର ଯାତ୍ରା ପାଇଁ କୌଣସି ଶୁଳ୍କ ଦେବାକୁ ପଡିବନାହିଁ। ଜୁଲାଇ ମାସରେ ମନ୍ତ୍ରଣାଳୟ ଫାଷ୍ଟାଗ୍ ସହିତ ଅତିରିକ୍ତ ବୈଶିଷ୍ଟ୍ୟ ଭାବରେ ପାଇଲଟ୍ ଭିତ୍ତିରେ ଜାତୀୟ ରାଜପଥ ଉପରେ ଉପଗ୍ରହ ଆଧାରିତ ଟୋଲ୍ ସଂଗ୍ରହ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲା। କର୍ଣ୍ଣାଟକର ଏନ୍ଏନ୍-୨୭୫ର ବେଙ୍ଗାଲୁରୁ-ମହୀଶୂର ଏବଂ ହରିୟାଣାର ଏନ୍ଏନ୍-୭୦୯ ପାନିପତ୍-ହିସାର ଜୋନ୍‌ରେ ଜିଏନ୍ଏସ୍ଏସ୍ ଆଧାରିତ ଟୋଲ୍ ସଂଗ୍ରହ ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିଲା।

# ପ୍ରେସଭିୟୁ ଆଇଡ୍ରପ ଉତ୍ପାଦନ ଏବଂ ବିକ୍ରୟ ଉପରେ ପ୍ରତିବନ୍ଧକ

**ନୂଆଦିଲ୍ଲୀ :** ଆଖିରେ ସମସ୍ୟା ହେଲେ ଡାକ୍ତର ଆଇଡ୍ରପ ପକାଇବାକୁ ପରାମର୍ଶ ଦେଇଥାଆନ୍ତି। ଏଥିପାଇଁ ଡାକ୍ତରଙ୍କ ପ୍ରେସକ୍ରିପସନର ଆବଶ୍ୟକତା ପଡ଼ିଥାଏ। କିନ୍ତୁ କିଛି କମ୍ପାନୀ ବିନା ପ୍ରେସକ୍ରିପସନରେ ଔଷଧ ବିକ୍ରି କରିବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ ଦେଉଥିବା ସାମ୍ନାକୁ ଆସିଛି। ଏହା ଜଣାପଡ଼ିବା ପରେ କେନ୍ଦ୍ର ସରକାର ଏକ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଇଟିଓଡି ଫାର୍ମା କମ୍ପାନୀ ଦ୍ୱାରା ଉତ୍ପାଦିତ ପ୍ରେସଭିୟୁ ଆଇଡ୍ରପ ଉତ୍ପାଦନ ଏବଂ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇଛି କେନ୍ଦ୍ର। କମ୍ପାନୀ ନିଜ ଉତ୍ପାଦର ପ୍ରଚାର ପ୍ରସାର କରିବା ଲାଗି ଅନଧିକୃତ ଉପାୟ ଅବଲମ୍ବନ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସିଡିଏସସିଓ (କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ) ପକ୍ଷରୁ ଏହି ଔଷଧର ଉତ୍ପାଦନ ଏବଂ ବ୍ୟବସାୟ ପାଇଁ ଅନୁମତି ଦିଆଯାଇଛି। କେବଳ ପ୍ରେସକ୍ରିପସନ ଜରିଆରେ ରୋଗୀ ଔଷଧ କିଣିବାକୁ ଅନୁମତି



ମିଳିଥିବାବେଳେ କମ୍ପାନୀ ଏହାକୁ ବିନା ପ୍ରେସକ୍ରିପସନରେ ଔଷଧ ବିକ୍ରୟ କେନ୍ଦ୍ରରେ ରୋଗୀଙ୍କୁ ଉପଲବ୍ଧ କରାଉଥିଲା। ସେହିପରି ବିଭିନ୍ନ ଗଣମାଧ୍ୟମରେ ଭ୍ରାନ୍ତ ବିଜ୍ଞାପନ ଜରିଆରେ ନିଜର ପ୍ରଚାର ପ୍ରସାର କରୁଥିଲା। ଏହି ଆଇଡ୍ରପ ପକାଇଲେ କମ୍ ଦୃଷ୍ଟି ଶକ୍ତି ଥିବା ବ୍ୟକ୍ତିଙ୍କୁ ଚଷମାର ଆବଶ୍ୟକ ପଡ଼ିବ ନାହିଁ ବୋଲି ବିଜ୍ଞାପନରେ କୁହାଯାଉଥିଲା, ଯାହାର ସତ୍ୟତା ଉପରେ ପ୍ରଶ୍ନ ଉଠିବାରୁ ଔଷଧର ଉତ୍ପାଦନ ଏବଂ ବିକ୍ରୟ ଅନୁମତିକୁ କେନ୍ଦ୍ର ସରକାର ରଦ୍ଦ କରିଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ଯାଏ କମ୍ପାନୀ ଏହି ଉତ୍ପାଦକୁ ବିକ୍ରି କରିପାରିବ ନାହିଁ ବୋଲି କୁହାଯାଇଛି।

# ଦେଶରେ ବାର୍ଷିକ ୬୦ରୁ ୭୦ ହଜାର ନବଜାତଙ୍କ ଜୀବନ ବଞ୍ଚାଉଛି ସ୍ୱଚ୍ଛ ଭାରତ ଅଭିଯାନ

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାରେ ଦେଶରେ ବ୍ୟାପକ ଅଭ୍ୟାସଗତ ପରିବର୍ତ୍ତନ ଆଣିବା ସହ ଦେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସ୍ୱଚ୍ଛ ଭାରତ ଅଭିଯାନ ଏବେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଏହି ଅଭିଯାନ ଦେଶକୁ ଖୋଲା ଶୌଚମୁକ୍ତ କରିବା ଯୋଗୁ ଭାରତରେ ବାର୍ଷିକ ପ୍ରାୟ ୬୦,୦୦୦ରୁ ୭୦,୦୦୦ ନବଜାତ ଶିଶୁଙ୍କ ମୃତ୍ୟୁକୁ ଏଡ଼ାଇ ଦିଆଯାଇ ପାରିଛି। ନିକଟରେ ନେଚର୍ ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ପତ୍ରରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ, କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଏବଂ ଓହିୟୋ ଷ୍ଟେଟ୍ ୟୁନିଭର୍ସିଟୀର ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ ଏହି ଗବେଷଣା ପତ୍ରରେ ଶିଶୁ ମୃତ୍ୟୁ ହାର ରୋକିବାରେ ସ୍ୱଚ୍ଛ ଭାରତ ଅଭିଯାନର ଯୋଗଦାନକୁ ଉଚ୍ଚ ପ୍ରଶଂସା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗବେଷଣାପତ୍ରର ପରିଣାମକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସଂକ୍ରାନ୍ତ ଏକ ପୋଷ୍ଟ୍ ଶେୟାର କରି ଶ୍ରୀ ମୋଦୀ ଲେଖିଛନ୍ତି, 'ସ୍ୱଚ୍ଛ ଭାରତ ଭଳି ଅଭିଯାନର ପ୍ରଭାବ ଉଲ୍ଲେଖ କରୁଥିବା ଗବେଷଣାପତ୍ରର ଫଳାଫଳକୁ ଦେଖି ଆନନ୍ଦିତ। ଶୌଚାଳୟର ଉପଯୁକ୍ତ ଉପଲବ୍ଧତା ନବଜାତ ଓ ଶିଶୁ ମୃତ୍ୟୁହାର ରୋକିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ସ୍ୱଚ୍ଛ, ସୁରକ୍ଷିତ ପରିମଳ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ଆଉ ଭାରତ ଏହି କ୍ଷେତ୍ରରେ ଅଗ୍ରଣୀ ହେବା ଖୁସିର ବିଷୟ।' ଉପରୋକ୍ତ ଗବେଷଣା ପତ୍ରରେ ଦର୍ଶାଯାଇଛି ଯେ, ମୋଦୀ ସରକାରଙ୍କ କାର୍ଯ୍ୟକାଳରେ ଶୌଚାଳୟ ପ୍ରସାରରେ ଉଲ୍ଲେଖନୀୟ ବୃଦ୍ଧି ହେବା ସହିତ




ଖୋଲା ଶୌଚ ଭଳି କୁଅଭ୍ୟାସରେ ପରିବର୍ତ୍ତନ ଆସିଛି। କେବଳ ସେତିକି ନୁହେଁ, ପାଇପ୍ ଜଳ ଯୋଗାଣ ୧୬%ରୁ ବୃଦ୍ଧି ପାଇ ୭୮%ରେ ପହଞ୍ଚିଛି। ୧୧ କୋଟିରୁ ଅଧିକ ଘରକୁ ସ୍ୱଚ୍ଛ ରୋଷେଇ ଗ୍ୟାସ୍ ସଂଯୋଗ ଦିଆଯାଇଛି। ଏହାଦ୍ୱାର ସାମାଜିକ ଓ ସ୍ୱାସ୍ଥ୍ୟଗତ ପରିଣାମରେ ଉନ୍ନତି ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ, ୟୁପିଏ-୧ ସରକାରଙ୍କ ଅମଳରେ ଦେଶର କେତେକ ଜିଲ୍ଲାରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟପ୍ରଦ ଶୌଚାଳୟ ଉପଲବ୍ଧତାରେ ହ୍ରାସ ଘଟିଥିଲା। ୟୁପିଏ-୧ ସମୟରେ ସାମାଜିକ ବ୍ୟୟ ବୃଦ୍ଧି ପାଇଥିବା ନେଇ କଂଗ୍ରେସ ପକ୍ଷରୁ ଯେଉଁ ଦାବି କରାଯାଇଛି ତାହାର ବିପରୀତ ଶୌଚାଳୟ ଉପଲବ୍ଧତା ଭଳି ମୌଳିକ ସୁବିଧା ହ୍ରାସ ପାଇଥିଲା ବୋଲି ଗବେଷଣାପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ୨୦୦୦ରୁ ୨୦୧୫ ନବଜାତ ମୃତ୍ୟୁ ହାର ବାର୍ଷିକ ୩% ହ୍ରାସ ପାଇଥିବା ବେଳେ ୨୦୧୫ରୁ ୨୦୨୦ ମଧ୍ୟରେ ବାର୍ଷିକ ୮ରୁ୯% ହାରରେ ହ୍ରାସ ପାଇଥିଲା। ନବଜାତଙ୍କ ମୃତ୍ୟୁହାରରେ ତିନିଗୁଣା ହ୍ରାସ ଦେଖିବାକୁ ମିଳିବା ସ୍ୱଚ୍ଛ ଭାରତ ମିଶନର ଉଲ୍ଲେଖନୀୟ ପ୍ରଭାବକୁ ଦର୍ଶାଉଛି। କେବଳ ସେତିକି ନୁହେଁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ନବଜାତ ଶିଶୁ ମୃତ୍ୟୁ ହାର ମଧ୍ୟରେ ବ୍ୟବଧାନ ୨୦୧୪ରେ ୩୯ ଥିବା ବେଳେ ଏଥିରେ ୧୨ ପଏଣ୍ଟ ହ୍ରାସ ପାଇ ୨୦୨୦ରେ ୨୮ରେ ପହଞ୍ଚିଛି। ଏଥିରେ ଆହୁରି କୁହାଯାଇଛି ଯେ, ବିଭିନ୍ନ ଜିଲ୍ଲାରେ ଶୌଚାଳୟ ଉପଲବ୍ଧତା ଯୋଗୁ ଆନୁଷ୍ଠାନିକ ପ୍ରସବ, ମାତୃ ମୃତ୍ୟୁହାର ଏବଂ ପ୍ରସବପୂର୍ବ ଯତ୍ନରେ ସୁଧାର ଦେଖିବାକୁ ମିଳିଛି। ଅଧିକ ସଂଖ୍ୟାରେ ମହିଳା ଓ ଶିଶୁଙ୍କୁ ପୋଷଣ ଅଭିଯାନ ଓ ପିଏମ୍ ମାତୃ ବନ୍ଦନା ଯୋଜନା ଭଳି ପୋଷଣ ସେବା ଅଧିକ ମାତ୍ରାରେ ଉପଲବ୍ଧ ହୋଇଛି। ଯେଉଁଠି ପାଇପ୍ ଜଳଯୋଗାଣ ସୁବିଧା ଅଧିକ ରହିଛି ସେହି ଅଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନର ଅଧିକ ଲାଭ ମିଳିଛି। ଜଳଜୀବନ ମିଶନ କାର୍ଯ୍ୟକାରୀ ହେବା ଫଳରେ ୧୨ କୋଟି ଗ୍ରାମୀଣ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ପାଇପ୍ ଜଳ ଯୋଗାଣର ପ୍ରସାର ଗତ ପାଞ୍ଚ ବର୍ଷ ମଧ୍ୟରେ ୧୬%ରୁ ୭୮%କୁ ବୃଦ୍ଧି ପାଇଛି। ଏହାଦ୍ୱାରା ସ୍ୱଚ୍ଛ ଭାରତର ଅଧିକ ସକାରାତ୍ମକ ସ୍ୱାସ୍ଥ୍ୟ ଲାଭ ମିଳିଛି।

## କେମିତି କଟିବ ଏ ସପ୍ତାହ

**ମେଷ** — ଅଚାନକ ଦୂରଯାତ୍ରା ଯୋଗ ଅଛି। ଗଳା ଓ ଶର୍ଦ୍ଦି ରୋଗ ହୋଇପାରେ। ପରିବାରରେ ମତାନ୍ତର ହେବ। ଆୟ ଓ ବ୍ୟୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ନୂଆ ଜିନିଷ ଶିଖିବେ। ଦମ୍ପତ୍ତିଙ୍କର ସାମାନ୍ୟ ମତାନ୍ତର ହେବ। ଦୂର ଯାତ୍ରା ଭ୍ରମଣ ଯୋଗ ଅଛି।

**ବୃଷ** — ଅଯଥା କାମରେ ପଡନ୍ତୁ ନାହିଁ। ଆଖି ସମ୍ବନ୍ଧିୟ ଓ ପୀଡା ଯୋଗ ଅଛି। ବ୍ୟୟ ବଢ଼ିବ। ଜିନିଷ କିଣିବେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ଦୂରଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ମନ୍ଦିର ଦର୍ଶନ କରିପାରନ୍ତି।

**ମିଥୁନ** — ବାଣୀରେ ତକଲିଫ୍ ହୋଇପାରେ। ଶରୀରରେ ପୀଡା ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ନୂଆ କାମ ପାଇଷବ। ଧନପ୍ରାପ୍ତି ଯୋଗ ଅଛି। ପରିବାରର ବଡ ଲୋକଙ୍କ ଶରୀର ଅସୁସ୍ଥ ହୋଇପାରେ।

**କର୍କଟ** — ମନ ଦୁର୍ବଳ ଓ ଅଶାନ୍ତ ରହିବ। ନଦୀ ବା ପାଣିରୁ ସାବଧାନ ରହନ୍ତୁ। ସନ୍ତାନ ପାଇଁ ଚିନ୍ତିତ ରହିବେ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ପାଇଷବ। କୌଣସି ସ୍ତ୍ରୀ ଲୋକଙ୍କ ସହ ମତାନ୍ତର ରହିବ।

**ସିଂହ** — ଲାଭ ଓ କ୍ଷତି ଲାଗି ରହିବ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ରୋକିଥିବା କାମ ମିଳିବ। ଭୂମି ବା ଘର କିଣିପାରନ୍ତି। ଜୀବନସାଥୀଙ୍କ ସହ ମିଶି ପୂଜା ପାଠ କରିପାରନ୍ତି। ବିଦେଶ ଭ୍ରମଣ ଯୋଗ ଅଛି।

**କନ୍ୟା** — ଦୁଇଟି ନୂଆ ଶୁଭ ଖବର ପାଇବେ। କାର୍ଯ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ନୂଆ କାମରୁ ଧନପ୍ରାପ୍ତି ଯୋଗ ଅଛି। କିଣାକିଣି କରିପାରନ୍ତି। ପ୍ରେମୀ ମାନଙ୍କ ପାଇଁ ସମୟ ଅନୁକୁଳ ଅଟେ।

**ତୁଳା** — ସପ୍ତାହର ପ୍ରଥମାର୍ଦ୍ଧରେ ମନ ଓ କାର୍ଯ୍ୟରେ ଅଶାନ୍ତି ପାଇବେ। ବ୍ୟସ୍ତ ରହିବେ। ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ କିଣିପାରନ୍ତି। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବେ। ପରିବାର ସହ ଭଲ ସମୟ କଟିବ।

**ବିଛା** — କାର୍ଯ୍ୟ ବ୍ୟସ୍ତ ରହିବେ। ଧନ ଫେରସ୍ତ ପାଇବେ। କାର୍ଯ୍ୟ କ୍ଷେତ୍ରରେ ଦୂରଯାତ୍ରା ଯୋଗ ଅଛି। ଜିନିଷ ଚୋରୀ ହୋଇପାରେ। ପେଟରେ ରୋଗ ହୋଇପାରେ। ଦାମ୍ପତ୍ୟ ଜୀବନ ଅତି ସୁଖମୟ ହେବ।

**ଧନୁ** — ଖର୍ଚ୍ଚ ବଢ଼ିବ। ଇଏନ୍ଟି ଓ ପେଟ ରୋଗ ହୋଇପାରେ। ବ୍ୟୟ ବଢ଼ିବ। କାମ ହେଉ ହେଉ ବନ୍ଦ ହୋଇପାରେ। ଧାର୍ମିକ କାର୍ଯ୍ୟରେ ମନ ଦିଅନ୍ତୁ। ପରିବାରରେ ବିବାଦ ହୋଇପାରେ। ଗୃହରେ ଶାନ୍ତି ବଜାୟ ରହିବ।

**ମକର** — ପୂର୍ବର କାମରୁ ଲାଭ ପାଇବେ। ଭୂମି ସମ୍ବନ୍ଧୀୟ କାମ ହେବ। ଘରେ ମରାମତି କାମ ହେବ। କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ଲୋକଙ୍କ ଠାରୁ ସହଯୋଗ ପାଇଷବ। ପରିବାର ଲୋକଙ୍କ ଠାରୁ ଖୁସି ଖବର ପାଇବେ।

**କୁମ୍ଭ** — ସପ୍ତାହଟି ଧନ ଓ ଆନନ୍ଦ ଦାୟକ ହେବ। ସରକାରୀ କାମରେ ସଫଳତା ପାଇବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବେ। ଘରୋଇ ବସ୍ତୁରେ ଖର୍ଚ୍ଚ ହୋଇପାରେ। ଜୀବନସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି। ନୂତନ ଗାଡି କ୍ରୟ କିଣିପାରନ୍ତି।

**ମୀନ** — ଆର୍ଥିକ ସଙ୍କଟ ରହିବ। ଖର୍ଚ୍ଚ ବଢ଼ିବ। କାର୍ଯ୍ୟରେ ଭୁଲ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ପରିଶ୍ରମ ତୁଳନାରେ ସଫଳତା ମିଳିବ ନାହିଁ। ଜୀବନସାଥୀଙ୍କର ରକ୍ତ ବା ପେଟ ସମ୍ବନ୍ଧୀୟ ରୋଗ ହୋଇପାରେ। ନୂତନ ଜାଗା କିଣିପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କାଗଜକଲମରେ ସୀମିତ ଶିଶୁ ଶ୍ରମିକ ଚିହ୍ନଟ

**ଭୁବନେଶ୍ୱର :** ରାଜ୍ୟରୁ ଶିଶୁ ଶ୍ରମିକ ବିଲୋପ ପାଇଁ ବିଜେଡି ସରକାର ପ୍ରସ୍ତୁତ କରିଥିବା ଆକ୍ସନ ପ୍ଲାନ ଏବେ କେବଳ କାଗଜକଲମରେ ରହିଯାଇଛି। ଦୀର୍ଘ ୨୪ବର୍ଷ ଧରି ଶାସନରେ ରହି ମଧ୍ୟ ବିଜେଡି ସରକାର ରାଜ୍ୟରେ ଶିଶୁ ଶ୍ରମିକ ଚିହ୍ନଟ ପାଇଁ ସର୍ଭେ କରିବାକୁ ଉଚିତ୍ ମଣିନାହାନ୍ତି। ରାଜ୍ୟରେ ବେଧଡ଼କ ଭାବେ ସବୁଠି ଶିଶୁମାନେ ବେଆଇନ ଢଙ୍ଗରେ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ କୋହଳ ନୀତି ଯୋଗୁ ପ୍ରଶାସନ ସବୁ ଜାଣି ମଧ୍ୟ ଅଜଣା ହୋଇ ରହିଛି। ଯେଉଁଥିପାଇଁ ରାଜଧାନୀ ଭୁବନେଶ୍ୱରଠୁ ଆରମ୍ଭ କରି ରାଜ୍ୟର ଗଳିକନ୍ଦିରେ ଶିଶୁମାନେ ବିଭିନ୍ନ କାର୍ଯ୍ୟରେ ବେଆଇନ ଶ୍ରମିକ ଭାବେ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଶେଷଥର ପାଇଁ ୧୯୯୭ ମସିହାରେ ଶିଶୁ ଶ୍ରମିକ ଚିହ୍ନଟ ନିମନ୍ତେ ସର୍ଭେ କରିଥିବା ନେଇ ଆଜି ଶ୍ରମ ଓ ଇଏସଆଇ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସୂଚନା ଦେବାପରେ ପୂର୍ବ ବିଜେଡି ସରକାରର ଶିଶୁଶ୍ରମିକ ପ୍ରଥା ଲୋପ ଦିଗରେ ଆଭିମୁଖ୍ୟକୁ ନେଇ ଏବେ ପ୍ରଶ୍ନ ଉଠିଛି। ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ ପାଇଁ ବିଗତ ୧୦ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ସର୍ଭେ ହୋଇନାହିଁ। ଶେଷଥର ପାଇଁ ରାଜ୍ୟ ସରକାର ୧୯୯୭ ମସିହାରେ ଶିଶୁ ଶ୍ରମିକ ଚିହ୍ନଟ ନିମନ୍ତେ



ସର୍ଭେ କରିଥିଲେ। ଶିଶୁ ଶ୍ରମ ବିଲୋପ ପାଇଁ ରାଜ୍ୟ ସରକାର ୨୦୧୫ ମସିହାରେ ଏକ ରାଜ୍ୟସ୍ତରୀୟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଥିଲେ, ଯାହା କାର୍ଯ୍ୟକାରୀ ହେଉଛି। ୨୦୧୬ ମସିହାରେ ଶିଶୁ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ର ସଂଶୋଧନ ଓ ପରେ ୨୦୧୯-୨୦ରେ ରାଜ୍ୟସ୍ତରୀୟ ଆକ୍ସନ ପ୍ଲାନରେ ସଂଶୋଧନ କରାଯାଇଥିଲା ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ି ଚାଲିଥିଲେ ମଧ୍ୟ ରାଜ୍ୟ ସରକାର କାହିଁକି ଏହା ଚିହ୍ନଟ ତଥା ବିଲୋପ ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ବିଜେଡି ସରକାର ୨୪ବର୍ଷ ଶାସନରେ ରହିଥିଲେ ମଧ୍ୟ ରାଜ୍ୟରୁ ଶିଶୁ ଶ୍ରମିକର ବିଲୋପ ଦିଗରେ ଆଖିଦୃଶିଆ କାର୍ଯ୍ୟ କରିପାରିନାହିଁ। ପୂର୍ବର ବିଜେଡି ସରକାର କେବଳ ନିଜ ଦଳୀୟ ନେତ୍ରୀମାନଙ୍କୁ 'ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ'ରେ ଥଇଥାନ କରି ଦାୟିତ୍ୱ ଶେଷ କରିଥିଲେ। ରାଜଧାନୀ ଭୁବନେଶ୍ୱରର ରାସ୍ତାଘାଟରେ ଶିଶୁମାନେ ଭିକ୍ଷାବୃତ୍ତି, ଜରି ଗୋଟାଳି, ବାସନମଜା ସହ ଅସୁରକ୍ଷିତ ପରିବେଶରେ ବିପଦପୂର୍ଣ୍ଣ କାର୍ଯ୍ୟ କରୁଥିଲେ ମଧ୍ୟ ସେଥିପ୍ରତି ପ୍ରଶାସନ କିମ୍ବା ସରକାରଙ୍କ ନଜର ପଡୁନି। ସବୁଠୁ ପରିତାପର କଥା ହେଲା, ରାଜ୍ୟ ସଚିବାଳୟକୁ ଯିବା ପାଇଁ ଉଦ୍ଦିଷ୍ଟ ମାର୍ଗରେ କୋମଳମତି ଶିଶୁମାନେ ଦୟନୀୟ ସ୍ଥିତିରେ ଦୈନିକ ଭିକ୍ଷାବୃତ୍ତି କରୁଛନ୍ତି। ମାତ୍ର ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଓ ସେଥିପାଇଁ ପରିବେଶ ପ୍ରସ୍ତୁତ କରିବା ଦିଗରେ ରାଜ୍ୟ ସରକାର ସଫଳ ହୋଇପାରିନାହାନ୍ତି। ରାଜ୍ୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା କେତେ ଜାଣିବାରେ ସକ୍ଷମ ହୋଇନଥିବା ରାଜ୍ୟ ସରକାର କିଭଳି ଏହି ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଦୟା ନଦୀରେ ହେବ ୫ ମେଗା ପ୍ରକଳ୍ପ : ମନ୍ତ୍ରୀ

**ଭୁବନେଶ୍ୱର :** ଦୟା ନଦୀରେ ହେବ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ। ଏନେଇ ବିଧାନସଭାରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନରେ ଉତ୍ତର ଦେଇ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପୂର୍ବ ସରକାର କେନ୍ଦ୍ରର ଜଳ ସମ୍ପଦ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଚାହୁଁନଥିଲେ। ଫଳରେ ପ୍ରକଳ୍ପ କାମ ଶେଷ ହେବାରେ ଅନେକ ବିଳମ୍ବ ହୋଇଛି। ଠିକ୍ ସମୟରେ ସର୍ଭେ, ଡିପିଆର ପ୍ରସ୍ତୁତ ହୋଇନାହିଁ। ବହୁ ବିଳମ୍ବ ହୋଇଥିବା ପ୍ରକଳ୍ପ ଗୁଡିକୁ ସରକାର ୨୦୨୬ରେ ଶେଷ କରିବାକୁ ପ୍ରୟାସ କରୁଛନ୍ତି। ଦୟାରୁ ଜଳ ଉଠାଣ ପାଇଁ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ଡେଲାଙ୍ଗରେ ହେବ। ଏସମ୍ପର୍କରେ ବାଚସ୍ପତି କହିଛନ୍ତି ଯେ ପ୍ରଦୂଷଣ ମୁକ୍ତ ଜଳ ସଂରକ୍ଷଣକୁ ସରକାର ଗୁରୁତ୍ୱ ଦିଅନ୍ତୁ। ସେହିପରି ଲୁଣି ପାଣି ହେବ ପିଇବା ପାଣି ଯୋଗ୍ୟ। ଯାଜପୁରର ଅନେକ ସ୍ଥାନରେ ଲୁଣି ପାଣି ସମସ୍ୟା ଦୀର୍ଘ ଦିନ ହେବ ରହିଆସିଛି। ଲୁଣିପାଣିକୁ ମଧୁର ଜଳରେ ପରିଣତ କରିବାକୁ ଟେକ୍ନୋଲୋଜି ଏଯାଏଁ ରାଜ୍ୟରେ କାର୍ଯ୍ୟକାରୀ ହୋଇନାହିଁ, ହେଲେ ସମସ୍ୟା ଦୂରେଇବାକୁ ଏକ କମ୍ପାନୀ ସହ ଆଲୋଚନା ଚାଲିଥିବା ମନ୍ତ୍ରୀ କହିଛନ୍ତି।

## ଅକ୍ଟୋବର ୫ ସୁଦ୍ଧା ରାଜ୍ୟର ସବୁ ସହରରେ ସରିବ ରାସ୍ତା ମରାମତି କାର୍ଯ୍ୟ

**ଭୁବନେଶ୍ୱର :** ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ପ୍ରତ୍ୟେକ ସହରର ସମସ୍ତ ରାସ୍ତାର ମରାମତି ଓ ଉନ୍ନତୀକରଣ ନିମନ୍ତେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମରାମତି କାର୍ଯ୍ୟ ଶେଷ କରିବାକୁ ବୈଠକରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ହରିଚନ୍ଦନ ମଧ୍ୟ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ କହିବା ଅନୁଯାୟୀ, କଟକ ଏବଂ ଭୁବନେଶ୍ୱରର ରାସ୍ତା ମରାମତି ପାଇଁ କୌଣସି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇନଥିଲା ଏବଂ ରାଜ୍ୟରେ ଭାଜପା ସରକାର ଗଠନ ପରେ ପ୍ରଥମ ଥର ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଛି। ଭବିଷ୍ୟତରେ ଏହି ଧାରା ଜାରି ରହିବ ଏବଂ ରାସ୍ତାର ଅବସ୍ଥା ସମ୍ପର୍କରେ ସମୀକ୍ଷା କରାଯିବ। ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦଶହରା ପରେ ମଧ୍ୟ ବୈଠକ ଅନୁଷ୍ଠିତ ହେବ। କଟକ ଏବଂ ଭୁବନେଶ୍ୱରରେ ଟ୍ରାଫିକ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ନୂତନ ରାସ୍ତା ନିର୍ମାଣ ପାଇଁ ବିଚାର ବିମର୍ଶ କରାଯିବ ବୋଲି ହରିଚନ୍ଦନ



କହିଛନ୍ତି। ବର୍ଷା ଋତୁରେ ନୂତନ ରାସ୍ତା ନିର୍ମାଣ ହୋଇପାରିବ ନାହିଁ। ତେବେ ରାସ୍ତା ମରାମତି ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଟକ ତଥା ଭୁବନେଶ୍ୱରର ସମସ୍ତ ବିଧାୟକ ଏବଂ ମେୟର, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ସଚିବ, ଇଞ୍ଜିନିୟର-ମୁଖ୍ୟ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ କିଛି ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସମ୍ପତ୍ତି ପରିଚାଳନା ଡାଟାବେସ୍ ଅନୁଯାୟୀ, ଛୋଟ ଏବଂ ପ୍ରମୁଖ ମରାମତି କାର୍ଯ୍ୟ ପାଇଁ ବିଭାଗ ଦ୍ୱାରା ଏକ ଉପସ୍ଥାପନା କରାଯାଇଥିଲା। ଏହା ବ୍ୟତୀତ ଆଗାମୀ ପର୍ବକୁ ବିଚାର କରି ସହରାଞ୍ଚଳର ଲୋକଙ୍କ ସଡ଼କ ଯୋଗାଯୋଗ ପାଇଁ ଆବଶ୍ୟକ ମରାମତି କାର୍ଯ୍ୟ ସମ୍ପର୍କରେ ବିଧାୟକ ତଥା ଅନ୍ୟ ନେତାଙ୍କ ମତାମତ ନିଆଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।

## ରାଜଧାନୀ ପାଣିରେ ମିଶୁଛି ବିଷ !

**ଭୁବନେଶ୍ୱର :** ରାଜଧାନୀବାସୀ ଯେଉଁଠୁ ପାଣି ପିଉଛନ୍ତି, ସେଇଠି ଆବର୍ଜନା ଫୋପାଡୁଛନ୍ତି। ସେହି ସ୍ଥାନକୁ ଆବର୍ଜନାମୟ କରି ଦେଉଛନ୍ତି। କୁଢ଼କୁଢ଼ ଆବର୍ଜନା ଦିନ ଦିନ ଧରି ପଡ଼ି ରହୁଛି। ଆବର୍ଜନା ସଢ଼ି ଯିବାରୁ ସେଥିରୁ ଉତ୍କଟ ଗନ୍ଧ ବାହାରୁଛି। ଏପରିକି ଏହି ପାଣିରେ ବିଷାକ୍ତ ପଦାର୍ଥ ମିଶାଇବାକୁ ବି ଲୋକେ ପଛାଉନାହାନ୍ତି। ନିକଟରେ ଗଣେଶ ପୂଜାଠାରୁ ଏହି ସ୍ଥାନ ନିକଟରେ ମୂର୍ତ୍ତି ବିସର୍ଜନ କରାଯାଇଛି। ମୂର୍ତ୍ତିରୁ ବାହାରୁଥିବା ବିଷାକ୍ତ କେମିକାଲ ପାଣିରେ ମିଶୁଛି। ଏହା ବିପଜ୍ଜନକ ବୋଲି କିଛି ବିଶେଷଜ୍ଞମାନେ ମତ ଦେଇଛନ୍ତି। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ବି ଏସବୁ ଦେଖି ନିରବଦ୍ରଷ୍ଟା ସାଜିଛି। ଏହାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। କୁଆଖାଇ ନଦୀରୁ ଭୁବନେଶ୍ୱରକୁ ଜଳ ଯୋଗାଣ କରାଯାଉଛି। ଏଥିପାଇଁ ମଞ୍ଚେଶ୍ୱର ହାଇଟେକ୍ ଛକ ନିକଟରେ ନଦୀର କିଛି ଅଞ୍ଚଳକୁ ଅବନ୍ଧ କରାଯାଇ ସେଠାରୁ ହାଇ ପ୍ରେସରାଇଜ୍ ମୋଟେର ଯୋଗେ ପଲାଶୁଣିସ୍ଥିତ ଜଳ ବିଶୋଧନାଗାରକୁ



ଜଳ ଯୋଗାଯାଉଛି। ଏଠାରୁ ୱାଟକୋ ପାଇପ୍ ଯୋଗେ ଭୁବନେଶ୍ୱରର ଗଳିକନ୍ଦିକୁ ପାନୀୟ ଜଳ ଯୋଗାଉଛି। ହେଲେ ମଞ୍ଚେଶ୍ୱର ହାଇଟେକ୍ ଛକ ନିକଟସ୍ଥ ପୋଲରେ ଉପରୁ ଲୋକେ ନିୟମିତ ଅଳିଆ ଫେପାଡୁଛନ୍ତି। ଏଠାରୁ ମାତ୍ର ଶହେ ମିଟର ଦୂରରେ ମୂର୍ତ୍ତି ବିସର୍ଜନ କରାଯାଉଛି। ୨ଦିନ ମଧ୍ୟରେ ହଜାର ହଜାର ମୂର୍ତ୍ତି ଏଠାରେ ବିସର୍ଜନ କରାଯାଇଛି। ଆଗକୁ ମଧ୍ୟ ଏଠାରେ ମୂର୍ତ୍ତି ବିସର୍ଜନ କରାଯିବ। ରାଜଧାନୀବାସୀ ଯେଉଁ ପାଣି ପିଉଛନ୍ତି, ମୂର୍ତ୍ତିଗୁଡ଼ିକରୁ ବାହାରୁ ଥିବା କେମିକାଲ, ରଙ୍ଗ ଏବଂ କୁଢ କୁଢ ଆବର୍ଜନା ଏହି ପାଣିରେ ମିଶୁଛି। ଏହାକୁ ନେଇ ୱାଟକୋର କିଛି ଅଧିକାରୀ ମଧ୍ୟ ଚିନ୍ତାପ୍ରକଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି କୁଆଖାଇ ନଦୀ ପଠାରେ ଅସ୍ଥାୟୀ ପୋଖରୀ ନିର୍ମାଣ କରିଥିଲା। ଏହି ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବାକୁ ରାଜଧାନୀବାସୀଙ୍କୁ ନିବେଦନ କରାଗଲା। ଫଳରେ ମୂର୍ତ୍ତିଗୁଡ଼ିକରୁ ବାହାରୁଥିବା ବିଷାକ୍ତ କେମିକାଲ, ରଙ୍ଗ ଏବଂ ଆବର୍ଜନା ନଦୀ ଜଳରେ ମିଶିବ ନାହିଁ। ହେଲେ ବିଏମ୍‌ସିର ଖାମଖିଆଲି ଗୁଣ ଯୋଗୁଁ ଅସ୍ଥାୟୀ ପୋଖରୀର ସଠିକ ଭାବେ ପ୍ରଚାରପ୍ରସାର ହୋଇପାରିଲା ନାହିଁ କିମ୍ବା ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ପାରିଲା ନାହିଁ। ଏଣୁ ରାଜଧାନୀରେ ବିଏମ୍‌ସିର ଅସ୍ଥାୟୀ କୁଣ୍ଡ ବ୍ୟବସ୍ଥା ଫେଲ୍ ମାରିଲା। କେବଳ ପୂଜା ଅନୁମତି ନେଇଥିବା ପ୍ରାୟ ୩୫୦ ଅନୁଷ୍ଠାନକୁ ଛାଡିଦେଲେ ହଜାର ହଜାର ମୂର୍ତ୍ତିକୁ ରାଜଧାନୀବାସୀଙ୍କ ପାଇଁ ଜଳ ସଂଗ୍ରହ ହେଉଥିବା ସ୍ଥାନ ନିକଟରେ ବିସର୍ଜନ କରାଗଲା। କେବଳ ମୂର୍ତ୍ତି ବିସର୍ଜନ ନୁହେଁ; ଅନେକ ସମୟରେ ଏଠାରେ ଲୋକେ ଧାର୍ମିକ ବର୍ଜ୍ୟ ଏବଂ ଅନ୍ୟାନ୍ୟ ବର୍ଜ୍ୟ ସିଧାସଳଖ ଫୋପାଡୁଛନ୍ତି।

## କୁକୁରଙ୍କ ପାଇଁ ହେବ ଶ୍ମଶାନ



**ଭୁବନେଶ୍ୱର :** କୁକୁରଙ୍କ ପାଇଁ ଶ୍ମଶାନ କରିବେ ସରକାର। ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର କିଛି ପ୍ରମୁଖ ସହରରେ ଶ୍ମଶାନ କରାଯିବ। ଗୃହରେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ପ୍ରଶ୍ନରେ ନଗର ଉନ୍ନୟନ ମନ୍ତ୍ରୀ ଏହି ଉତ୍ତର ଦେଇଛନ୍ତି। ମନ୍ତ୍ରୀ ଲିଖିତ ଭାବେ କହିଛନ୍ତି ଯେ, ଯଦିଓ ଏବେ ଯାଏଁ ବିଭାଗ ଏ କଥାକୁ ବିଚାର କରି ନାହିଁ, କିନ୍ତୁ ବିଧାୟିକାଙ୍କ ଏହି ପ୍ରସ୍ତାବ ପ୍ରଶଂସନୀୟ। ତେଣୁ ପରିବେଶ ଦିଗ ଏବଂ ଜନସ୍ୱାସ୍ଥ୍ୟ ସୁବିଧାକୁ ମୂଲ୍ୟାଙ୍କନ କରି ସମ୍ପୃକ୍ତ କ୍ଷେତ୍ରର ହିତାଧିକାରୀ ଏବଂ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଏଭଳି ସୁବିଧା ସୃଷ୍ଟି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ।

## ରାଜ୍ୟରେ ବଢୁଛି ବେକାରୀ ହାର

**ଭୁବନେଶ୍ୱର :** ପିରିୟଡିକ୍ ଲେବର ସର୍ଭେର ତଥ୍ୟ ଅନୁଯାୟୀ ଦେଶରେ ବେକାରୀ ହାର ୩.୨ ପ୍ରତିଶତ ରହିଥିବା ବେଳେ ରାଜ୍ୟରେ ତାହା ୩.୯ ପ୍ରତିଶତରେ ପହଞ୍ଚିଛି। ଅତୀତରେ କେନ୍ଦ୍ର ସରକାର ବର୍ଷକୁ ୨ କୋଟି ନିଯୁକ୍ତି କଥା କହିଥିଲେ। ମାତ୍ର ତାହା ଧୂଆଁବାଣ ସାବ୍ୟସ୍ତ ହୋଇଛି। ତେଣୁ ରାଜ୍ୟ ସରକାର ନିଯୁକ୍ତି ନେଇ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରନ୍ତୁ। ଖାଲି ପଦବୀ ପୂରଣ ସହ ଚୁକ୍ତିଭିତ୍ତିକ ନିଯୁକ୍ତି ବନ୍ଦ କରି ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି ବିଧାନସଭାରେ ଦାବି କରିଛନ୍ତି ବିରୋଧୀ। ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ୨୦୧୪ ପୂର୍ବରୁ କେନ୍ଦ୍ରର ବିଜେପି ସରକାର ୨ କୋଟି ଚାକିରି ଦେବେ କହିଥିଲେ। ନିର୍ବାଚନ ଜିତିବା ପରେ କହିଲେ ୧ କୋଟି ଲୋକଙ୍କୁ ଚାକିରି ଦେବୁ। ସେ ପ୍ରତିଶ୍ରୁତି ସବୁ କୁଆଡେ ମିଳେଇ ଗଲା। ଏବେ ରାଜରାସ୍ତାରେ ହଜାର ହଜାର ଶିକ୍ଷିତ ବେକାରୀ ଅଛନ୍ତି। ମାତ୍ର ସରକାର ଅବସର ନେଇଥିବା କର୍ମଚାରୀ ଓ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରୁଛନ୍ତି। ଏପରି ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରାଯାଉ। ବିଧାୟିକା ସୋଫିଆ ଫିରଦୋସ୍ କହିଥିଲେ



ଯେ ସରକାର ପଦବୀ ପୂରଣ ନେଇ ସରକାରଙ୍କ ନିକଟରେ କିଛି ସ୍ପଷ୍ଟତା ନାହିଁ। ଗ୍ରୁପ-ସି ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତି ଅଭିଯୋଗ ଆସିଛି। ଟଙ୍କା ନେଇ ମାର୍କ ଅଧିକ ଦିଆଯାଇଛି, ଚାକିରି ବିକ୍ରି ହେଉଛି ବୋଲି ଅଭିଯୋଗ ହୋଇଛି। ସରକାର ତାହାର ତଦନ୍ତ କରନ୍ତୁ। ମେକ୍ ଇନ୍ ଓଡ଼ିଶାରେ ପୂର୍ବ ସରକାର ଯେଉଁ କମ୍ପାନୀଗୁଡ଼ିକ ସହ ଏମଓୟୁ କରିଥିଲେ, ତାହା କିପରି କାର୍ଯ୍ୟାନ୍ୱୟନ ହୋଇପାରିବ, ସେନେଇ ନୂଆ ସରକାର କାମ କରୁ ବୋଲି ସୋଫିଆ କହିଥିଲେ। ବିଜେଡି ବିଧାୟକ ଗଣେଶ୍ୱର ବେହେରା ମୂଳ ପଦବୀ ପୂରଣ, ନୂଆ ନିଯୁକ୍ତି, ଠିକା ନିଯୁକ୍ତି ଉଚ୍ଛେଦ ପ୍ରମୁଖ ପ୍ରସଙ୍ଗ ଉଠାଇ ଉଦବେଗ ପ୍ରକାଶ କରିଥିଲେ। ମନ୍ତ୍ରୀ ଯେଉଁ ନିଯୁକ୍ତି ପ୍ରଦାନ କଥା କହୁଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ। ଓଡ଼ିଶାର ୪୧.୬ ପ୍ରତିଶତ ଯୁବକ ବେକାର ଅଟନ୍ତି। ଗତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟରେ ୧୧୦୪୨୨୪ ଜଣ ବେକାରୀ ରହିଛନ୍ତି। ଅପରପକ୍ଷେ ରାଜ୍ୟରେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଦ୍ୱାରା ପରିଚାଳିତ ହୋଇଥିବା ପରୀକ୍ଷାରେ ଦୁର୍ନୀତି ହୋଇଛି। ସରକାର ପରୀକ୍ଷାରେ ସ୍ୱଚ୍ଛତା ରଖନ୍ତୁ ବୋଲି ସେ କହିଥିଲେ। ସେହିଭଳି ବିଜେଡି ବିଧାୟକ ରମେଶ ବେହେରା, ସାରଦା ପ୍ରସନ୍ନ ଜେନା ମଧ୍ୟ ବେକାରୀ ସମସ୍ୟା ପୂରଣ ନେଇ ସରକାର ଏମଏସଏମଇ ଏବଂ କୁଟୀର ଶିଳ୍ପ ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ ପୂର୍ବ ସରକାର ୨୦୨୨ ଅକ୍ଟୋବର ୧୬ ତାରିଖରେ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା ନେଇ ଘୋଷଣା କରିଥିଲେ। ମାତ୍ର ତାହା କାର୍ଯ୍ୟକାରୀ ହୋଇ ନାହିଁ। ସେହିପରି ଦଳର ଅନ୍ୟ ବିଧାୟକ ମାନସ କୁମାର ଦତ୍ତ, ବିଭୂତି ପ୍ରଧାନ, ଇରାଶିଷ୍ ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବନ୍ଦ ହେବ ଭୁବନେଶ୍ୱରର ସବୁ ମୁକୁଳା ଡ୍ରେନ୍

**ଭୁବନେଶ୍ୱର :** ବିଧାନସଭାରେ ଉଠିଲା ଭୁବନେଶ୍ୱରରେ ମୁକୁଳା ଡ୍ରେନ ପ୍ରସଙ୍ଗ। ଭୁବନେଶ୍ୱରରେ ସମୁଦାୟ ୧ ହଜାର ୯୦୭ କିଲୋମିଟର ଡ୍ରେନ ମଧ୍ୟରୁ ଏବେ ମୁକୁଳା ରହିଛି ୯୫ କିଲୋମିଟର। ବିଏମସି ଅଧିନରେ ୧୪ ଶହ ୪୮ ଦଶମିକ ୨ କିଲୋମିଟର ଡ୍ରେନ ଥିବା ବେଳେ ସେଥିରୁ ୬୮ ଦଶମିକ ୨ କିଲୋମିଟର ମୁଖ୍ୟନାଳ ରହିଛି। ଏହା ସହ ୧୩ ଶହ ୮୦ କିଲୋମିଟର ଶାଖାନାଳା ଥିବା ବେଳେ ୨୭ କିଲୋମିଟର ଡ୍ରେନ ଏବେ ବି ସ୍ଲାବ ପଡିନି। ସେହିଭଳି ପୂର୍ତ୍ତ ବିଭାଗ ଅଧିନରେ ଥିବା ୩୬୦ କିଲୋମିଟର, ଇଡକୋ ଅଧିନରେ ଥିବା ୬୫ କିଲୋମିଟର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ୩୪ ଦଶମିକ ୫ କିଲୋମିଟର ଡ୍ରେନରେ ସ୍ଲାବ ପଡ଼ିଛି। ଏ ନେଇ ୨ଶହ କୋଟି ଟଙ୍କାର ବଜେଟ୍ ଆଲୋକେଟ୍ ହୋଇଛି। ସବୁ ମୁକୁଳା ଡ୍ରେନ କଭର କରିବାକୁ ନିର୍ଦ୍ଦେଶ ହୋଇଛି। ଏନଜିଟି ଗାଇଡ ଲାଇନ୍ ଅନୁସାରେ ସବୁ ମୁଖ୍ୟ ଡ୍ରେନକୁ କଭର କରି ହେବନି। ତେଣୁ ଏହା ଚାରିପଟେ ବ୍ୟାରିକେଟିଂର



ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ହୋଇଛି। ଡିସେମ୍ବର ମାସ ଭିତରେ କାମ ଶେଷ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ସେପଟେ ନାଳ ସବୁ ଆର ଆଣ୍ଡ ବି, ଇଡକୋ, ଏନଏଚଆଇ ଓ ବିଏମସିର ରହିଛି ଓ ବିଏମସି ଅଧୀନରେ ୨୭ କିଲୋମିଟର ଡ୍ରେନ ରହିଛି। ନିର୍ବାଚନ ପୂର୍ବରୁ କାମ ପାଇଁ ଅର୍ଡର ଆସିଥିଲା କିନ୍ତୁ କୋଡ ଅଫ କଣ୍ଡକ୍ଟ ପାଇଁ କାର୍ଯ୍ୟ ହୋଇ ପାରିନଥିଲା। ବର୍ତ୍ତମାନ କାର୍ଯ୍ୟ ଜାରି ରହିଛି। ଅନ୍ୟ କୌଣସି ବିଭାଗ କାର୍ଯ୍ୟ ବିଏମସି କରି ପାରିବ ନାହିଁ। ଏହି ୨୭ କିଲୋମିଟର ମୁକୁଳା ଡ୍ରେନ ଉପରେ ସ୍ଲାବ ପକାଇବା କାମ ଚାଲିଥିବା ଥିବା କହିଛନ୍ତି ବିଏମସି ମେୟର ସୁଲୋଚନା ଦାସ।

## '୫ ବର୍ଷରେ ୧ ଲକ୍ଷ ୫୦ ହଜାର ପଦବୀ ପୂରଣ ହେବ'

**ଭୁବନେଶ୍ୱର :** ରାଜ୍ୟରେ ଆସନ୍ତା ୫ ବର୍ଷରେ ୧ ଲକ୍ଷ ୫୦ ହଜାର ପଦବୀ ପୂରଣ ହେବ। ଆସନ୍ତା ୨ ବର୍ଷ ମଧ୍ୟରେ ସରକାର ୬୫ ହଜାର ପଦବୀ ପୂରଣ କରିବେ। ଖାଲି ପଡିଥିବା ମୋଟ ୩୪ ହଜାର ୬୮୬ ଖାଲି ପଦବୀକୁ ଆସନ୍ତା ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି। ସେହିପରି ଚଳିତମାସ ଶେଷ ସୁଦ୍ଧା ସ୍କୁଲ ଓ ଗଣଶିକ୍ଷା ବିଭାଗର ସର୍ବାଧିକ ଖାଲି ପଡିଥିବା ୨୧ ହଜାର ୯୭୯ ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ ଆଣିବାକୁ ନିଷ୍ପତ୍ତି ନେଉଛନ୍ତି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

### ନିର୍ମାଣ ଶ୍ରମିକଙ୍କ ପାଇଁ ମୋହନ ସରକାରଙ୍କ ବଡ଼ ଘୋଷଣା

# ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ମିଳିବ ୬ ଲକ୍ଷ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ପକ୍ଷରୁ ବଡ଼ ଘୋଷଣା କରାଯାଇଛି। ନିର୍ମାଣ ଶ୍ରମିକଙ୍କ ପାଇଁ ଅନୁକମ୍ପାମୂଳକ ସହାୟତା ରାଶିରେ ସରକାର ବୃଦ୍ଧି ଘୋଷଣା କରିଛନ୍ତି। ନିର୍ମାଣ ଶ୍ରମିକମାନେ ପୂର୍ବରୁ ପାଉଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ଏବେ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏହା ନିର୍ମାଣ ଶ୍ରମିକଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହୋଇପାରିବ। ପୂର୍ବରୁ ନିର୍ମାଣ ଶ୍ରମିକଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟଣାରେ ଅନୁକମ୍ପାମୂଳକ ସହାୟତା ୪ଲକ୍ଷ ଟଙ୍କା ମିଳୁଥିବାବେଳେ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କା ମିଳୁଥିଲା। ଆପଣମାନେ ହେଉଛନ୍ତି ନିର୍ମାଣର ମେରୁଦଣ୍ଡ। ରାସ୍ତା, ଘାଟ, କୋଠା ବାଡ଼ି, କଳ କାରଖାନା, ବନ୍ଦର, ବିମାନ ବନ୍ଦର, ଶିକ୍ଷାୟତନ, ଡାକ୍ତରଖାନା, ଯେ କୌଣସି ନିର୍ମାଣ ହେଉ, ଆପଣମାନଙ୍କ ବିନା ଏସବୁର ପରିକଳ୍ପନା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟରଠାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଈଶ୍ୱରଙ୍କ ପରିକଳ୍ପନାରେ ମଣିଷ ହିଁ ଏଭଳି ଏକ ସୃଷ୍ଟି, ଯିଏ ସର୍ଜନା କରିପାରେ, ଭାବିପାରେ ଓ ନିର୍ମାଣ କରିପାରେ। ଗଢିବାର ପ୍ରକ୍ରିୟା ଟି ହେଲା ନିର୍ମାଣ। ନିର୍ମାଣ ପାଇଁ ଶ୍ରମର ଯୋଗଦାନ ସବୁଠୁ ଅଧିକ। ଆମ କୁଶଳୀ ଶ୍ରମିକମାନେ ସାଧାରଣକୁ ଅସାଧାରଣ କରିପାରନ୍ତି। ସିମେଣ୍ଟ, ବାଲି, ଗୋଡିକୁ ବ୍ୟବହାର କରି ଗଢ଼ି ପାରନ୍ତି ସୁନ୍ଦର ଅଟ୍ଟାଳିକା। ଲୁହା, ଇସ୍ପାତ, ଆଲୁମିନିୟମକୁ ବ୍ୟବହାର କରି ତିଆରି କରନ୍ତି କଳ କାରଖାନା। ପିଚୁ, ଗୋଡି, ବଜୁରିକୁ ମିଶ୍ରଣ କରି ନିର୍ମାଣ କରନ୍ତି ସୁନ୍ଦର



ରାସ୍ତା। ତେଣୁ ଯଥାର୍ଥରେ ସେମାନେ ହେଉଛନ୍ତି ପ୍ରକୃତ ରାଷ୍ଟ୍ର ନିର୍ମାତା। ନିର୍ମାଣ କ୍ଷେତ୍ର କେବଳ ଆମ ଅର୍ଥନୀତିକୁ ସମୃଦ୍ଧ କରେ ନାହିଁ, ଏହା ମଧ୍ୟ ବ୍ୟାପକ କର୍ମସଂସ୍ଥାନ ଯୋଗାଇଥାଏ। ନିର୍ମାଣ କ୍ଷେତ୍ରରେ ଦେଖିବାକୁ ମିଳେ ପାରମ୍ପରିକ ଜ୍ଞାନ ସହିତ ଆଧୁନିକ ବୈଷୟିକ ବିଦ୍ୟାର ସମିଶ୍ରଣ। ଭୁବନେଶ୍ୱରକୁ ଆଧୁନିକତାର ରୂପ ଦେବାର ବିନ୍ଧାଣୀ ହେଉଛନ୍ତି ଆମର ଏହି ଶ୍ରମିକ ଭାଇମାନେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଶ୍ରମିକ ଭାଇମାନଙ୍କ ଅଭାବ ଅସୁବିଧା ଓ ପ୍ରତିକୂଳତାକୁ ସରକାର ଗୁରୁତ୍ୱର ସହ ଦୃଷ୍ଟି ରଖିଛନ୍ତି। ସେମାନେ କିପରି ସୁରକ୍ଷିତ ରହିବେ, ସେମାନଙ୍କ ଅଭାବ, ଅସୁବିଧା ସମୟରେ, ସେବା ନିବୃତ୍ତ ହେବା ପରେ କିମ୍ବା ଦୁର୍ଘଟଣା ଅଥବା ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରର ମଙ୍ଗଳକୁ ଦୃଷ୍ଟିରେ ରଖି ଗଢା ହୋଇଛି 'ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ'। ସେଥିପାଇଁ ସମସ୍ତେ ତାଙ୍କର ସାମାଜିକ ନିରାପତ୍ତା ପାଇବା ପାଇଁ ବୋର୍ଡରେ ନିଜ ନିଜର ନାମ ପଞ୍ଜିକୃତ କରିବା ଆବଶ୍ୟକ। ଅସୁବିଧା ସମୟରେ, ଏହି ସଂସ୍ଥା କେବଳ ଏକ ସରକାରୀ ସଂସ୍ଥା ନୁହେଁ, ବରଂ ଆପଣଙ୍କ ପ୍ରିୟ ବନ୍ଧୁ ଭାବେ ମଧ୍ୟ ସାବ୍ୟସ୍ତ ହେବ। ପ୍ରତି ଜିଲ୍ଲାରେ ଆପଣଙ୍କୁ ସାହଯ୍ୟ କରିବା ପାଇଁ ଶ୍ରମ ଅଧିକାରୀମାନେ ମଧ୍ୟ କାର୍ଯ୍ୟରତ ଅଛନ୍ତି। 'ମୋ ସେବା' ନାମରେ ଏକ ପୋର୍ଟାଲ ମଧ୍ୟ ଏଥିପାଇଁ କାର୍ଯ୍ୟ କରୁଛି। ନିର୍ମାଣ ଶ୍ରମିକଙ୍କ ପରିବାରର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ବୋର୍ଡ ପକ୍ଷରୁ ଏସବୁ ସୁବିଧା ସୁଯୋଗ କରାଯାଇଛି। ତେଣୁ ଆପଣମାନେ ସମସ୍ତେ ନିଜକୁ ଏହି 'ଶ୍ରମିକ କଲ୍ୟାଣ ବୋର୍ଡ' ରେ ସାମିଲ କରନ୍ତୁ ଓ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନିଅନ୍ତୁ। ଆମ ସରକାର ଆପଣମାନଙ୍କ ସହିତ ଅଛି ଓ ସବୁବେଳେ ରହିବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିର୍ମାଣ ଶ୍ରମିକଙ୍କ କଲ୍ୟାଣାର୍ଥେ ଓଡିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପୂର୍ବରୁ ମିଳୁଥିବା ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ସହାୟତା ରାଶିକୁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା ବୋଲି ଘୋଷଣା କରିଥିଲେ।

କାହା କଥାରେ ଯଦି କୌଣସି
ଭୁଲ୍ କିମ୍ବା ଠିକ୍
ହୋଇଯାଉଥାନ୍ତା, ତେବେ
ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ - ୨୨ ସେପ୍ଟେମ୍ବର, ୨୦୨୪

# ଅପେକ୍ଷାରେ ଜନତା



ସମ୍ପାଦକୀୟ
ତାରକ ମହାନ୍ତି

ଦୁଇଦିନ କାର୍ଯ୍ୟ ଦିବସ ବାକି ଥାଇ ସରିଲା ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ। ଅନେକ ଦୃଷ୍ଟିରୁ ଦେଖିଲେ ଏହି ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ପ୍ରଥମ ଥର ପାଇଁ ରାଜ୍ୟରେ ଭାରତୀୟ ଜନତା ପାର୍ଟି ବା ବିଜେପି ଏକାକୀ ସରକାର ଗଠନ କରିବା ପରେ ଏହା ଥିଲା ପ୍ରଥମ ଅଧିବେଶନ। ପ୍ରଥମ ଥର ପାଇଁ ଚଳିତ ବିଧାନସଭାରେ ବିଜୁ ଜନତା ଦଳ ବା ବିଜେଡି ବିରୋଧୀ ଆସନରେ ବସିଥିଲା। ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଆସନରେ ବସିଥିବା ନବୀନ ପଟ୍ଟନାୟକ ଏଥର ବିରୋଧୀ ଦଳ ନେତାଙ୍କ ଆସନରେ ବସିଥିଲେ। ଗତ ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ଆସନରେ ବସିଥିବା ମୋହନ ଚରଣ ମାଝୀ ଏଥର ମୁଖ୍ୟମନ୍ତ୍ରୀଙ୍କ ଆସନରେ ବସିଥିଲେ। ବିଧାନସଭା ଅଧିବେଶନର ଶେଷ ଦିବସରେ ସିଏଜି ଆଣିଥିବା ରିପୋର୍ଟରେ ନବୀନ ସରକାରଙ୍କ ସମୟର କେଳେଙ୍କାରୀ ସାମ୍ନାକୁ ଆଣିବା ଯେତିକି ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ରିପୋର୍ଟରେ ଥିବା ସାଙ୍ଘାତିକ ତଥ୍ୟ ନବୀନ ସରକାରଙ୍କ ମୁଖା ଖୋଲିଦେଇଛି। ନବୀନଙ୍କ ସମୟରେ କିଭଳି କାଳିଆ ଟଙ୍କା ଚଳୁ ହୋଇଛି ତାହାର ତଥ୍ୟ ଆସିଛି। କିପରି ୧୨.୭୨ ଲକ୍ଷ ଅଯୋଗ୍ୟଙ୍କୁ ବାଣ୍ଟିଥିଲେ ୭୮୨ କୋଟି ଟଙ୍କା. କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଏକ ଲୋକପ୍ରିୟ ଯୋଜନା 'କାଳିଆ'ରେ ହୋଇଥିବା ବ୍ୟାପକ କେଳେଙ୍କାରୀକୁ ଧରିଛି ସିଏଜି। କାଳିଆ ଯୋଜନା ନିୟମକୁ ମୋଡିମକଚି ପୂର୍ବ ସରକାର କିଭଳି ଲକ୍ଷ ଲକ୍ଷ ଅଯୋଗ୍ୟଙ୍କୁ ଟଙ୍କା ବାଣ୍ଟି ଦେଇଥିଲେ ନବୀନ ସରକାର। କେବଳ ଏତିକି ନୁହେଁ, ଖଣି କ୍ଷେତ୍ରରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ରିପୋର୍ଟଦେଇଛନ୍ତି ସିଏଜି। ଖଣି ରୟାଲଟି ଓ ପ୍ରିମିଅମ ଏଡାଇବାକୁ ନବୀନ ସରକାର କିଭଳି କାରସାଦି କରିଥିଲେ ତାହାକୁ ଧରିଛନ୍ତି ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି)। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ବୁଧବାର ବିଧାନସଭାରେ ଉପସ୍ଥାପନ କରିଥିବା ଖଣି ରାଜସ୍ୱ ସମ୍ପର୍କିତ ଅଡିଟ ରିପୋର୍ଟରେ ଏ ସଂକ୍ରାନ୍ତରେ ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି। ପୂର୍ବ ସରକାର କିଭଳି ଖଣି କାରସାଦିରୁ ୧୪୪୫୭ କୋଟି ଗିଳି ଦେଇଥିଲେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ନବୀନଙ୍କ ସମୟରେ ପରିବେଶ ସୁରକ୍ଷାର ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ଜଣାପଡିଛି। ଏଥିରୁ ବିଚାର କରନ୍ତୁ ପୂ୍ର୍ବ ସରକାରର ବିଗତ ଦଶ ବର୍ଷରେ ଯୋଜନା ନାଁରେ କେତେ ଅର୍ଥ ହରିଲୁଟ ହୋଇଛି। ପ୍ରଚାର ସର୍ବସ୍ୱ ନବୀନ ସରକାର ଦୁର୍ନୀତିକୁ କିଭଳି ପ୍ରୋତ୍ସାହନ ଦେଇଥିଲେ ଏବେ ଦୈନିକ ଭିଜିଲାନ୍ସ ହାତରେ ଧରା ପଡୁଥିବା ବାବୁଙ୍କ ତାଲିକା ଦେଖିଲେ ସ୍ପଷ୍ଟ ଜାଣିହେବ। ପ୍ରତି ବିଭାଗରେ ଲାଞ୍ଚ, ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରି କିଭଳି ଶାସନ ଚଳାଇଥିଲେ ତାହା ରାଜ୍ୟବାସୀଙ୍କୁ ଆଉ ବୁଝିବାକୁ ବାକିନାହିଁ। ନଈ ପାହାଡ଼ ଜଙ୍ଗଲ ଜମି ସବୁକିଛି ଅନାୟାସରେ ବିକ୍ରି ଚାଲିଥିଲା। ଜନତା ମାଗଣା ଖାଇବା ଚିନ୍ତାରେ ରାଜ୍ୟର ଅବନତି ଓ ଉନ୍ନତି କଣ ହେଉଛି ତାହା ଜାଣିବାର ସୁଯୋଗ ତାଙ୍କ ନିକଟରେ ନଥିଲା। ଗୋଟିଏ ଜାତିକୁ ବିଲୁପ୍ତ କରି ତାଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ କରି କିଭଳି ଏ ରାଜ୍ୟକୁ ଦରିଦ୍ର କରିହେବ ତାହାର ସୁଚିନ୍ତିତ ଯୋଜନା କରିଥିଲେ କିଛି ଅଣଓଡ଼ିଆ ଅଫିସର। ଯାହାଙ୍କ ପଛରେ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ସମର୍ଥନ ରହିଥିଲା। ଏପରିକି ରାଜ୍ୟର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଧୂଳିସାତ କରି ନୂଆ ଓ ନାଁରେ ଗୋଟେ ଅଜବ ଯୋଜନା ବି କାର୍ଯ୍ୟକାରୀ କରାଯାଇଥିଲା ଏବଂ ଏହାର ମହାନାୟକ ଥିଲେ ଭିକେ ପାଣ୍ଡିଆନ। ଯିଏ ନବୀନ ନିବାସରେ ରହି ପୁଣିଥରେ କର୍ଣ୍ଣମନ୍ତ୍ର ଦେଉଛନ୍ତି। ହାରିବା ପରେ ବି ନବୀନ ପଟ୍ଟନାୟକ ନିଜର ତ୍ରୁଟି ସୁଧାରିବା ବଦଳରେ ସେହି କତିପୟ ଅଣଓଡ଼ିଆଙ୍କ କବଳରୁ ମୁକୁଳି ପାରୁନାହାନ୍ତି। ଏହାର କାରଣ କଣ ହୋଇପାରେ ? ସେ ଯାହା ବି ହେଉ, ଭଲ ଓ ମନ୍ଦର ହିସାବ ନିକାଶ ଜନତା ହିଁ କରିବେ। ଭଲ କାର୍ଯ୍ୟର ପ୍ରଶଂସା ଶୁଣିବାକୁ ଯଦି ଭଲ ଲାଗେ ମନ୍ଦ କାର୍ଯ୍ୟର ନିନ୍ଦା ଶୁଣିବାକୁ ମଧ୍ୟ ନିଜକୁ ମାନସିକ ଭାବେ ପ୍ରସ୍ତୁତ କରିବାକୁ ପଡେ। ଜୀବନରେ ଏଭଳି ଅନେକ ଘଟଣା ଘଟିପାରେ, ଯାହାକୁ ଅପ୍ରତ୍ୟାଶିତ କୁହାଗଲେ ବି ଏହା ହିଁ ବାସ୍ତବତା। ସାଧାରଣ ନିର୍ବାଚନ ପୂର୍ବରୁ କେହି ଚିନ୍ତା ବି କରିନଥିଲେ ଯେ ନବୀନ ବାବୁଙ୍କ ଶାସନ ବଦଳି ମୋହନ ବାବୁ ବା ବିଜେପି ସରକାର ଆସିବ। ସାଧାରଣ ନିର୍ବାଚନ ପୂର୍ବରୁ ସରକାରୀ କାର୍ଯ୍ୟକ୍ରମ ନାଁରେ ଭିକେ ପାଣ୍ଡିଆନ ରାଇଜ ବୁଲି ବିଜେଡି ପାଇଁ ଧୁମ ପ୍ରଚାର କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ସହ ଯୁବ ପିଢ଼ି ଏବଂ ଛାତ୍ର ସମାଜକୁ ନାଚ ଗୀତ ଖାଦ୍ୟ ପାନୀୟ ଦେଇ ବଡ଼ ଖୁସି ହେଉଥିଲେ। ମହିଳା ମାନଙ୍କ ଠାରୁ ଆରମ୍ଭ କରି ସବୁ ବର୍ଗର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ନାନାଦି ପ୍ରତିଶ୍ରୁତି ଦେଇଥିଲେ। ମଠ ମନ୍ଦିର ବୁଲି ରାଜକୋଷରୁ ପାଣି ଭଳି ଟଙ୍କା ଖର୍ଚ୍ଚ କରିଦେଲେ। ନୂଆ ଓ ଏବଂ ନବୀନ ଓଡିଶା ନାଁରେ ଗୋଟେ ନୂଆ ଯୁଗର ଆରମ୍ଭ ବୋଲି ଚର୍ଚ୍ଚା ମଧ୍ୟ ହେଉଥିଲା। ତଥାପି ବିଜେଡି ସରକାର ଗଢିବାକୁ ସମର୍ଥ ହେଲାନାହିଁ ବରଂ ବିରୋଧୀ ଦଳ ନେତା ଆସନରେ ବସିବାକୁ ବାଧ୍ୟ ହେଲେ ନବୀନ ପଟ୍ଟନାୟକ। ତଥାପି ତାଙ୍କର ପୂର୍ବ ଚିନ୍ତାରେ ସାମାନ୍ୟ ପରିବର୍ତ୍ତନ ହୋଇନଥିବା ସ୍ପଷ୍ଟ ଜଣାପଡେ। କାରଣ ଅକ୍ଷୟ ମହାନ୍ତିଙ୍କ ସେଇ ଗୀତ ହାରି ଯାଇଥିବା ଲୋକର କି ଅଛି। ଯାଙ୍କ ପାଖରେ ସେଇ ପୁରୁଣା ଚକ୍ରବ୍ୟୂହ ରହି ଅସଲ ସୈନିକଙ୍କୁ ହତ୍ୟା କରିଥିବାର ଦକ୍ଷତା ରହିଛି। ଏହାର ଅର୍ଥ ନବୀନ କେବେ ଗଢି ନଥିଲେ ବିଜେଡି। ବିଜେଡି ଗଢ଼ା ହେବା ପରେ ବିଜୁ ବାବୁଙ୍କ ଜଣେ ଦାୟାଦ ଦରକାର ପଡିଲେ ବିଜେଡିର ମଙ୍ଗ ଧରିବା ପାଇଁ। ସେଥିପାଇଁ ଦିଲ୍ଲୀପ ରାୟ, ବିଜୟ ମହାପାତ୍ର, ସ୍ୱର୍ଗତଃ ରାମକୃଷ୍ଣ ପଟ୍ଟନାୟକ, ସ୍ୱର୍ଗତଃ ନଳିନୀ ମହାନ୍ତି ଓ ଅନ୍ୟାନ୍ୟ ଜନତା ପାର୍ଟିର ବରିଷ୍ଠ ନେତା ଦିଲ୍ଲୀ ଯାଇ ବିଜୁ ପରିବାରର ଜଣଙ୍କୁ ଓଡିଶା ପଠାଇବାକୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସହଧର୍ମିଣୀଙ୍କୁ ଅନୁରୋଧ କରନ୍ତେ ନବୀନ ଓଡିଶା ଆସିଥିଲେ। ଯେଉଁମାନେ ତାଙ୍କୁ ଓଡିଶା ଆଣିଲେ ସେମାନେ ଭାବିଥିଲେ ଓଡିଶା ରାଜନୀତିରେ ନବୀନ ନୂତନ, ତେଣୁ ଶାସନ ଏମାନଙ୍କ ହାତରେ ରହିବ, କ୍ଷମତା ରହିବ। ହେଲେ ଏହାକୁ ହଜମ କରିନଥିଲେ ନବୀନ। ସେତେବେଳେ ନବୀନଙ୍କ ବଡ଼ ପରାମର୍ଶଦାତା ସ୍ୱର୍ଗତଃ ପ୍ୟାରୀ ମୋହନଙ୍କ କଥାରେ ପଡି ନବୀନ ପୁରୁଣା ନେତାଙ୍କୁ ଦଳରୁ ବିତାଡିତ କରିବାର ଯୋଜନା କଲେ ଓ ସଫଳ ହେଲେ। ସେଇ ଛେଦନ ଫର୍ମୁଲାରେ ୨୪ ବର୍ଷ ଶାସନ କରି ବିଜେଡିର ଜଣେ ନେତାଙ୍କୁ ଆଗକୁ ଛାଡିଲେ ନାହିଁ କିମ୍ବା ସଠିକ ଭାବେ ନିଜେ ଆଗକୁ ନଆସି ଛାୟା ଶାସନର ଗୋଟେ ନୂଆ ଯୁଗ ଆରମ୍ଭ କରିଦେଲେ। ପ୍ୟାରୀଙ୍କୁ ବିତାଡିତ କରି ନିଜର ବ୍ୟକ୍ତିଗତ ସଚିବ ଭାବେ ଭିକେ ପାଣ୍ଡିଆନଙ୍କ ଦ୍ୱାରା ଓଡିଶା ଶାସନ ନିୟନ୍ତ୍ରଣ କରିଚାଲିଲେ। ଏଥିରେ ତାଙ୍କୁ ସହଯୋଗ କରିଚାଲିଲେ କିଛି ଅଣଓଡ଼ିଆ ସରକାରୀ ଅଧିକାରୀ ଏବଂ ସଫଳତାର ସବୁ ଶ୍ରେୟ ନେଲେ ନବୀନ। ଏକ ନମ୍ବର ନିଜେ ହେଲେ ଓ ରାଜ୍ୟ ପଛରେ ପଡିଲା। ଏହା ଥିଲା ଦୀର୍ଘ ୨୪ ବର୍ଷରେ ନବୀନଙ୍କ ଶାସନ ମଡେଲ। ଯିଏ ପାଇଲେ ସେ ତାଙ୍କୁ ଦ୍ୱିତୀୟ ଈଶ୍ୱର ଭାବିଲେ ଓ ପୀଡିତ ତ୍ରାହି ତ୍ରାହି ଡାକିଲେ। ଶୁଣିବାକୁ କେହି ନଥିଲେ ଓ ଦମନ କରୁଥିଲେ ପୋଲିସ। ଏକ ଚମତ୍କାର ଶାସନ ଇତିହାସ ନବୀନଙ୍କ ସମୟରେ ସୃଷ୍ଟି ହେଲା। ଯେଉଁ ରାଜ୍ୟର ସେ ମୁଖ୍ୟମନ୍ତ୍ରୀ ରହିଲେ ସେ ରାଜ୍ୟର ଭାଷା ଓ ସେ ରାଜ୍ୟର ଲୋକ ତାଙ୍କୁ ଗନ୍ଧାଉଥିଲେ। ଏହା ହିଁ ନବୀନ ବାବୁଙ୍କ ଅସଲ ସ୍ୱରୂପ ଯେଉଁଥି ପାଇଁ ୨୦୨୪ ନିର୍ବାଚନ ତାଙ୍କୁ ଚେତେଇ ଦେଇଛି। ତଥାପି ନବୀନ ତାଙ୍କ ଛଦ୍ମ ରୂପରୁ ବାହାରି ପାରିନାହାନ୍ତି। ପବନ ଚାବଲିଙ୍କ ରେକର୍ଡ ଭାଙ୍ଗିବାର ଯେଉଁ ସ୍ୱପ୍ନ ଦେଖିଥିଲେ ନବୀନ ବାବୁ ତାହା ଅଧୁରା ରହିଗଲା। ଏବେ ବିରୋଧୀ ଦଳ ନେତା ଆସନରେ ବସି ପୁରୁଣା ଦିନକୁ ହୁଏତ ସିଏ ମନେ ପକାଉଥିବେ। ହେଲେ କେଉଁଦିନ ମୋହନ ସରକାର ନବୀନ ସରକାରଙ୍କ ପାପ ପେଡି ଖୋଲିବେ ତାହାକୁ ସାଧାରଣ ଜନତା ଚାହିଁ ବସିଛନ୍ତି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସେକ୍ସଟୋରସନ୍: ଡିଜିଟାଲ୍ ମହାମାରୀ



ଡା ଇପ୍ସିତା ପ୍ରଧାନ

ମିଚିଗାନ୍, ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ମଧ୍ୟ ବୟସ୍କ ମହିଳା ଜେନିଫର ବ୍ୟୁଟା (ଜେନ୍)। ବର୍ଷେରୁ ଅଧିକ ହେଲା ସେ ଟିକ୍-ଟକ୍, ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଆଦିରେ ଅଭିଭାବକ ଏବଂ କିଶୋର ମାନଙ୍କ ପାଇଁ ସଚେତନତା ସୃଷ୍ଟିକାରୀ ଭିଡିଓ ଅପଲୋଡ଼ କରୁଛନ୍ତି। ତାଙ୍କର ଏହି ସଚେତନତା ଭିଡିଓ ଗୁଡିକ ମୁଖ୍ୟତଃ "ସେକ୍ସଟୋରସନ୍" (ଯୌନ ନିର୍ଯାତନା ମାଧ୍ୟମରେ ଟଙ୍କା ଅସୁଲ କରିବା) ଉପରେ ରହିଛି। ୨୫ ମାର୍ଚ୍ଚ, ୨୦୨୨ ପୂର୍ବରୁ ଜେନଙ୍କ ଜୀବନ ବି ଜଣେ ସାଧାରଣ ମା' ପରି ହିଁ ଥିଲା। କିନ୍ତୁ ସେହି ଦିନ ହଠାତ୍ ତାଙ୍କ ୧୭ ବର୍ଷ ବୟସ୍କ ବାସ୍କେଟବଲ୍ ଖେଳାଳି ପୁଅ ଜୋର୍ଡାନ୍ ନିଜକୁ ଗୁଳି କରି ଆତ୍ମହତ୍ୟା କରି ଥିଲେ। ଦୁର୍ଘଟଣାର ଡାଞ୍ଚରୁ ଜଣା ପଡିଲା ଯେ ମାର୍ଚ୍ଚ ୨୦୨୨ରେ ଜୋର୍ଡାନଙ୍କ ପାଖକୁ ଇନଷ୍ଟାଗ୍ରାମରେ ତାଙ୍କ ସମବୟସ୍କ ଜଣେ ଝିଅ ପାଖରୁ ମେସେଜ୍ ଆସିଥିଲା ଏବଂ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା। କିଛିଦିନ ପରେ ଝିଅଟି ତରଫରୁ ହିଁ ପ୍ରଥମେ ଜୋର୍ଡାନଙ୍କ ପାଖକୁ ତା'ର କିଛି ଆପତ୍ତିଜନକ ଫଟୋ ଆସିଥିଲା। ତା'ପରେ ଜୋର୍ଡାନଙ୍କୁ ଅନଲାଇନ୍ ବ୍ଲାକମେଲ୍ ବା ଧମକ ମିଳିବା ଆରମ୍ଭ ହୋଇଥିଲା, ଯେ ସେ ଟଙ୍କା ନଦେଲେ ତାଙ୍କର ଆପତ୍ତିଜନକ ଫଟୋ ଏବଂ ଏଥିରେ ସେ ସମ୍ପୃକ୍ତ ଥିବା କଥା ସୋସିଆଲ୍ ମିଡିଆ ତଥା ଆତ୍ମୀୟଙ୍କ ନିକଟରେ ପ୍ରଘଟ କରି ଦିଆ ଯିବ। ଜୋର୍ଡାନ ପ୍ରଥମେ ନିଜ ସାଧ୍ୟ ମତେ ଟଙ୍କା ମଧ୍ୟ ଦେଇଥିଲେ। କିନ୍ତୁ ସେହି ଅନଲାଇନ୍ ବ୍ଲାକମେଲରଙ୍କ କାର୍ଯ୍ୟପ୍ରଣାଳୀ ଏତେ ଭୟଙ୍କର ଏବଂ ଚାପ ସୃଷ୍ଟି କରିଥିଲା ଯେ, ଧମକ ପ୍ରକ୍ରିୟା ଆରମ୍ଭ ହେବାର ଛ'ଘଣ୍ଟା ମଧ୍ୟରେ ଜୋର୍ଡାନ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ତଦନ୍ତ କରି ଏଫ୍ ବି ଆଇ, ନାଇଜେରିଆରୁ ଦୁଇ ଭାଇଙ୍କୁ ଗିରଫ କରିଛି। କେବଳ ୧୭ ବର୍ଷୀୟ ଜୋର୍ଡାନ୍ ନୁହନ୍ତି, ତାଙ୍କ ପରି ହଜାର ହଜାର ପିଲା ଏହି ଅନଲାଇନ୍ ଯୌନ ନିର୍ଯାତନା ମାଧ୍ୟମରେ ଟଙ୍କା ଅସୁଲ କରିବା ବା ସେକ୍ସଟୋରସନ୍ ଶୀକାର ହେଉଛନ୍ତି। ସେବେଠାରୁ ଜେନ୍ ସୋସିଆଲ୍ ମିଡିଆରେ ଏହି ସଚେତନତା କାର୍ଯ୍ୟକ୍ରମ ଚଳାଇଛନ୍ତି। "ଏବେବି ମୁଁ ଜୋର୍ଡାନର ବଖରା ଖୋଲି ଭିତରକୁ ଯିବାର ସାହସ ଜୁଟାଇ ପାରେନି। ଏବେବି ତା' ବଖରା ଓ ଜର୍ସିରୁ ତା' ଝାଳ, ପରଫ୍ୟୁମର ବାସ୍ନା ଆସେ"; ଜେନଙ୍କୁ ଏହି କଥା ପଦକ କହୁଥିବାର ଦେଖିଲେ ଆପେ ଆଖିରେ ଲୁହ ଜକେଇ ଆସେ। କେବଳ ଜୋର୍ଡାନ୍ ନୁହନ୍ତି, ଯୁକ୍ତରାଷ୍ଟ୍ର ଆମେରିକାର ଆପରାଧିକ ପରିସଂଖ୍ୟାନ ଅନୁସାରେ ବର୍ଷ ୨୦୨୩ରେ ସମୁଦାୟ ୨୬୭୦୦ଟି ସେକ୍ସଟୋରସନର ମାମଲା ନଜରକୁ ଆସିଥିବା ବେଳେ ଅତିକମରେ ୨୭ ନାବାଳକ ଆତ୍ମହତ୍ୟା କରିଛନ୍ତି। ଏଫ୍ ବି ଆଇ ଅନୁଯାୟୀ, ଅକ୍ଟୋବର ୨୦୨୨ରୁ ମାର୍ଚ୍ଚ ୨୦୨୩ ଭିତରେ ନାବାଳକ ମାନଙ୍କ ମଧ୍ୟରେ ସେକ୍ସଟୋରସନର ମାମଲାରେ ହାରାହାରି ୨୦% ବୃଦ୍ଧି ଦେଖା ଯାଇଛି। କେବଳ ଯୁକ୍ତରାଷ୍ଟ୍ର ଆମେରିକା ନୁହେଁ ସମଗ୍ର ବିଶ୍ୱ ଏବଂ ଭାରତରେ ମଧ୍ୟ ଅନଲାଇନ୍ ସେକ୍ସଟୋରସନ୍ ମାମଲାରେ ବୃଦ୍ଧି ଘଟିଛି।

ଉପଲବ୍ଧ ଡାଟାକୁ ଅନୁଧ୍ୟାନ କଲେ ଜଣାପଡେ, ସେକ୍ସଟୋରସନ୍ ବର୍ତ୍ତମାନ ଭାରତରେ ଗୋଟିଏ ମାହାମାରୀର ରୂପ ଧାରଣ କରିଛି। ପ୍ରତିଦିନ ଦେଶରେ ଅତିକମରେ ୫୦୦ଟି ମାମଲା ଘଟୁଥିବା ବେଳେ ଏଥିରୁ ମାତ୍ର ୦.୫% ମାମଲାର ବିଧିବଦ୍ଧ ଭାବରେ ଅଭିଯୋଗ ଦର୍ଜ କରା ଯାଉଛି। ୨୦୨୨ରେ "ରିଭେଞ୍ଜ୍ ପର୍ନ ହେଲ୍ପଲାଇନ"ରେ ଦର୍ଜ କରାଯାଇଥିବା ସମସ୍ତ ମାମଲାର ୩୧% ସେକ୍ସଟୋରସନ୍ ଜନିତ ରହିଥିଲା। ଏଥିରୁ ୯୨% ମାମଲାରେ ପୁରୁଷ ହିଁ ପିଡୀତ ଥିଲେ। ଅକ୍ଟୋବର ୨୦୨୩ରେ ଟେଲିଗ୍ରାମ୍ ମାଧ୍ୟମରେ ବାଙ୍ଗାଲୋରର ଜଣେ ୨୩ ବର୍ଷୀୟ ଯୁବକ ୨ଘଣ୍ଟା ମଧ୍ୟରେ ୪୪୦୦୦ ଟଙ୍କା ହରାଇଥିଲେ। ବାଙ୍ଗାଲୋର ପୁଲିସ ଅନୁସାରେ ୨୦୨୩ରେ ଜାନୁଆରୀରୁ ଅକ୍ଟୋବର ମଧ୍ୟରେ ସହରରେ ସମୁଦାୟ ୮୪ଟି ସେକ୍ସଟୋରସନର ମାମଲା ଦର୍ଜ ହୋଇଥିଲା ଯେଉଁଥିରେ ସମୁଦାୟ ୯୮ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ସେମିତି ନଭେମ୍ବର'୨୩ରେ ମହାରାଷ୍ଟ୍ରର ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ମାର୍ଚ୍ଚ'୨୪ରେ ଦିଲ୍ଲୀର ଜଣେ ୭୧ ବର୍ଷ ବୟସ୍କ ଡାକ୍ତର ଅନଲାଇନ୍ ସେକ୍ସଟୋରସନର ଶୀକାର ହୋଇ ଯଥାକ୍ରମେ ୩.୭୫ଲକ୍ଷ ଟଙ୍କା ଓ ୯ଲକ୍ଷ ଟଙ୍କା ହରାଇ ଥିଲେ। କିନ୍ତୁ ସବୁଠାରୁ ଚାଞ୍ଚଲ୍ୟକର ସ୍କାମର ପର୍ଦାଫାସ୍ ପୁନେ ପୁଲିସ ଦ୍ୱାରା ହୋଇଥିଲା। ୨୦୨୨ରେ ପୁନେ ସହରର ୨୦ ଏବଂ ୨୨ ବର୍ଷର ଦୁଇଜଣ ଯୁବକ ପାଖାପାଖି ଦିନରେ ଆତ୍ମହତ୍ୟା କରିଥିଲେ। ମାମଲାର ଜାଞ୍ଚ୍ ସମୟରେ ପୁଲିସ ଦୁଇଜଣଙ୍କ ଆତ୍ମହତ୍ୟାର କାରଣ ସେକ୍ସଟୋରସନ୍ ଥିଲା ବୋଲି ଜାଣିଲେ। ଆଗକୁ ଜାଞ୍ଚ୍ ରେ ଜଣା ପଡିଥିଲା ଯେ ଦୁଇଜଣଙ୍କୁ ବ୍ଲାକମେଲ୍ ରାଜସ୍ଥାନର ଗୋଟିଏ ସ୍ଥାନରୁ କରା ଯାଇଛି। ପୁଲିସ ଯେତେବେଳେ ରାଜସ୍ଥାନର ସେହି ଗ୍ରାମରେ ପହଞ୍ଚିଲା ଜାଣିବାକୁ ପାଇଲା ଯେ ସେହି ଗାଁରେ ବାସ କରୁଥିବା ପାଖାପାଖି ୫୦୦ ପରିବାର ଏହି ଅନଲାଇନ୍ ସେକ୍ସଟୋରସନ୍ କାମ କରନ୍ତି। ଅର୍ଥାତ ସମ୍ପୂର୍ଣ୍ଣ ଗାଁ ହିଁ ଏ ପ୍ରକାର ଅନଲାଇନ୍ ଠକେଇ କାରବାରରେ ଲିପ୍ତ ଅଟେ। ବିଶ୍ୱ ଏବଂ ଭାରତରେ ନଜରକୁ ଆସୁଥିବା ସମସ୍ତ ଅନଲାଇନ୍ ସେକ୍ସଟୋରସନର ଘଟଣା ଗୁଡିକୁ ଅନୁଧ୍ୟାନ କଲେ ଜଣାପଡେ ଯେ ଏହି ଠକେଇ ଗୁଡିକରେ ସାଧାରଣତଃ ପୁରୁଷ ମାନେ ଅଧିକ ଶୀକାର ହେଉଛନ୍ତି। ସେଥି ମଧ୍ୟରୁ ଅଧିକାଂଶ ନାବାଳକ (କିଶୋର ଏବଂ ଆଦ୍ୟ ଯୁବାବସ୍ଥା ବା ୟଙ୍ଗ୍ ଆଡଲ୍ଟ ମେଲ୍) ରହିଛନ୍ତି। ବାସ୍ ଏହି ବିଷୟକୁ ନେଇ ହିଁ ଜେନ୍ ସୋସିଆଲ୍ ମିଡିଆରେ ଅଭିଯାନ ଚଳାଇଛନ୍ତି। ତାଙ୍କ ପରି ଲକ୍ଷଲକ୍ଷ ଅଭିଭାବକଙ୍କୁ ଅନଲାଇନ୍ ସେକ୍ସଟୋରସନକୁ ନେଇ ସଚେତନ କରିବା ପାଇଁ ଚେଷ୍ଟା ଜାରୀ ରଖିଛନ୍ତି।

ବିଶେଷଜ୍ଞଙ୍କ ମତରେ ଏସବୁ ପାଇଁ କେବଳ ଯେ ଇଣ୍ଟରନେଟର ବହୁଳ ବ୍ୟବହାର ଦାୟୀ ତା' ନୁହେଁ। ବରସ୍କ ବୟସ୍କ ମାନଙ୍କ ବ୍ୟବହାର ମଧ୍ୟ ସମାନ ଭାବରେ ଦାୟୀ। ଅନେକ ସ୍ଥାନରେ କିଶୋରଟିଏ ଯଦି ଏମିତି ଦୁର୍ଘଟଣାର ଶୀକାର ହୋଇ ଅଭିଭାବକ ପାଖରେ ପହଞ୍ଚେ, ତାହେଲେ ସେମାନେ ତାକୁ ମୁକାବିଲା କରିବାର ସାହସ ଏବଂ ସାହାଯ୍ୟ ଦେବା ପରିବର୍ତ୍ତେ ପ୍ରଥମେ ଗାଳି ଦେବା ସହ ତା' କାରଣରୁ ସେମାନଙ୍କୁ ସାମାଜରେ ଅପମାନ ସହିବା ପାଇଁ ପଡୁଛି ବୋଲି ଆରୋପ ଲଗାନ୍ତି। ଅନେକ ସମୟରେ ଅଭିଭାବକ ହିଁ ବ୍ଲାକମେଲରକୁ ଟଙ୍କା ଦେବା ଏବଂ ନିଜ ସନ୍ତାନକୁ ଚୁପ୍ ରହିବା ପାଇଁ କୁହନ୍ତି। ଅବଶ୍ୟ ଅନେକ ଅନଲାଇନ୍ କ୍ରାଇମ୍ ଏକ୍ସପର୍ଟ ମତ ଦିଅନ୍ତି ଯେ ସୋସିଆଲ୍ ମିଡିଆ ଆକାଉଣ୍ଟ ମାଧ୍ୟମରେ ଧମକ ଆସୁଥିବା ମେସେଜ୍ ଏବଂ କଲକୁ ଇଗନୋର୍ କରିବା, ବ୍ଲକ୍ କରିବା ଏହି ଅନଲାଇନ୍ ଠକଙ୍କ କାର୍ଯ୍ୟପ୍ରଣାଳୀକୁ ରୋକିବାର ଗୋଟିଏ ସହଜ ଉପାୟ। କାରଣ ଏମାନେ ଗୋଟିଏ ଶୀକାର ପାଖରେ ଅଧିକ ସମୟ ନଷ୍ଟ ନକରି ଅନ୍ୟ ଜଣକୁ ଟ୍ରାପ୍ କରିବା ପାଇଁ କାମରେ ଲାଗି ପଡନ୍ତି। କିନ୍ତୁ କେବଳ ବ୍ଲକ୍ କରି ଥରେ ନିଜେ ବଞ୍ଚିଯିବା ଦ୍ୱାରା ସମସ୍ୟାର ସମାଧାନ ମିଳିବା କଷ୍ଟ ହୋଇଯାଏ।

(କ୍ରମଶଃ)

# ଆତ୍ମହତ୍ୟା ଓ ନିରାକରଣ



ଶିବା କର୍ମୀ

ସୃଷ୍ଟି କର୍ତ୍ତା ଯେତେବେଳେ ବିଶ୍ୱଜଗତ ସୃଷ୍ଟି ସର୍ଜନା କଲେ, ସେ ସର୍ବପ୍ରଥମେ ଜଳ ବାୟୁ, ଗଛ ଲତା, କୀଟ ପତଙ୍ଗ ଓ ଜୀବଜନ୍ତୁ ଏବଂ ଶେଷରେ ମଣିଷକୁ ସୃଷ୍ଟି କରି, ଜୀବ ଜଗତରେ ମଣିଷକୁ ହିଁ ଶ୍ରେଷ୍ଠ ଜୀବ ବୋଲି ମାନ୍ୟତା ଦେଲେ। ପୃଥିବୀ ପୃଷ୍ଠରେ ସମୟ ଅନୁସାରେ ଖରା, ବର୍ଷା, ଶୀତ, ଉଷ୍ମ ଦିନ ରାତି ପରିବର୍ତ୍ତନ ଘଟେ, ଠିକ୍ ସେହିପରି ମନୁଷ୍ୟ ଜୀବନ କାଳ ମଧ୍ୟରେ ସୁଖ ଦୁଃଖ, ଶାନ୍ତି, ଅଶାନ୍ତି ଓ ଉନ୍ନତି ଅବନତି ହୁଏ। ସମତୁଳ ରକ୍ଷା କରି ମନୁଷ୍ୟ ଆଦର୍ଶ ଗୃହସ୍ଥ ଓ ଆନ୍ଦନରେ ଜୀବନ ଯାପନ କରେ ତାକୁ ହିଁ ଜୀବନ ରେ ଆଦର୍ଶ ନୀତି କହନ୍ତି। ବର୍ତ୍ତମାନ ସମୟରେ, ମନୁଷ୍ୟ ଆଦର୍ଶ ନୀତି ଅବଲମ୍ବନ କରିବାରେ ଅସମର୍ଥ ଅଟେ, କାରଣ ମନୁଷ୍ୟ ବ୍ୟସ୍ତବହୁଳ ଜୀବନ ଯାପନ, ଧର୍ଯ୍ୟହରା ଓ ଅବିଶ୍ୱାସୀ ଅଟେ। ନିଶାଦ୍ରବ୍ୟ ସେବନ ଓ ହିଂସା ଦ୍ୱାରା ଆଜିର ଯୁବ ସମାଜ ପଥ ଭ୍ରଷ୍ଟ ଓ ଶ୍ରୀହୀନ ହେଉଛନ୍ତି। ଯାହାଫଳରେ ମନୁଷ୍ୟ ଦୁଃଖ କଷ୍ଟ ରେ ଜୀବନ ଯାପନ କରୁଛି। ଶେଷରେ ନିଜର ଜୀବନକୁ ଭଗବାନ ଓ କଠିନ ପରିସ୍ଥିତି ମୂଳଚାଳ କରେ।

ମନୁଷ୍ୟ ଶରୀର ଏକ ମନ୍ଦିର ଅଟେ, ଏହି ମନ୍ଦିରରେ ଦୟା, କ୍ଷମା, ଶାନ୍ତି ଓ ଅହିଂସା ରେ ପରିପୂର୍ଣ୍ଣ। ମନ ଶରୀରର ପ୍ରବେଶ ପଥ ଅଟେ। ଏହି ପଥ ମାଧ୍ୟମରେ ମନକୁ ଅନେକ ସୁ ଚିନ୍ତା ଓ କୁ ଚିନ୍ତା ଆସେ। କିନ୍ତୁ ଲୋଭ, ମୋହ, କ୍ରୋଧ, ଅଂହକାର, କୋଠାରତା, ନିର୍ଦ୍ଦୟତା, ସମ୍ବେଦନଶୂନ୍ୟତା, ଇର୍ଷା, ଦ୍ୱେଷ ଆଦି ବ୍ୟକ୍ତିକୁ ବିଭ୍ରାନ୍ତ କରିବା ସହ ବ୍ୟଥା ଓ ବେଦନା ର କାରଣ ସାଜିଛି। ମନ ଭିତରକୁ ଯଦି ମଇଳା ପ୍ରବେଶ କରେ, ତେବେ ଭାବନା ବିଚାର ଅପରିଷ୍କୃତ ହୁଏ ଓ ଧୀରେ ଧୀରେ ସୁନ୍ଦର୍ ସ୍ୱଭାବ ସବୁ ଅପସରି ଯାଏ। ଆମର ଦୈନଦିନ ଜୀବନରେ ମଇଳା ସବୁ ମନରେ ଜମାଟ ହୋଇ ଦୀର୍ଘ ଦିନ ଧିର ରହିବା ଦ୍ୱାର ମନ ରୋଗାକ୍ରାନ୍ତ ହୋଇଯାଏ। କାରଣ କୁଚିନ୍ତା ସର୍ବଦା ମନକୁ ବ୍ୟସ୍ତ ବିବ୍ରତ ଓ ଅଶାନ୍ତ କରେ, ଯାହାଫଳରେ ଶରୀର ଓ ମନ କଷ୍ଟ ଅନୁଭବ କରେ। ଏହି କାରଣରୁ ମନରେ ସର୍ବଦା ନିଜପ୍ରତି, ନିଜର ଭବିଷ୍ୟତ ପ୍ରତି ଓ ସମାଜ ପ୍ରତି ନକରାତ୍ମକ ଚିନ୍ତା ଆସେ। ବର୍ତ୍ତମାନର ଅସ୍ତିତ୍ୱକୁ ମୂଲ୍ୟହୀନ ବୋଧ କରେ। ଶେଷରେ କଠୋର ନିଷ୍ପତ୍ତି (ଆତ୍ମହତ୍ୟା) ଗ୍ରହଣ କରେ।

୨୦୦୩ ମସିହା ଠାରୁ ସେପ୍ଟେମ୍ବର ୧୦ ତାରିଖ କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ରୂପେ ପାଳନ କରାଯାଉଅଛି। ଏହି ଦିବସର ମୁଖ୍ୟ ଲକ୍ଷ୍ୟ ହେଲା ସମାଜରେ ଆତ୍ମହତ୍ୟା ଉପରେ ସଚେତନ ସୃଷ୍ଟି କରିବା। ଏହି ବର୍ଷର ବିଷୟ ବସ୍ତୁ "ଆତ୍ମହତ୍ୟା ବିଷୟରେ ସ୍ୱର ପରିବର୍ତ୍ତନ କରନ୍ତୁ"।

ଆତ୍ମହତ୍ୟା ପାଇଁ ସମାଜ ଓ ପରିବାର ମୁଖ୍ୟ ଦାୟୀ। କାରଣ ଯେଉଁ ସମାଜ ଓ ପରିବାର ମନୁଷ୍ୟକୁ ସ୍ନେହ ଓ ଶ୍ରଦ୍ଧା ଦ୍ୱାର ବାନ୍ଧି ରଖେ। ତାର ସୁଖ ଓ ଦୁଃଖ ମନ ଖୋଲି ନିଜର ସମ୍ପର୍କୀୟ ଠାରେ ପ୍ରକାଶ କରେ। କାରଣ ଆଧୁନିକ ଦୁନିଆରେ ସେ ସବୁ ଆଉ ଦେଖିବାକୁ ମିଳୁନାହିଁ। ଯାହା ଫଳରେ ମନୁଷ୍ୟ ଏକୁଟିଆ, ଭାବହୀନ ଓ ଗତିହୀନ ଜୀବନ ଯାପନ କରୁଛି। ସାମାଜିକ ଗଣମାଧ୍ୟମ ଦ୍ୱାରା ଅଧିକ ମାତ୍ରାରେ ଆତ୍ମହତ୍ୟା ବିଷୟ ଉପରେ ପ୍ରଚାର ହେବା ଦ୍ୱାରା , ଜୀବନ ହାରିବା ପାଇଁ ଆତ୍ମହତ୍ୟା ଏକ ସହଜ ପନ୍ଥା ମନେ କରୁଛନ୍ତି। ସମଗ୍ର ଦେଶରେ ଯୁବବର୍ଗ ( ୧୫ ରୁ ୩୦) ମଧ୍ୟରେ ଅବସାଦ ଓ ଆତ୍ମହତ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଆତ୍ମହତ୍ୟାର ଏକ ପ୍ରମୁଖ କାରଣ ହେଉଛି ଅବସାଦ। ଯୁବବର୍ଗଙ୍କ ନିରାଶପଣ ଅନେକ ସମୟରେ ଅବସାଦ ଆଡ଼କୁ ଟାଣି ଆଣିଥାଏ। ଅବସାଦ ଏକ ମାନସିକ ରୋଗର କାରଣ ଅଟେ। ଏହାର ମୁଖ୍ୟ କାରଣ ଗୁଡିକ ହେଲା ପାରିବାରିକ କଳହ, ବୈବାହିକ ସମ୍ପର୍କରେ ତିକ୍ତତା, ପ୍ରେମରେ ବିଫଳ, ଆତ୍ମୀୟସ୍ୱଜନଙ୍କ ହଠାତ୍ ମୃତ୍ୟ ପରିସ୍ଥିତିକୁ ସମ୍ମୁଖିନ କରିବାରେ ବିଫଳ, ଲକ୍ଷ୍ୟ ହାସଲରେ ବିଫଳ, ବାଣିଜ୍ୟରେ କ୍ଷତି, ବେରୋଜଗାର, ଛାତ୍ରଛାତ୍ରୀ ମାନଙ୍କଠାରୁ ଅଭିଭାବକ ଏବଂ ଶିକ୍ଷକମାନଙ୍କର ଆଶା ଓ ଅପେକ୍ଷା ଦରକାରଠୁ ଅତ୍ୟଧିକ ରଖିବା, ଛାତ୍ରଛାତ୍ରୀ ପାଠ ପଢାରେ ବୋଝ ଓ କଷ୍ଟ ଅନୁଭବ କରିବା ସହିତ ପରୀକ୍ଷାରେ ବିଫଳ, ବାରମ୍ବାର ଶୋଷଣର ଶିକାର ହେବା ଓ ଦୀର୍ଘ ଦିନ ବିଭିନ୍ନ ରୋଗ ରେ ପୀଡିତ ଇତ୍ୟାଦି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପୃଥିବୀର ବିଭିନ୍ନ ବୟସରେ ୨୮ କୋଟି ରୁ ଅଧିକ ଲୋକ ଅବସାଦ ରୋଗ ରେ ଶିକାର ହେଉଛନ୍ତି। ଭାରତରେ ୫.୬ କୋଟି ଲୋକ ଅବସାଦ ରୋଗରେ ପୀଡିତ ଓ ୩ କୋଟିରୁ ଅଧିକ ଛାନିଆ ରୋଗରେ ପୀଡିତ।

ଜାତୀୟ ଅପରାଧ ବ୍ୟୁରୋ ରିପୋର୍ଟ ଅନୁସାରେ (୨୦୨୨) ୧, ୭୦, ୯୨୪ ଲୋକ ଆତ୍ମହତ୍ୟା କରିଛନ୍ତି। ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି ଓ ପ୍ରତି ୩ ସେକେଣ୍ଡରେ ଜଣେ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଭରତରେ ପାରିବାରିକ କଳହ (୩୧.୭ %) ଯୋଗୁଁ ସର୍ବାଧିକ ଆତ୍ମହତ୍ୟା କରିଥିବାବେଳେ ତା ପର କୁ ପର ବିଭିନ୍ନ ରୋଗ(୮.୪%), ନିଶା ଦ୍ରବ୍ୟ ସେବନ (୬.୮%), ବୈବାହିକ ସମ୍ପର୍କ ତିକ୍ତତା ( ୪.୮%) , ପ୍ରେମ ସମ୍ପର୍କରେ ବିଫଳତା (୪.୫%) , ଆର୍ଥିକ ସଙ୍କଟ (୪.୧%), ବେରୋଜଗାର (୧.୯%) ଓ ପରୀକ୍ଷାରେ ବିଫଳ ହୋଇ ୧.୨% ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଛାତ୍ରଛାତ୍ରୀ ମାନଙ୍କଠାରେ ଆତ୍ମହତ୍ୟା ମୁଖ୍ୟ କାରଣ ଗୁଟିକ୍ ହେଲା ପାଠପଢ଼ା ଚାପ,ପରୀକ୍ଷାରେ ବିଫଳତା, ପ୍ରେମରେ ବିଫଳତା ଓ ପିତାମାତାଙ୍କ ଚାପ । An epidemic sweeping India, The Annual International Career & College Counseling (IC3) Conference-2024 ଠାରେ ତଥ୍ୟ ପ୍ରକାଶ ପାଇଛି , ପ୍ରତିବର୍ଷ ୨% ଛାତ୍ରଛାତ୍ରୀ କରୁଥିବଳେ , ଜାତୀୟ ଅପରାଧ ନିୟନ୍ତ୍ରଣ ଅନୁସାରେ ୪ % ବୃଦ୍ଧି ପାଇଛି। ୦-୨୪ ବୟସ ର ଛାତ୍ର ଛାତ୍ରୀ ମାନଙ୍କର ଜନସଂଖ୍ୟା ୫୮.୨ କୋଟି ରୁ ୫୮.୧ ହ୍ରାସ ପାଇଛି। କିନ୍ତୁ ଭାରତରେ ଆତ୍ମହତ୍ୟା ରାଜ୍ୟଭିତକ ତୁଳନା ଅନୁସାରେ ମହାରାଷ୍ଟ୍ର (୧୩.୩%) , ତାମିଲନାଡୁ (୧୧.୮%) , ମଧ୍ୟପ୍ରଦେଶ (୯.୦%), କର୍ଣ୍ଣାଟକ (୮.୦%) ଏବଂ ୱେଷ୍ଟବେଙ୍ଗଲ (୭.୪%) ବୃଦ୍ଧି ପାଉ ଥିବାବେଳେ ଏହାର ଏକ ତୃତୀୟ ଆଂଶ ଅନ୍ୟରାଜ୍ୟ ଗୁଡିକରେ ଘଟେ।

**ଆସନ୍ତୁ ଜାଣିବା ଆତ୍ମହତ୍ୟାର ପୂର୍ବ ସଂକେତ ଗୁଡ଼ିକ**

**ମୌଖିକ ସ୍ତର :** ମରିବାକୁ ଇଛା ହେବା, ନିଜକୁ ଅପରାଧ ଓ ଲଜ୍ୟା ବୋଧ କରିବା ଓ ଅନ୍ୟ ମାନଙ୍କ ଉପରେ ନିଜକୁ ବୋଝ ମନେକରିବା। ଭାବନାତ୍ମକ ସ୍ତର : ଅତ୍ୟଧିକ ଚିନ୍ତା କରିବା, ହତାଶ ଲାଗିବା, ବଞ୍ଚିବାକୁ ଇଛା ନ ହେବା,ମନରେ ଖାଲି ଭାବ, ଜୀବନକୁ ମୂଲ୍ୟହୀନ ମନେ କରିବା, ଅତ୍ୟଧିକ ଦୁଃଖ ଲାଗିବା,କ୍ରୋଧ ଓ ପ୍ରତିଶୋଧ ଭାବନା ମନରେ ଜାଗ୍ରତ ହେବା ଓ ଅସହନୀୟ ଶାରୀରିକ ଓ ଭାବନାତ୍ମକ ଯନ୍ତ୍ରଣା। ବ୍ୟବହାରତ୍ମକ ସ୍ତର : ଗୋପନୀୟ ଭାବରେ ଆତ୍ମହତ୍ୟା ପାଇଁ ଯୋଜନ କରିବା ସହିତ ଅନୁସନ୍ଧାନ କରିବା, ସାଙ୍ଗସାଥୀ, ବନ୍ଧୁ ବାନ୍ଧବ ଓ ପ୍ରିୟଜନ ଠାରୁ ଦୂରେଇ ଯିବା, ନିଜର ଦରକାରୀ ତଥା ମୂଲ୍ୟବାନ ଜିନିଷ ପତ୍ର ଅନ୍ୟକୁ ଦେଇଦେବା , ହଠାତ୍ ଦୁଃ ସାହସିକ କାର୍ଯ୍ୟ କରିବା, ଖାଇବା ଓ ନିଦ୍ରା ରେ ବ୍ୟତିକ୍ରମ ଦେଖାଦେବା, ନିଶା ଦ୍ରବ୍ୟ ସେବନ କରୁନଥିବା ବ୍ୟକ୍ତି ହଠାତ୍ ନିଶା ଦ୍ରବ୍ୟ ସେବନ କରିବା ଓ ଅତ୍ୟଧିକ ମିଜାଜ୍ ବିଗିଡିଯିବା।

ଚିକିତ୍ସା ପଦ୍ଧତି : ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରି ମାନସିକ ରୋଗ ବିଶେଷଜ୍ଞ, ମନୋବିଜ୍ଞାନୀ ଓ ମାନସିକ ସାମାଜିକ କର୍ମୀ ଠାରୁ ପରାମର୍ଶ ଗ୍ରହଣ କରି। ଠିକ୍ ସମୟରେ ଔଷଧ ସେବନ କରିବା, ପ୍ରତିଦିନ ଯୋଗାସନ, ପ୍ରାଣାୟାମ ଓ ଧାର୍ମିକ ଚର୍ଚ୍ଚା ସଙ୍ଗେ ବିଭିନ୍ନ ଥେରାପି ଗ୍ରହଣ କରିବା ଆବଶ୍ୟକ। ମାନସିକ ରୋଗ ଉପରେ ଆବାଳବୃଦ୍ଧ ବନିତା ସମସ୍ତେ ସଚେତନ ହେବା ଜରୁରୀ ଅଟେ। ବୈଦ୍ୟ ଓ ତାନ୍ତ୍ରିକ ପାଖରେ ଚିକିତ୍ସା ନ ହୋଇ, ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଆଶା ସହିତ ସମ୍ପର୍କ ରଖନ୍ତୁ। ଛୋଟ ଛୋଟ କଥାରେ ଆତ୍ମହତ୍ୟା ନ କରି, ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖିନ କରି। ସେଠାରୁ କିଛି ଶିକ୍ଷା ଗ୍ରହଣ କରି, ନୂଆ ନୂଆ ଆଶାଓ ଜୀବନକୌଶଳ ମନରେ ସଂଚାର କରି। ଜୀବନକୁ ସୁନ୍ଦର୍ ଓ ମଧୁମୟ ଗଠନ କରନ୍ତୁ, ତାର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରନ୍ତୁ।

*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁର*
*ଦୂରଭାଷା : ୮୭୫୮୯୧୭୬୮୩*

# ଭାରତୀୟ ସଂସ୍କୃତିର ପୁନଃ ଆବିଷ୍କାର : ଯୁବ ସମାଜ ପାଇଁ ଏକ ଆହ୍ୱାନ



ସୋନାଲି ଗଡ଼ନାୟକ

ସୁପ୍ତ ପିଲାଳିଆମୀ ଅବଚେତନାର ଅନ୍ତ ଘଟିବା ପରେ ଆମେ ଯେଉଁ ଦୁନିଆର ଭିଡ଼ ଭିତରେ ଅଣ୍ଟା ଭିଡି ଦୌଡ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯେତେବେଳେ ନିଜର ଜ୍ଞାନ ସମ୍ବରଣ ହୁଏ ସେହିଦିନ ଠାରୁ ଗୋଟାଏ କଥାକୁ ନେଇ ସବୁଠି ଛାତି ଫୁଲେଇ ଗର୍ବରେ କହୁ ଆମ ଭାରତୀୟ ସଂସ୍କୃତି ସବୁଠୁ ସୁନ୍ଦର ଓ ମହାନ। ଆମ ସଂସ୍କୃତି ଆଜି ଦେଶ ଠାରୁ ଆରମ୍ଭ କରି ବିଦେଶ ଯାଏଁ ସବୁଠି ଚହଳ ପକାଇଛି, ଆମ ସଂସ୍କୃତି ଭଳି ସଂସ୍କୃତି ଆଉ କୌଣସି ଦେଶରେ ନାହିଁ। ଅତିଥି ଅବର୍ଚ୍ଚ୍ୟନା ହେଉଛି ଆମ ସଂସ୍କୃତିର ପ୍ରଥମ ମୂଳଦୁଆ, ସେମାନଙ୍କୁ ଭଗବାନ ବୋଲି କଳନା କରି ସେବା କରି ପୂଣ୍ୟ ଅର୍ଜିବାର ସୌଭାଗ୍ୟ କୌଣସି ଭାରତୀୟ ହାତ ଛଡା କରନ୍ତିନି। ତା ସହ ଆମ ଘରେ ଥିବା ଚଳନ୍ତି ଭଗବାନ ବାପା ଓ ମା ଆମ ଜୀବନର ଭଗବାନ ବୋଲି ଶିଖାଇ ଦେଇ ଆମ ସଂସ୍କୃତି ଏଥି ନିମନ୍ତେ ଶ୍ରେଷ୍ଠତ୍ୱ ର ଶିଖର ଛୁଇଁବା ପ୍ରୟାସରେ ରହୁଛି। ଅନେକ ନିୟମ ଓ ସଂସ୍କାର ଫେଣ୍ଟା ଫେଣ୍ଟି ହିଁ ଆମ ଭାରତୀୟ ସଂସ୍କୃତିର ଏକ ମୋହିନୀ ରୂପ। ହେଲେ ଏ ନିୟମ ଓ ସଂସ୍କାର ଯାହାଙ୍କ ପାଇଁ ଉଦିଷ୍ଟ ସେମାନେ ଆଜି ଦିଗହରା ଭଳି ସଠିକ ରାସ୍ତାରୁ ପାଦ କାଢି ନେଇ ମରୀଚିକାରେ ସାଜିଥିବା ରାସ୍ତାରେ ଦୌଡିବାକୁ ପ୍ରଚେଷ୍ଟା କରୁଛନ୍ତି, ଯାହା ଫଳରେ ପଡିଯାଇ ଆଣ୍ଠୁ, ଗଣ୍ଠି ସବୁ କ୍ଷତାକ୍ତ କରିପକାଉଛନ୍ତି। ଆମ ଦେଶର ଭବିଷ୍ୟତ ମାନେ ଆମ ଯୁବପିଢ଼ି ଧୀରେ ଧୀରେ ଆମ ସଂସ୍କୃତିଠାରୁ ନିଜକୁ ବହୁ ଦୂରରେ ରଖିବାକୁ ପ୍ରାଣ ପ୍ରଣେ ଉଦ୍ୟମ କରୁଛନ୍ତି। ମନ ଭିତରେ ବିମୁଖୀ, ବିଦେଶୀ ସଂସ୍କୃତିକୁ ଜାବୁଡି ଧରିବା, ନିଜ ପରମ୍ପରାର ସଠିକ ତଥ୍ୟର ସାମ୍ନା ନ କରିବା ହୁଏତ ଆମ ସଂସ୍କୃତି ଲୋପ ପାଇବାର ପ୍ରଥମ ସୋପାନର ଯାତ୍ରା ଆରମ୍ଭ କରୁଛନ୍ତି। ଧୀରେ ଧୀରେ ଶାଢ଼ୀ ପାଦୁର୍ଭାବ କମିବା ସହ ଜିନିସ୍‌ର ଚାହିଦା ଆମ ଭାରତୀୟ ବଜାରରେ ଲୋକପ୍ରିୟତା ହାସଲ କରିବାରେ ଲାଗିଛି। ବାହାଘର ବେଦୀରେ ଓଢଣୀ ଉଠାଇ ଖୁସିରେ ନାଚି କରି ଆସୁଛନ୍ତି। ଜନ୍ମଦିନରେ ପୂଜାପାଠ ଓ ଦାନଧର୍ମ ବଦଳରେ ପାଟି ଓ କ୍ଲବକୁ ନବାଗତାଙ୍କ ଭିଡ଼ ଜମୁଛି। ଆମ ମହାନ ଗ୍ରନ୍ଥ ରାମାୟଣ, ମହାଭାରତର କାହାଣୀର ଆଡମ୍ବରତା ଆଜି ବହୁତ କମ୍। ମାତା ସୀତା, ପ୍ରଭୁ ରାମଚନ୍ଦ୍ରଙ୍କ ଚରିତ୍ର ଅନୁସରଣ ବଦଳରେ ପରଦା ପଛର ନାୟକଙ୍କୁ ଅନୁସରଣ କରି ନିଜର ସର୍ବସ୍ୱ ତ୍ୟାଗ କରିବାକୁ ତିଳେ ହେଲେ କୁଣ୍ଠାବୋଧ କରୁନାହାନ୍ତି। ଆମେ ସିନା ଆଜି ବିଦେଶୀଙ୍କ ଲାଙ୍ଗୁଡ଼ ଧରି କୁଁ କୁଁ ହେଉଛି, ସେମାନେ କିନ୍ତୁ ଧୀରେ ଧୀରେ ଆମ ସଂସ୍କୃତିକୁ ବାହୁ ମେଲେଇ ସ୍ୱାଗତ କରୁଛନ୍ତି। ଆମ ଜଗନ୍ନାଥ ସଂସ୍କୃତି ପ୍ରତି ଆଗ୍ରହୀ ହୋଇ ଚିତା ଓ ଚୈତନ୍ୟକୁ ଧାରଣ କରି ପ୍ରଭୁଙ୍କୁ ସବୁ କିଛି ମାନିନେଉଛନ୍ତି। ନିଜ ଭାଷାକୁ ପରିତ୍ୟାଗ କରି ଆମ ରାଷ୍ଟ୍ର ଭାଷା ହିନ୍ଦୀରେ ସୁନ୍ଦର ପରବ୍ରହ୍ମଙ୍କ ଭଜନ ବୋଲୁଛନ୍ତି, ଯାହାକୁ ହୁଏତ ଆମ ଦେଶର ବହୁତ ଲୋକଙ୍କୁ ସେ ଭଜନ ଅଜ୍ଞାତ ଥିବ। ଯଦି ସେମାନେ ସାତ ଦରିଆ ପରର ମଣିଷ ହୋଇ ଆମ ସଂସ୍କୃତିକୁ ଅନୁସରଣ କରି ପ୍ରଭୁ କୃପା ଲାଭ କରୁଛନ୍ତି ତେବେ ଆମେ ଏ ଦେଶର ନାଗରିକ ହୋଇ ତାହା ପ୍ରତି ପଛଘୁଞ୍ଚା କାହିଁକି ? ଆଜିର ଯୁବପିଢ଼ିଙ୍କ ଭିତରେ ଗୋଟାଏ କଥା ଆମେ ଯଦି ବିଦେଶୀ ଢାଞ୍ଚା ନ ଶିଖିବୁ ଲୋକ ଆମକୁ ମଫୁ ଓ ମୂର୍ଖ ବୋଲି ପରିଗଣିତ କରିବେ, ଆମର ଅଟହସ୍ୟ କରି ବ୍ୟଙ୍ଗଉକ୍ତି କରିବେ। କିନ୍ତୁ ବିଦେଶୀ ମାନେ ଏ ସବୁକୁ ଯଦି ଧ୍ୟାନ୍ୟ ଦେବେ, ତାହେଲେ ନିଜର ଖୁସିକୁ ମନଭରୀ ଉପଭୋଗ କେମିତି କରିବେ। ଆମେ ପରିବର୍ତ୍ତନ ହେଲେ ଦୁନିଆ ଆପେ ଆପେ ଆମକୁ ଦେଖି ଶିଖିବ କାହିଁକି ନା ବର୍ତ୍ତମାନର ଦୁନିଆ ଦେଖା ଶିକ୍ଷା ଦୁନିଆ। ଆମେ ଆମ ପରମ୍ପରା ଓ ସଂସ୍କୃତି ସହ ନିଜ ନୈତିକତାର ମୂଲ୍ୟବୋଧକୁ ପରିଗଣିତ କରିପାରିଲେ ନିଜକୁ ଶ୍ରେଷ୍ଠ ଭାରତୀୟ ବୋଲି ପ୍ରମାଣିତ କରିପାରିବା।

***ତାଳଚେର, ଅନୁଗୁଳ***
***ଦୂରଭାଷ : ୮୮୪୭୮୬୪୨୮୨***

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

**ପୁଷ୍ପାରାଣୀ ପଟେଲ**



ଭାଗ-୩୧

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ .... !!*

***(ପୂର୍ବପ୍ରକାଶ ଉତ୍ତାରୁ)***

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶୀଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ?*

***(ପୂର୍ବପ୍ରକାଶ ଉତ୍ତାରୁ)***

- ପୂରବୀ!

- ହୁଁ! କ'ଣ ହେଲା କୁହ?

- ତୁମେ ବି ତ ନାରୀଟିଏ! ତୁମେ କୁହ! ସତରେ ନାରୀଟିଏ ତା' ପ୍ରିୟ ପୁରୁଷଙ୍କ ପାଖରୁ କ'ଣ ଚାହେଁ।

- ସମ୍ପୂର୍ଣ୍ଣ ସମର୍ପଣ ତାଙ୍କ ପାଦପଦ୍ମରେ। ନିଜକୁ ସମର୍ପି ଦେବାକୁ ବ୍ୟାକୁଳ ହୁଏ ସେ ନିଜ ପ୍ରିୟ ମଣିଷଟି ପାଖରେ।

ହଁ ... ପୂରବୀ! ଠିକ୍ ସେଇ ଅନୁଭବ!

ମୁଁ ଚାହୁଁଥିଲି... ସତରେ, ହୃଦୟରୁ ଚାହୁଁଥିଲି ଥରୁଟିଏ, ମାତ୍ର ଥରୁଟିଏ ହେଲେ ବି ଛୁଇଁ ଦିଅନ୍ତୁ ସେ ମୋ'ତେ! ତାଙ୍କ ଛୁଆଁ ପାଇ ଧନ୍ୟ ହେଉ ଏ ଜୀବନ। ମୋ' ଲଭୁ ଏ ଅସାର ଶରୀର!

କେତେ ଦ୍ୱନ୍ଦାତ୍ମକ ଆମର ଏ ନାରୀ ମନ ସତରେ!

କିଏ ମଥାରେ ସିନ୍ଦୁର ଦେଇ ସାତପର। କିଏ ପୁଣି କେହି ବୋଲି କେହି ନୁହେଁ... ତଥାପି ନିଜଠୁ ବି ଆହୁରି ନିଜର।

ନାରୀ ଯେତେବେଳେ ଅଭିସାରିକା ସାଜେ, ସେତେବେଳେ ଲକ୍ଷ୍ୟ ଭ୍ରଷ୍ଟ କେତେ କେତେ ମହାନ୍ ମୁନିଋଷି। ମୋହରି ସବୁ ଦୋଷ ପୂରବୀ! ମୁଁ ହିଁ ଯୋଗୀଙ୍କୁ ତାଙ୍କ ଗୃହସ୍ଥ ଧର୍ମ ପାଳନରୁ ବିଚ୍ୟୁତ କଲି।

ସେଇ ରାତି ଥିଲା ଆମ ମିଳନର ରାତି। ଦୁଇଟି ଆତ୍ମାର ମିଳନର ମୁହୂର୍ତ୍ତ କେତେଯେ ଅପୂର୍ବ ସତେ! ସେଇତକ ପ୍ରାପ୍ତି ହିଁ ଖୁବ୍ ଯଥେଷ୍ଟ ଥିଲା ଏଇ ସମର୍ପିତା ପ୍ରେମିକାର ବାକି ଜୀବନ ଜିଇଁବା ପାଇଁ। ନିଜ ଜନ୍ମକୁ ସାର୍ଥକ କରିବା ପାଇଁ।

ମୋ' ଆଗ୍ରହ, ଅପେକ୍ଷା ଦୂରେଇ ଦେଲା ସବୁ ଲୋକାଚାରକୁ! ଆମ ଭିତରେ ଲୁଚି ରହିଥିବା ସମାଜ ପାଇଁ ଭୟକୁ।

ଶହ ଶହ କିଲୋମିଟର ଦୂରରେ ଥିବା ଦୁଇଟି ଶରୀର ଏକାତ୍ମ ହେଇଗଲେ କ୍ଷଣିକ ପାଇଁ। ସେ ଛୁଇଁଲେ ପ୍ରଥମେ ମୋ' ନାଭି କମଳକୁ। ତା'ପରେ... ମୋ' ସର୍ବାଙ୍ଗକୁ। ମୁଁ ତରଳି ଯାଇ ମିଳାଇଗଲି ତାଙ୍କ ସତ୍ତା ଭିତରେ।

ମୁଁ ତ କାହିଁ କେତେ ବର୍ଷ ପୂର୍ବରୁ ମାଆଟିଏ ହେଇ ସାରିଥିଲି, ପୂରବୀ। ଅଥଚ କେଉଁ ନାରୀ ଦୋଷ ଯୋଗୁଁ ଏତେ ବଡ ମହାର୍ଘ୍ୟ ଅନୁଭବରୁ ବଞ୍ଚିତ କେଜାଣି।

ଏମିତି କ'ଣ ହେଇଥାଇପାରେ ଯେ - ଠାକୁର ମୋ' ହାତରେ ଟାଣି ଦେଇଥିଲେ ପ୍ରିୟ ପୁରୁଷଙ୍କ ସାଥିରେ ମୁହୂର୍ତ୍ତକ ପାଇଁ ହେଉ ପଛେ, ଆତ୍ମିକ ମିଳନର ପରମ ସୌଭାଗ୍ୟ। ତେଣୁ ଏତେ ବର୍ଷର ଦାମ୍ପତ୍ୟ ଜୀବନ ପରେ ବି ମୁଁ ରହିଯାଇଥିଲି ସେମିତି କୁଆଁରୀ ମନଟିଏ ନେଇ।

କେଜାଣି ପୂରବୀ କେଉଁ ଦୋଷରୁ ଅବା କେଉଁ ଜନ୍ମର ପୁଣ୍ୟ ବଳରୁ ଏସବୁ ଘଟିଗଲା ମୋ' ସାଥେ। କାହିଁକି ବା ଖୋଜିବି ଯେ ଏସବୁ ପ୍ରଶ୍ନର



ଉତ୍ତର! ମୁଁ କେବଳ ଜାଣିଲି ଯେ-ସେଇ ମୁହୂର୍ତ୍ତପରେ ମୋ' ଅନୁଭବରେ ମୁଁ ଏକ ପରିପୂର୍ଣ୍ଣା ନାରୀ। କବିଙ୍କର ପ୍ରେୟସୀ। ଯୋଗୀଙ୍କର ସାଧନା ମାର୍ଗରେ ବାଧକ ସାଜିଥିବା ଅହଙ୍କାରୀ ପ୍ରେମିକା।

ତେବେ ପ୍ରେମିକା ଯେ ପ୍ରେମିକା ... ସେ ସ୍ୱର୍ଗର ଅପସରାଗଣ ହୁଅନ୍ତୁ ଅବା ହୁଅନ୍ତୁ ଦେବୀ, ଦାନବୀ କି ମାନବୀ ... ଈର୍ଷାରେ ଜଳିପୋଡି ଯାଉଥିବା ନାରୀଟି ହିଁ ବୋଧହୁଏ 'ପ୍ରେମିକା'।

ମୁଁ ବି ଖୁବ୍ ସାଧାରଣ ପ୍ରେମିକାଟିଏ ହେବାରେ ଲାଗିଥିଲି। ନିଜକୁ ନିଜ ସୌଭାଗ୍ୟକୁ ନେଇ ଖୁବ୍ ଗର୍ବ କରୁଥିବା, ତାଙ୍କ ପାଖରେ ଅନ୍ୟ କୌଣସି ନାରୀର ଛାଇ ଦେଖିଲେ ମଧ ଈର୍ଷାରେ ଜଳିପୋଡି ଯାଉଥିବା, ତାଙ୍କ ଅସୁରକ୍ଷା କଥା ଭାବି ଭୟରେ ଜଡସଡ ହେଇ ଯାଉଥିବା, ତାଙ୍କ ଧ୍ୟାନ, ଯତ୍ନ ନନେଇ ପାରିବା ଦୁଃଖରେ କାତର ହେଇ ଉଠୁଥିବା ଖୁବ୍ ସାଧାରଣ ପ୍ରେମିକାଟିଏ।

ଏବେ ଫି ରାତି ମୁଁ ଭେଟୁଥିଲି ତାଙ୍କୁ। କ'ଣ କେବଳ ତାଙ୍କୁ? ଅବିକଳ ତାଙ୍କରି ଚେହେରା, ତାଙ୍କରି ମନ ନେଇ ଛୋଟ ଝିଅଟିଏ ବି ତ ଗେହ୍ଲେଇ ହେଉଥିଲା ମୋ' କୋଳରେ। ସ୍ୱପ୍ନରେ, ସ୍ୱପ୍ନରେ ବିତୁଥିଲା ସମୟ ମୋ'ର! ଉଭୟ ବାପ-ଝିଅଙ୍କୁ ନେଇ ଛୋଟ ନୀଡଟିଏ ସଂରଚନା କରିବାରେ ବିଭୋର, ମୁଁ, ଭୁଲି ବସିଥିଲି ମୋ' ଆଖପାଖର ସଂସାରକୁ।

ମୁଁ ମୁକ୍ତ ବିହଙ୍ଗକୁ ବାନ୍ଧି ରଖିବା ପାଇଁ, ସ୍ୱପ୍ନ ପ୍ରବଣତାକୁ ଆଶ୍ରାକରି ଯେତେଯେତେ ବସା ଗଢ଼ିବା ପାଇଁ ବ୍ୟାକୁଳ ହେଲି, ତାଙ୍କର କବି ପ୍ରାଣଟି ସେତିକି ସେତିକି ଅଣନିଶ୍ୱାସୀ ହେବାରେ ଲାଗିଥିଲା।

ମୁଁ ମୂର୍ଖ! ସେତକ ଅନୁଭବ କରିପାରିଲି ନାହିଁ ସିନା!

କ'ଣ ବା ଆଉ କରିଥାଆନ୍ତେ ସେ? ଦିନେ କହିଲେ- ଚାଲ୍ ଦୂରେଇ ଯିବା। ଅତିକମ୍‌ରେ ଦୁଇମାସ। କଥା ହେବାନି। ମେସେଜ୍ କରିବାନି। ଚାଲ ଏ ପ୍ରେମର ଆକର୍ଷଣ ସମୟ ସୂଅରେ ବହିଯାଉଛି ନା ନାହିଁ, ଥରେ ପରୀକ୍ଷା କରି ଦେଖିନେବା।

ମୋର କୌଣସି କଥା ଶୁଣିଲେନି। କାନ ବନ୍ଦ କରିଦେଲେ। ଗୋଟି ଗୋଟି କରି ସବୁ ଯୋଗାଯୋଗ ବିଚ୍ଛିନ୍ନ କରିଦେଲେ।

ଭାବିଲକି, ଯେ ସତରେ ସେ ଦୂରେଇ ଦେଲେ ମୋ'ତେ? ନା! ଏକଥା ନୁହେଁ। ମୁଁ ତ କହିବି, ସେ ଶିଖାଇଗଲେ ମତେ ପ୍ରେମର ଅର୍ଥ!

ମୁଁ କ'ଣ ଜାଣିଥିଲି - 'ମୋ ଆଖିରୁ ଝରୁଥିବା ଲୁହ ବୁନ୍ଦା ସବୁ ବିରହ ବେଦନାର ଛୁଆଁରେ ମୁକ୍ତା ପାଲଟି ଯିବେ ବୋଲି!!'

ଆଜିଯାଏଁ ଭାବୁଥିଲି, ତାଙ୍କୁ, ତାଙ୍କ ପ୍ରେମକୁ ପାଇ ସାରିଛି ବୋଲି! ଆହା ... ମୁଁ କେତେ ଭୁଲ୍ ଥିଲି ପୂରବୀ! ପ୍ରେମ କ'ଣ ଏତେ ସହଜ ଲଭ୍ୟ!

***(କ୍ରମଶଃ)***

## ବିଶିଷ୍ଟ ଲେଖିକା



### ସ୍ତ୍ରୀ

**ମୂଳହିନ୍ଦୀ : ରାକେଶ ରେଣୁ**
**ଅନୁବାଦ : ଈପ୍‌ସିତା ଷଡଙ୍ଗୀ**



ଚାଲି ଯାଉଛନ୍ତି ଯେଉଁ ପିମ୍ପୁଡିମାନେ
ଧାଡି ବାନ୍ଧି, ଗୁଣୁଗୁଣୁ କରି ଗୀତ
ଅଣ୍ଡାକୁ ଧରି, ସେମାନେ ସମସ୍ତେ
ଜଣେ ଜଣେ ସ୍ତ୍ରୀ।
ଅଣ୍ଡା ଉଷୁମେଇବା ପାଇଁ ବସି ରହିଛନ୍ତି ନିରନ୍ତର
ଯେଉଁ ଚଢ଼େଇ, ସେ ସ୍ତ୍ରୀଟିଏ ହିଁ।
ଭୋକ ଆଉ ଥକ୍କାପଣକୁ ପରୱା ନକରି
ଯିଏ ଡାଳି ଚାଲିଥା'ନ୍ତି ଶାବକ ଚଂଚୁରେ
ନିଜ ଦାନା, ସେ ସ୍ତ୍ରୀଟିଏ ହିଁ।
ଜିଭରୁ ହଟେଇ ଦେଇ ତରଳ ଦୁଃଖ
ଭରି ଚାଲିଥାଏ ଜୀବନ ଲେହ ନକରି
ନବଜାତ ଶିଶୁର ଶରୀର,
ସେ ଅବଶ୍ୟ ସ୍ତ୍ରୀଟିଏ ହିଁ।

ପାଟିକୁ ପାଲିଙ୍କ କରି
ଗୋଟି ଗୋଟି ବୋହି ନେଉଥାଏ ଛୁଆକୁ ଯିଏ
ନିଜ ଜୀବନକୁ ପରୱା ନକରି
ସେ ନିଶ୍ଚୟ ସ୍ତ୍ରୀଟିଏ ହିଁ।
ସ୍ତ୍ରୀମାନେ : ଯେଉଁଠି ବି ଥାଆନ୍ତି
ଥାଆନ୍ତି ପ୍ରେମରେ ନିମଗ୍ନ।
ଗୋଟିଏ ହାତରେ ଦଳନର ଚକ୍ର ତ
ଅନ୍ୟ ହାତରେ ସର୍ଜୁଥା'ନ୍ତି ଜୀବନ।

***ଅଧାପିକା, ଇଂରାଜୀ ବିଭାଗ***
***ନିଆଳି କଲେଜ, କଟକ***
***ଦୂରଭାଷ : ୯୯୩୮୩୭୦୨୮୯***

### ନୂଆଁଖାଇ ପୂର୍ବରୁ ଓ ପରେ

**ପ୍ରମୋଦ ଚନ୍ଦ୍ର ଛତ୍ରିଆ**



ମୋହାଚ୍ଛନ୍ନ କଳା ମାଟି
ଦାଦନ ଆସିଛି ଧାଇଁ
ନୂଆଁଖାଇ ପାଇଁ।
ସରିଗଲା ନୂଆଁଖାଇ..
ଗାଁ ବେକାରୀ ସବୁ
ପ୍ରସ୍ତୁତ ହେଲେ,
ଦାଦନ ଯିବା ପାଇଁ।
ନୂଆଁଖାଇ ପରେ
ଜମି ବନ୍ଧାପଡ଼ିଛି

ସାହୁକାର ଘରେ,
ବୁଢ଼ୀମା ଜଗିଛି
ଭଙ୍ଗା କୁଡ଼ିଆକୁ,
ଆଖିର ଲୁହ
କେବେ ନ ସରେ।

***ଜୁନାଗଡ଼, କଳାହାଣ୍ଡି***
***ଦୂରଭାଷ: ୯୮୫୩୨୨୨୪୪୦***

### ହର୍ ଟିମ୍

**ସମୀରଞ୍ଜନ ମଲ୍ଲିକ**

କମିଶନରେଟ୍ ପୋଲିସର ଟିମ୍ ହର୍,
ରକ୍ଷା କରେ ନାରୀ ଅଧିକାର।

ନାରୀକୁ ଯିଏ ଦିଏ ନିନ୍ଦା ଅପବାଦ,
ହର୍ ଟିମ୍ କରେ ତାର ଦୃଢ଼ ପ୍ରତିବାଦ।

ହର୍ ଟିମ୍‌ର ଏହି ସ୍ୱାଭିମାନ,
ରକ୍ଷା କରିବ ସେ ନାରୀର ସମ୍ମାନ।

ଅସହାୟ ନାରୀଙ୍କୁ ସୁରକ୍ଷା ଦେବ,
ରୋଡ୍ ରୋମିଓଙ୍କୁ ସାବାଡ୍ କରିବ।

ପ୍ରତିଜ୍ଞା କରିଛି ଟିମ୍ ହର୍,
ନାରୀ ମନରୁ ଭୟ କରିବ ଦୂର।

ହର୍ ଟିମ୍‌ର ଏହି ଆହ୍ୱାନ,
ମହିଳାଙ୍କୁ ଦିଅ ଉଚ୍ଚ ସମ୍ମାନ।

ମହିଳା ସଶକ୍ତିକରଣ ପାଇଁ,
ହର୍ ଟିମ୍ ଆଜି ଆସିଛି ଆଗେଇ।

ସହିବନି ନାରୀ ଅତ୍ୟାଚାର କାହାର,
ହର୍ ଟିମ୍ ଅଛି ସାଥିରେ ତାଙ୍କର।

ମହିଳାଙ୍କ ସୁରକ୍ଷାରେ ଟିମ୍ ହର୍,
ରୋଡ ରୋମିଓଙ୍କ ପାଇଁ ଅଟେ ହରର।

ଝିଅ ମାନଙ୍କୁ ଯିଏ ମାରିବ କମେଣ୍ଟ
ହର୍ ଟିମ୍ ଦେବ ତାଙ୍କୁ ସୁପର ଟ୍ରିଟମେଣ୍ଟ।

***କମିଶନରେଟ୍ ପୋଲିସ, ଭୁବନେଶ୍ୱର***

### ଭୁଲିଯାଇ ସବୁକିଛି

**ଗଜାନନ ମିଶ୍ର**



ଖୋଜୁଛି, ଖୋଜୁଛି ଶତ୍ରୁ
କରିବି ଝଗଡା, ଅବଶ୍ୟ
ମିଳି ନାହାନ୍ତି ଏ ଯାଏ କେହି।
ଦି ପହରରେ ଟର୍ଚ୍ଚ ମାରି ମାରି
କୋଠରୀ କୋଠରୀ ବୁଲୁଛି ଆଦି।
ଜିଇଁବାର ଇଚ୍ଛା କାହାର ନାହିଁ?
ବାୟାଟାରେ, ସାମ୍ନା କରୁଛି
ସତ୍ୟକୁ, ହାଜର ହେଲାବେଳେ
ଅଡକା ଏ ରାତି ଏମିତି।
ସଭିଏଁ ନ ମରୁଛନ୍ତି ନାହିଁ,
ସୂର୍ଯ୍ୟାସ୍ତର ଆଭା ଦେଖୁଛନ୍ତି
ତଥାପି ଯେ ଯାହାର।
ଏଇମିତି ସବୁ ଭିତରେ
ଚାଲିଛି କବିତା ଲେଖା,
ଏମିତି ଡାକି ଡାକି ଆକାଶ
ମାଟି ଉପରୁ ସିଧା।
ପବନ କହିଚାଲିଛି କାନଫଟା,
ଏଇ ଜାଗାରେ ଏତେ ବ୍ୟଥା!
ବାପ୍ ରେ ବାପ୍!
ଭାବି ନି, ନର୍କ କି ସ୍ୱର୍ଗ ଏଇଟା!
ଭାବି ନି, କିଏ ଭଲ କିଏ ମନ୍ଦ,
ଭାବି ନି, କୋଉଟା କୋମଳ,
ଆଉ କୋଉଟା କଠିନ!
କହୁଛି ଖାଲି, ଶୁଣ,
ନ ଶୁଣିଛ ଆଗରୁ କିଛି ନୁହଁ।
ଭୁଲିଯାଇ ମୁଁ ତୁମର ମିତ୍ର
ଅନ୍ତତଃ ଆଉଥରେ ଶୁଣ।
ଭୁଲିଯାଇ ସବୁକିଛି
ଯେତେବେଳଯାଏ ଅଛ,
ଥାଇ ଥାଇ ଶୁଣିଯାଅ ସବୁକିଛି
କେବଳ ମୋର ହୋଇ, କହିଚାଲିଛି
ମୁଁ, କେବଳ ତୁମର ହୋଇ।

***ତପୋବନ, ଟିଟିଲାଗଡ***

### ମୋନାଲିସାର ହସ

**ଡ. ଦୀପକ କୁମାର ମିଶ୍ର**



କ'ଣ ଯେ ଗାରେଇଦେଲ ସମୟର ପିଠିରେ
ଅଙ୍କିତ ଚିତ୍ର ଯେତେ ଛାପିଯାଇଛି
ମୋନାଲିସାର ହସ ପରି
ହୃଦୟ କାନ୍ଥରେ।
ଛାଣି ରଙ୍ଗରୁ ରାଗ, ରାସ, ସୌନ୍ଦର୍ଯ୍ୟ
ଶୃଙ୍ଗାର, କାରୁଣ୍ୟ, ବିରହ
ସବୁ ଋତୁର ପୃଷ୍ଠଭୂମିରେ ପାଦ ଥାପି
ମନର ଅଠାକୁ ତୂଳୀରେ ଲଖେଇ
ଧମନୀର ରକ୍ତଧ୍ୱନିକୁ ପ୍ରତିଫଳିତ କଲ
କାନ୍‌ଭାସର ସ୍ଥୂଳ କାଗଜରେ।
ଦା ଭିନ୍-ଚି କ'ଣ ଆଙ୍କିଥିଲେ
ହଜାରେ ଓଠରୁ ରଙ୍ଗ ନେଇ ମୋନାଲିସାର ଚିତ୍ର
ହାଙ୍କିଦେଲ ହସରେ ଫଗୁଣ,
ହସରେ ଶ୍ରାବଣ
ହସରେ ପ୍ରେମ, ଅପ୍ରେମ
ହସରେ ଛଳ, ଖଳ, ମିଳନ
ହସରେ ଜନ୍ମ, ମୃତ୍ୟୁ, ନିର୍ବାଣ ....
ସେ ହସ ତ ହସ ନୁହେଁ,
ସ୍ତ୍ରୀଲିଙ୍ଗରେ ସ୍ଥିର ହୋଇଯାଇଥିବା
ଏକ ମୁଖରା ଜିଅନ୍ତା ଇତିହାସଟିଏ।
ତୂଳୀର ବି ଅଛି ଜ୍ୟାମିତିକ ଭାଷା
କେତେ ଡିଗ୍ରୀରେ ହସ
କେଉଁ କୋଣରେ କରୁଣା
କେଉଁ ସରଳରେଖାରେ ଗତିକରେ
ପ୍ରେମର ଦ୍ରାଘିମା
ଅବା କେଉଁ ବକ୍ରତାରେ ହସର ପରିମାପ
ଛୁଇଁଯାଏ ଆକାଶର ସୀମା।
ମୋ ହୃଦୟରେ ମଧ ଗୋଟେ ମୋନାଲିସା
ଅଙ୍କିତ ଅଛି
ସମାଜର ତୀକ୍ଷ୍ଣ ଅସୂୟାରୁ ବଞ୍ଚାଇ
ତା ସହିତ ମୁଁ ଖୋଦ୍ କଥାହୁଏ।

***ଭୁବନେଶ୍ୱର***
***ଦୂରଭାଷ : ୮୨୮୦୨୧୧୦୦୦***

# ପିଲାବେଳ

**ସୁନନ୍ଦା ମହାନ୍ତି**





ଆଜି ମନେପଡୁଥିଲା ଖୁବ ସେଇ ପିଲାବେଳ କଥା ରାଜା ଓ ଦିପୁଙ୍କର। ଜେଜେମାଙ୍କୁ କେବେ ହଇରାଣ କରିବନି ବୋଲି ତାଗିଦା ବାପାଙ୍କର। ଜେଜେମା ଯେମିତି ଖୁସି ଖୁସିରେ ଏ ଘରେ ରହିବେ ସେଥିପାଇଁ ତୁମେ ଦିଜଣ ଧ୍ୟାନ ଦେବ ଓ ତାଙ୍କୁ କୌଣସି କଥାରେ ବିରକ୍ତ କରିବ ନାହିଁ କହି ଅଫିସ ବାହାରି ଯାଆନ୍ତି ବାପା ରୁପେଶ। ସେ ଗଲା ପରେ ଜେଜେମା ହିଁ ଦୁଇ ନାତିଙ୍କୁ ଗାଧେଇ ପାଧେଇ ଗୋଟେ ଶିଙ୍ଘ ପାନିଆରେ ମୁଣ୍ଡ କୁଣ୍ଡେଇ ଦେଇ ଖୁଆଇ ପିଆଇ ଟିଫିନ ସହିତ ପାଖ ସ୍କୁଲରେ ଛାଡ଼ିବା ପର୍ଯ୍ୟନ୍ତ ରାଜା ଓ ଦିପୁ କଥାମାନି ଚାଲନ୍ତି। ସେଇଥିପାଇଁ ଦୁଇ ପିଲାଙ୍କ ମାଆ ମଧ ନିର୍ଦ୍ୱୋନ୍ଦ୍ୱରେ ସ୍କୁଲ ଯାଇପାରନ୍ତି। ସ୍କୁଲରୁ ପିଲାଦିଟା ପ୍ରାୟେ ଦୁଇଟାରେ ସ୍କୁଲ ବସରେ ଫେରିଆସିଲା ବେଳେ ଦେଖନ୍ତି ଜେଜେମାଆ ଛାତ ଉପରେ ପାଣି ଓ ଚାଉଳ ଥୋଇ ଅନେଇଥାଆନ୍ତି ସେଇ କଳାକାଉଟାକୁ। ଯେତେ ଯୋଡ ପକ୍ଷୀ ଆସି ଚାଉଳ ଓ ପାଣି ପିଇ ଉଡିଗଲେ ମଧ ସେ ଅପେକ୍ଷା କରନ୍ତି ସେହି କଳାକାଉଟିକୁ। ସେ ନଆସିଲା ପର୍ଯ୍ୟନ୍ତ ଚାହିଁ ରହନ୍ତି ତ ରାଜା ଓ ଦିପୁ ଭାବନ୍ତି ଏ ଟାଣ ଖରା ଯୋଗୁଁ ସେହି କାଉଟି ଆସିପାରୁନି। ଚାରିଟା ପରେ ଆସିଯିବ ନିଶ୍ଚୟ ତଥାପି କାଉଟିକୁ ଥରେ ଦେଖିବାକୁ ଅପେକ୍ଷା କରି ରହିଥାଆନ୍ତି ଜେଜେମା ତ ରାଜା ଓ ଦିପୁ ଅଳି କରନ୍ତି ଆସନା ଜେଜେମା ଆମକୁ ଖାଇବାକୁ ଦେବ, ଗପ କହିବ, ଠାକୁରଙ୍କ କଥା କହିବ ଆଉ କହିବ ଜେଜେଙ୍କ କଥା। ଜେଜେଙ୍କ କଥା କହିବା ଶୁଣି କାନ୍ଦିପକାନ୍ତି ଜେଜେମା ତ ଡରିଯାଆନ୍ତି ରାଜା ଓ ଦିପୁ। ବାପା କହିଛନ୍ତି ଜେଜେମାଆଙ୍କ ଆଖିରେ ଯେମିତି ଲୁହ ନଆସେ ତେବେ ଜେଜେମା କାନ୍ଦୁଛନ୍ତି କାହିଁକି? ଏଇ ସମୟରେ କୋଉଠି ଥାଏ ସେ କଳା ଚିକ୍କଣ କାଉଟା ଉଡିଆସି ଚାଉଳ ଖାଇ ପାଣି ପିଇ ଉଡିଯାଏ ତ ଜେଜେମା ଖୁସିରେ ରାଜା ଓ ଦିପୁଙ୍କ ସହ ତଳକୁ ଆସନ୍ତି। ରାଜା ଓ ଦିପୁଙ୍କୁ ଖାଇବାକୁ ଦେଇ ଗପ କୁହନ୍ତି ଜେଜେମା। କେବେ ଗଣେଷ ଠାକୁରଙ୍କର କ୍ଷୀର ଯୋଡ଼ା ହେବା କଥା ତ କେବେ ବୀରହନୁମାନଙ୍କର ଶ୍ରୀରାମଚନ୍ଦ୍ରଙ୍କ ପ୍ରତି ଭକ୍ତି କଥା ତଥା ମାଆ ଦେବୀ ଦୁର୍ଗା କିପରି ମହିଷାଶୁର ବଦ୍ଧ କଲେ ସେକଥା। ଶୁଣି ଶୁଣି ଘଡିଏ ଶୋଇଯାଆନ୍ତି ଦୁଇ ଭାଇ ତ କେବେ କେବେ ଶୁଣନ୍ତି ଗୁଣ୍ଡୁଚିମୂଷା କିପରି ସେତୁବନ୍ଧ ବାନ୍ଧିବା ବେଳେ ସମୁଦ୍ରରେ ବୁଡି ବାଲିରେ ଗଡି ଦେହ ଦେଉଥିଲା ଝାଡ଼ି। ସେହିକଥା ଦେଖି ଶ୍ରୀରାମଚନ୍ଦ୍ର ଗୁଣ୍ଡୁଚିମୂଷାକୁ ସ୍ନେହରେ ଆଉଁସି ଦେଇଥିବାରୁ ତା ପିଠିରେ ତିନିଗାର ଅଛି। ପୁଣି କେବେ ଜେଜେମା କଇଁଚ ଠେକୁଆ କାହାଣୀ କହନ୍ତି ତ ସେଥିରୁ ରାଜା ଓ ଦିପୁ ଶିଖନ୍ତି ଧୀର ପାଣି ପଥର କାଟେ ଅର୍ଥାତ ଧର୍ଯ୍ୟ ରଖି କାମ କଲେ ସବୁଥିରେ ଜୟ ହୁଏ।

ସେଦିନ ସୁଯୋଗ ପାଇ ରାଜା ଓ ଦିପୁ ଜେଜେମାଆଙ୍କୁ ପଚାରିଦେଇଥିଲେ କାଉକୁ ଏତେ କାହିଁ ଭଲ ପାଅ ଜେଜେମା? ତାଙ୍କ ବିଷୟରେ କାହାଣୀଟିଏ କୁହନା। ଜେଜେମା ସେଦିନ କହିଥିଲେ ମୁଁ ତ ତୁମକୁ କହିଛି କାଉର ବୁଦ୍ଧି ଭାରି ପ୍ରଖର। ମାଠିଆର ଜଳ ସ୍ତର କମିଯାଇଥିବା ଦେଖି ଗୋଡି ପକାଇ ଚାଲିଥିଲା କାଉ ଯେତେ ପର୍ଯ୍ୟନ୍ତ ପାଣିରେ ଥଣ୍ଟ ବୁଡାଇ ସେ ପିଇପାରିବ. ପୁଣି କହିଛି କଲ୍ଲୁରୀ ବେଣ୍ଟ କଥା। ସେଥିରେ କାଉ କିପରି ବୁଢ଼ୀ ମାଉସୀ ବାଡ଼ିରେ ଥିବା ପାଚିଲା କଲରା ଖାଇବାକୁ ଇଚ୍ଛା କରି ବୁଢ଼ୀ ମାଉସୀଙ୍କ ସମସ୍ତ କଥା ମାନୁଥିଲା। ଆଉ ପୁଣି କହିଛି ବେଲ ପାଚିଲେ କାଉର କି ଯାଏ କାରଣ ବେଲ ଖାଇବାକୁ ଲୋଭ କରି କାଉ ତା ଥଣ୍ଟ ଭାଙ୍ଗି ବୁଝିଯାଇଥିଲା ଅତି ଲୋଭ କରିବା ଭଲ ନୁହେଁ। ରାଜା ଓ ଦିପୁ କହିଲେ ହଁ ଜେଜେମା ଏସବୁ ଗପ ଆମେ ଶୁଣି ମନେରଖିଛୁ କିନ୍ତୁ ଯେଉଁ କାଉ ପାଇଁ ତୁମେ ଛାତ ଉପରେ ପାଣି ଓ ଚାଉଳ ଥୁଅ ଏବଂ ଅନେକ ପକ୍ଷୀ ଖାଇ ପିଇ ଭୋକ ଶୋଷ ମେଣ୍ଟାଇ ଚାଲିଥିଲେ ମଧ ସେଇ କାଉଟି ନଆସିବା ଯାଏଁ ତୁମେ କାହିଁକି ଝୁରି ହୁଅ? ଜେଜେମା କହିଲେ ସେ କାଉ ଏବେ ଏକାକୀ ହୋଇଯାଇଛି। ଆଗେ ଯେବେ ତୁମ ଦୁହିଁଙ୍କ ଜେଜେ ଥିଲେ ସେତେବେଳେ ସେମାନେ ମଧ ଦୁଇଜଣ ହୋଇ ଥିଲେ। ତୁମ ଜେଜେ ଓ ମୋ ପୁଅ ରୁପେଶକୁ ନେଇ ଛୋଟ ପରିବାରରେ ଆମେ ଖୁବ ଖୁସିରେ ଥିଲୁ। ସୁଖ ପରେ ଦୁଃଖ ଆସିଲା ପରି ଜେଜେବାପାଙ୍କ ଦେହ ଖରାପ ହେଲା। ଡାକ୍ତର କହିଲେ ବ୍ଲଡ଼ କ୍ୟାନ୍ସର ପୁଣି ଏହା ଚତୁର୍ଥ ଷ୍ଟେଜରେ ତେଣୁ ତାଙ୍କ ଆୟୁଷ ଆଉ ଦୁଇ ଚାରିମାସ ଭିତରେ। ତୁମ ଜେଜେଙ୍କୁ ଏସବୁ ସାଙ୍ଘାତିକ କଥା ମୁଁ କହିନଥାଏ ଯେମିତି ଆଜିଯାଏଁ ତୁମେ ଦୁହେଁ କୁନି ପିଲା ଥିବାରୁ ତୁମକୁ ସେକଥା କହିନଥିଲି। କୁହ ଜେଜେମା ଆମେ ବଡ଼ ହେଲୁଣି ଆମର ମଧ ସବୁ ବିଷୟରେ ଜାଣିବା ଉଚିତ।

ଜେଜେମା ପୁଣି ଆରମ୍ଭ କଲେ, ଠେକୁଆକୁ କଇଁଚ ଦୌଡ଼ ପ୍ରତିଯୋଗିତାରେ ହରେଇବା ପରି ଧର୍ଯ୍ୟ ଧରି ତୁମ ଜେଜେଙ୍କୁ ମିଛ କହିଲି ଯେ ତୁମର କିଛି ହୋଇନି। ଏଇ ଥଣ୍ଡା କାଶ ଜ୍ୱର ଭଲ ହୋଇଯିବ। ଧର୍ଯ୍ୟ ସାହସ ରଖି ଜେଜେଙ୍କୁ ଲୁଚେଇ କ୍ଷୀର ସହିତ ଔଷଧ ଦେଲାବେଳେ ଏହି କାଉ ଦାମ୍ପତି ସବୁଦିନ ଛାତ ଉପରେ ପାଣି ପିଅନ୍ତି ଓ ଚାଉଳ ଖାଆନ୍ତି. ତାଙ୍କୁ ଦେଖି ମୋ ମନୋବଳ ବଢେ। ପକ୍ଷୀ ହୋଇ ସେମାନଙ୍କ ମଧ୍ୟରେ ଥିବା ସ୍ନେହ ପ୍ରେମ ଓ ଏକତା ମତେ ବେଶୀ ବେଶୀ ଧର୍ଯ୍ୟ, ସାହାସ ଓ ଶକ୍ତି ଯୋଗାଇ ଚାଲିଥିବା ବେଳେ ସେଦିନ ଜେଜେଙ୍କ ଦେହଟା ରାତିରେ ଶୀଥିଳ ହୋଇଗଲା। ଜେଜେ ଚାଲିଗଲେ ଆରପୁରକୁ କିନ୍ତୁ ତାଙ୍କ ଚିଠିରେ ମତେ ଲେଖିଯାଇଥିଲେ ମୁଁ ଜାଣେ ମତେ ବ୍ଲଡ଼ କ୍ୟାନ୍ସର। ମୁଁ ଆଉ ଅଳ୍ପ ଦିନର ଅତିଥି। ତୁମେ ଏଯାଏଁ ଧର୍ଯ୍ୟ ସାହସ ରଖି ଯେପରି ମୋର ସେବା ଯତ୍ନ କରିଛ ସେହିପରି ଆମ ପୁଅ ରୁପେଶକୁ ମଣିଷ ପରି ମଣିଷ କରିବ। ସେଦିନ ସେ ଚିଠି ନେଇ ଛାତ ଉପରେ ପଢୁଥିଲା ବେଳେ କାଉ ଦୁଇଟି ଆସିଲେ। ଚାଉଳ ଖାଇ ପାଣି ପିଇ ଆଗ ଉଡିଯାଉଥିବା କାଉଟି ବରଗଛ ଦେଇ ଯାଇଥିବା ଇଲେକ୍ଟ୍ରି ତାର ଉପରେ ବସୁ ବସୁ ଢ଼ୋ କରି ଶବ୍ଦ ହେଲା ଓ ମୁଁ ଦେଖିଲା ବେଳକୁ କାଉଟି ତଳେ ପଡି ଆଖି ବୁଜିଦେଲା ବେଳେ ଆର କାଉଟି ତା ଚାରିପଟେ ଉଡି ଉଡି ଦୁଃଖରେ ମ୍ରିୟମାଣ ହୋଇପଡୁଥିଲା। ତା ଡାକରେ କେତେ କାଉ ଆସିଲେ ଓ କା କା ରାବି ମେଳି ବାନ୍ଧିଲେ ଓ କିଛି ସମୟ ପରେ ଫେରିଗଲେ। ସେହିଦିନୁ ଏକାକୀ କାଉଟିକୁ ପାଣି ପିଉଥିବାର ଓ ଚାଉଳ ଖାଉଥିବାର ଦେଖିଲେ ମୁଁ ଖୁସି ହୁଏ। ନ ଆସିଥିଲେ ମନ ଗୋଳେଇ ଘାଣ୍ଟି ହୁଏ। କାନ୍ଦି ପକେଇଲେ ଜେଜେମା ତ ରାଜା ଓ ଦିପୁ ବ୍ୟସ୍ତ ହୋଇପଡିଲେ। ଭାବିଲେ ଜେଜେମାଙ୍କୁ ଦୁଃଖ ଦେଇ ଆଜି କନ୍ଦେଇଛନ୍ତି ମାନେ ବାପା ନିଶ୍ଚୟ ଗାଳି ଦେବେ। ଦୁଇଭାଇ ଗୋଟେ ଉପାୟ ପାଞ୍ଚି ଛତାଟିଏ ନେଇ ଉପରକୁ ଉଠିଗଲେ। ତା ଆରଦିନ ରବିବାର ଥାଏ। ଜେଜେମା ଛାତ ଉପରକୁ ଯାଇ ଦେଖିଲେ ପଣା ସଂକ୍ରାନ୍ତି ପାଇଁ ମାଟି ଥିବା ପ୍ଲାଷ୍ଟିକ ବାଲ୍ଟିରେ ପୋତା ହୋଇଥିବା ଛତା ଭିତରେ ରହି କାଉଟି ଡାଲରୁ ପାଣି ପିଉଛି ଓ ଚାଉଳ ଖାଉଛି। ରାଜା ଓ ଦିପୁଙ୍କ କାମ ଦେଖି ଜେଜେମା ହସି ହସି ସେ ଦୁହିଁଙ୍କୁ କୋଳେଇ ନେଲା ବେଳେ ରାଜା ଦିପୁ କହୁଥିଲେ ତୁମେ ଆଉ କାନ୍ଦିବନି ଜେଜେମା।

କନ୍ଦାଇ ଦେଇ ଜେଜେମା ଚାଲିଗଲେ କିନ୍ତୁ ତାଙ୍କଠାରୁ ପାଇଥିବା ସଂସ୍କାର ଯୋଗୁଁ ପୁଅ ରୁପେଶ ହାରି ଯାଇନଥିଲେ କି ବୋହୁ ସାଗରୀକା ନା ଦୁଇ ନାତି ରାଜା ଓ ଦିପୁ। ବାପା ତାଙ୍କ ମାଆ କଥା ମାନି ରକ୍ତ ସମ୍ପର୍କୀୟମାନଙ୍କୁ ଯେମିତି ନିଜର ଭାବୁଥିଲେ ସାହି ପଡୋଶୀଙ୍କୁ ମଧ ସେମିତି ନିଜର ଭାବୁଥିଲେ। ବୋହୁ ସାଗରୀକା ମଧ ଗାଁଟା ଯାକର ଝିଅ ବୋହୁଙ୍କ ସଙ୍ଗେ ସାଙ୍ଗ ସୁଖ ହୋଇ ଚଳୁଥିଲେ। ରବିବାର ଦିନ ତାଙ୍କ ଘର ଭାରି ପୁରିଲା ପୁରିଲା ଲାଗୁଥିଲା। ଗାଁ ଯାକର ଝିଅ ବୋହୁ ଜେଜେମା ସୁଭଦ୍ରାଙ୍କ ଶିଙ୍ଘ ପାନିଆଁରେ ମୁଣ୍ଡ କୁଣ୍ଡେଇ କହୁଥିଲେ କି ଶାନ୍ତି। ଏ ପାନିଆଁରେ ଯିଏ ମୁଣ୍ଡ କୁଣ୍ଡେଇବ ତା ମୁଣ୍ଡରେ ଖାଲି ସୁବୁଦ୍ଧି। କୁବୁଦ୍ଧି ପଶିବାକୁ ବାଟ ପାଇବନାହିଁ କୁହାକୁହି ହୁଅନ୍ତି ସେମାନେ ତ ହସି ଦେଇ ସାଗରୀକା ଅଳତା ଲଗେଇ ଦିଅନ୍ତି ସମସ୍ତଙ୍କୁ। କିଏ ତାସ ପାଲି ପକାଉଥାଏ ତ କିଏ ଲୁଡୁ। ସବୁ ରବିବାର ତାଙ୍କ ଘରେ ରଜ। ଜେଜେ ଓ ଜେଜେମାଙ୍କ ଶ୍ରାଦ୍ଧ ଦେବାକୁ ବାପା ରୁପେଶ ସହ ଦୁଇ ପୁଅ ପୁରୀ ଯାଆନ୍ତି ଯେ ସାଗରୀକାଙ୍କୁ ଲାଗେନା ଭୟ କି ଭ୍ରାନ୍ତି। ସେଥର ଏମିତି ବାଇକରେ ବାପା ରୁପେଶଙ୍କ ସହ ଦୁଇ ପୁଅ ରାଜା ଓ ଦିପୁ ଫେରିବା ବେଳେ କୁକୁର ଓ ତା ଛୁଆ ଉପରେ ମାଡିଯାଇ ବାଇକ ସହ ବାପା ଓ ଦୁଇ ପୁଅ ଆକ୍ସିଡେଣ୍ଟରେ ପଡିଲେ। ଭଗବାନ ଓ ଜେଜେ ଜେଜେମାଙ୍କ ଦୟାରୁ କାହାର ସିନା କିଛି ହୋଇନଥିଲା କିନ୍ତୁ କୁକୁରଟି ସେଇଠି ଆଖି ବୁଜି ଦେଇଥିଲା ତ ଛୁଆଟି ମୃତ କୁକୁର ମାଆ ପାଖରେ କୁଁ କୁଁ ହୋଇ ବୁଲୁଥିଲା ଚାରିପଟେ ମାଆ କୁକୁରର। ତା ଦୁଃଖ ଦେଖି ହେଲାନି ସେ ଦୃଶ୍ୟ। ତାକୁ ଘରକୁ ନେଇ ଆସିଥିଲେ ରୁପେଶ। ସାଗରୀକା ପ୍ରଥମେ ବିରକ୍ତ ହୋଇଥିଲେ କି ଏତେ ଜଞ୍ଜାଳ ଭିତରେ କୁକୁର ଜଞ୍ଜାଳ କରିବା ସହଜ କଥା ନୁହେଁ। ରାଜା ଓ ଦିପୁ ମାଆଙ୍କୁ ଖୁସି କରିବାକୁ ବଡ଼ ହେଲେ ଛାଡ଼ିଦେବା କହିଥିଲେ କିନ୍ତୁ ଗାଁର ସବୁ ଝିଅ ଓ ମହିଳା କୁକୁରର ସବୁ ଦାଇତ୍ୱ ନିଅନ୍ତି। ଗାଧୁଆ, ଖିଆପିଆ କରାଇ ଜେଜେମାଙ୍କ ସିଂଘ ପାନିଆଁରେ ତା ଦେହ କୁଣ୍ଡାଇ ଦେଇ ପରିଷ୍କାର କରନ୍ତି। ଏବେ କୁକୁର ଛୁଆ ଟିପୁ ବଡ଼ ହୋଇଗଲାଣି। ଗାଁରେ ଭାଲୁ ମାଡିଥାଏ। ଡାଟି କବାଟ ପକାଇ ଖରା ଗରମରେ ଶୋଇବା କଷ୍ଟ ହୁଏ କିନ୍ତୁ ଟିପୁ ଭାଲୁକୁ ଦେଖି ଭୁକି ସମସ୍ତଙ୍କୁ ଉଠାଇ ଦିଏ। ସମସ୍ତେ ମିଶି ନିଆଁ ହୁଳା କରି ଭାଲୁ ସହ ମୁକାବିଲା କରନ୍ତି। ସେଦିନ ଢେର ରାତିରେ ସାଗରୀକା ବାଡ଼ିପଟକୁ କୌଣସି କାମରେ ଯାଇଥିଲା ବେଳେ ଭାଲୁ ତାଙ୍କୁ ଆକ୍ରମଣ କରିବା ପୂର୍ବରୁ କୋଉଠି ଥିଲା ଟିପୁ ଦଉଡି ଆସି ଭାଲୁ ମୁହଁରୁ ସାଗରୀକାଙ୍କୁ ଉଦ୍ଧାର କଲା ସତ କିନ୍ତୁ ନିଜେ ନିସ୍ତାର ପାଇଲା ନାହିଁ। ସମସ୍ତେ ଆସିଲା ବେଳକୁ ଭାଲୁ ଧରାପଡିବା ପୂର୍ବରୁ ଟିପୁ ଉପରେ ସବୁ ରାଗ ଶୁଝେଇ ଦେଇଥିଲା ଭାଲୁ। କିଏ ଦିନେ କାନ୍ଦିଲା ତ କିଏ ଦୁଇଦିନ କି ମାସେ କି ବର୍ଷେ ହେଲେ ସାଗରୀକାଙ୍କ ଆଖିରୁ ଲୁହ ଶୁଖୁ ନଥିଲା। ରାଜା ଓ ଦିପୁ ମାଆ ସାଗରୀକାଙ୍କୁ ଉଠେଇ ଛାତକୁ ନେଇ ସେଇ କଳା କାଉକୁ ଦେଖେଇ କହୁଥିଲେ ଜେଜେମାଙ୍କ ଭଳି ଚାଉଳ ଓ ପାଣି ପିଇବାକୁ ଦେ ତାକୁ ମାଆ ଶାନ୍ତି ପାଇବୁ। ହେଲେ ସାଗରୀକାଙ୍କ ଆଖିରୁ ଲୁହ ଶୁଖୁ ନଥିଲା।

***ସାକ୍ଷୀଗୋପାଳ, ପୁରୀ***
***ଦୂରଭାଷ : ୯୦୪୦୯୭୭୩୨୭***

# ବିଶ୍ୱକର୍ମା ପୂଜା ପାଇଁ ଚଳଚଞ୍ଚଳ ପାରାଦ୍ୱୀପ ସହର



**ପାରାଦ୍ୱୀପ :** ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ନିମନ୍ତେ ଉତ୍ସବ ମୁଖର ଶିଳ୍ପ ନଗରୀ ପାରାଦ୍ୱୀପ ସହର। ପାରାଦ୍ୱୀପ ର ଜିରୋ ପଏଣ୍ଟ ଠାରୁ ଲାଇଟ୍ ହାଉସ ପର୍ଯ୍ୟନ୍ତ ବିଭିନ୍ନ ପୂଜା କମିଟି ତରଫରୁ ବଡ଼ ବଡ଼ ବିଭିନ୍ନ କଳାକୃତିର ତୋରଣ, ଲାଇଟ୍ ଗେଟ ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକରେ ସାଜସଜ ସହ ପୂଜାକୁ ସରସ ସୁନ୍ଦର କରିବାକୁ ଲାଗିପଡିଛନ୍ତି। ଆୟୋଜକ ମାନେ ନିଜ ନିଜର ପୂଜା ମଣ୍ଡପକୁ କିଭଳି ସ୍ୱତନ୍ତ୍ର କାରୁକାର୍ଯ୍ୟ ଦ୍ୱାରା ଆଗରେ ରହିବେ ତାହା ତାଙ୍କ ଭିତରେ ପ୍ରତିଯୋଗିତା ଚାଲିଛି। ରାଜ୍ୟ ଏବଂ ରାଜ୍ୟ ବାହାରୁ କାରିଗର ମାନେ ଆସି ଦେଶ ବିଦେଶର ଐତିହ୍ୟ ବହନ କରୁଥିବା କୀର୍ତ୍ତିରାଜି ମାନ ନିଜର କାରୁକାର୍ଯ୍ୟ ଦ୍ୱାରା ତୋରଣ ମାଧ୍ୟମରେ ଦର୍ଶାଇଛନ୍ତି। ମୂର୍ତ୍ତି କାରିଗର ମାନେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଶେଷସ୍ପର୍ଶ ଦେଇ ସାରିଛନ୍ତି। ୫୦୦ରୁ ଉର୍ଦ୍ଧ୍ୱ ସ୍ଥଳ ପାରାଦ୍ୱୀପ ବନ୍ଦର ପ୍ରଶାସନ ପକ୍ଷରୁ ବଣ୍ଟନ ସରିଯାଇଛି। ବେପାର ପାଇଁ ପାଗ ଅନୁକୂଳ ହେବା ଭାବି ରାଜ୍ୟ ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ବ୍ୟବସାୟ ଉତ୍ସୁକତା ଦେଖାଇଛନ୍ତି। ଯାହା ରାସ୍ତାର ଉଭୟ ପାର୍ଶ୍ୱରେ ଭିଡ଼ ଜମାଇଥିବା ଦେଖାଦେଲାଣି। ସେହିପରି ଏ ବର୍ଷ ବହୁ ନାମୀଦାମୀ ଅପେରା ପାର୍ଟି ନିଜ ନିଜର ଆସର ଜମେଇବା ସହ ପ୍ରଚାର କାର୍ଯ୍ୟ କରିଦେଲେଣି। ଆୟୋଜକ କମିଟି ମାନେ ନିଜର ପୂଜା ମଣ୍ଡପ ପାଖରେ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ପ୍ରତିଯୋଗିତା ମୂଳକ ଭାବେ ଓଲିଉଡ କଳାକାର, କଣ୍ଠଶିଳ୍ପୀ ମାନଙ୍କୁ ଆଣିବାକୁ ଯୋଜନା କରିସାରିଛନ୍ତି। ଜୟଦେବ ସଦନ ପଡ଼ିଆରେ ମୀନା ବଜାର ସହିତ ବିଭିନ୍ନ ରକମର ଦୋଳି ବ୍ୟବସାୟୀ ମାନେ ପକାଇଛନ୍ତି। ଯଦି ପାଗ ଅନୁକୂଳ ରୁହେ ଏହି ୭ ଦିନ ବ୍ୟାପୀ ହେବାକୁ ଥିବା ପ୍ରବଳ ଜନଗହଳି ପୂର୍ଣ୍ଣ ହେବବୋଲି ଜଣାପଡ଼ିଲାଣୀ। ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ କଣ୍ଟ୍ରୋଲ ସହ ଛିନତାଇ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କୁହାଯାଇଛି। କିଭଳି ଖୋଲା ଯାଇଥିବା ବିଭିନ୍ନ ଖାଦ୍ୟ ସ୍ଥଳ ମାନଙ୍କରେ ଖାଦ୍ୟରେ ଅପମିଶ୍ରିତ ଏବଂ ବାସୀ ଖାଦ୍ୟକୁ ନ ବିକ୍ରି ପାଇଁ କଡାକଡି ଯାଞ୍ଚ କରାଯିବ ବୋଲି ଉଭୟ ଜିଲ୍ଲା ଓ ପୋଲିସ ପ୍ରଶାସନ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନ୍ମ ଦିନରେ ..

ଜନତା ମଇଦାନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିବା ସହ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶୁଭାରମ୍ଭ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ୧୦ଲକ୍ଷ ହିତାଧିକାରୀଙ୍କୁ ଘର ଆବଣ୍ଟନ ପତ୍ର ବାଣ୍ଟିବେ। ସେହିପରି ୨୬ଲକ୍ଷ ଆବାସ ହିତାଧିକାରୀଙ୍କୁ ସେମାନଙ୍କର ଘରର ପ୍ରଥମ କିସ୍ତି ବାବଦରେ ୩୧୮୦କୋଟି ଟଙ୍କା ସିଧାସଳଖ ତାଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଡିଜିଟାଲ ମୋଡରେ ସ୍ଥାନାନ୍ତର କରିବେ। ଏହାସହିତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଆବଂଟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ଆବାସ+ ୨୦୨୪' ଆପକୁ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିବେ ବୋଲି ଜଣାପଡ଼ିଛି। ଜନତା ମଇଦାନରେ ବିଶାଳ ମହିଳା ସମାବେଶରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯୋଗ ଦେବାର କାର୍ଯ୍ୟକ୍ରମ ଥିବାରୁ ସେଠାରେ ବସିବା ପାଇଁ ଯଥେଷ୍ଟ ସଂଖ୍ୟକ ଚେୟାର, କାର୍ଯ୍ୟକ୍ରମସ୍ଥଳ ନିକଟ ରାସ୍ତାର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ମୋବାଇଲ୍ ଶୌଚାଳୟ, ବାୟୋ ଟଏଲେଟ ଆଦି ବ୍ୟବସ୍ଥା ପାଇଁ ମୁଖ୍ୟ ସଚିବ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରିବା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଅଧିକ ଲୋକେ ଯେଭଳି ଦେଖିପାରିବେ ସେଥିପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ବ୍ୟାପକ ସଂଖ୍ୟକ ଏଲଇଡି ଲଗାଇ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ ନିମନ୍ତେ ନିଷ୍ପତ୍ତି ହୋଇଛି।

### ମଣିଷ ଇଚ୍ଛାରେ ...

୧୦ ପ୍ରତିଶତ ଅଧିକ ନିର୍ଭୁଲତା ଅଣାଯିବ। ଭାରତକୁ କେବଳ କ୍ଲାଇମେଟ ସ୍ମାର୍ଟ ଏବଂ ପାଗଅନୁକୂଳ କରାଯିବ ନାହିଁ। ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ଭୂବିଜ୍ଞାନ ମନ୍ତ୍ରଣାଳୟ ସହିତ ମିଶି ଚାଟ୍ ଜିପିଟି ଭଳି ମୌସମ ଜିପିଟି ଆପ୍ଲିକେସନ ତିଆରି କରିବେ। ଏହା ଜରିଆରେ ଲୋକମାନେ ପାଣିପାଗ ସମ୍ବନ୍ଧୀୟ ତ୍ୱରିତ ସୂଚନା ପାଇପାରିବେ। ଲିଖିତ ଏବଂ ଶ୍ରାବ୍ୟ, ଦୁଇଟି ମାଧ୍ୟମରେ ଲୋକଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ। କ୍ଲାଉଡ୍ ସିଡିଂ ଜରିଆରେ ବିମାନ ଦ୍ୱାରା ବର୍ଷା ବନ୍ଦ କରାଇବା ଏବଂ ବୃଦ୍ଧି କରାଇବା ଭଳି କୌଶଳ ଆମେରିକା, କାନାଡ଼ା, ଚୀନ, ରୁଷ ଏବଂ ଅଷ୍ଟ୍ରେଲିଆ ଭଳି ଦେଶରେ ଆରମ୍ଭ ହୋଇଗଲାଣି। କୁଆପଥର ବର୍ଷାକୁ ବି ରୋକାଯାଇ ପାରୁଛି, ଯାହାଦ୍ୱାରା ଫସଲ ନଷ୍ଟରୁ ସୁରକ୍ଷା ମିଳୁଛି। ଭୂବିଜ୍ଞାନ ମନ୍ତ୍ରଣାଳୟର ପୂର୍ବତନ ସଚିବ ମାଧବନ ରାଜୀବନ କହିଛନ୍ତି, କ୍ଲାଉଡ ସିଡିଂ ଏବଂ କ୍ଲାଉଡ ମୋଡିଫିକେସନ ଏକ ଜଟିଳ ପ୍ରକ୍ରିୟା। ବର୍ଷା ବୃଦ୍ଧି କରିବା ଲାଗି ଅନେକ ପରୀକ୍ଷଣ ହୋଇଛି, କିନ୍ତୁ ଆଶାନୁରୂପ ସଫଳତା ମିଳିନାହିଁ। କିନ୍ତୁ ବର୍ଷା ବନ୍ଦ କରିବାକୁ ବିଶେଷ ପରୀକ୍ଷଣ ହୋଇନାହିଁ। ଯଦିଓ କୃତ୍ରିମ ଉପାୟରେ ପାଗ ପରିବର୍ତ୍ତନ କରାଇବା ଦିଗରେ ଭାରତରେ ସୁଯୋଗ ରହିଛି, ଏହା ପଛରେ ରହିଥିବା ବିଜ୍ଞାନକୁ ଠିକ୍ ରୂପେ ବୁଝିବା କଷ୍ଟକର ଏବଂ ଏହାର ପ୍ରଯୁକ୍ତିବିଦ୍ୟା ଅତି ଜଟିଳ। ତେଣୁ ଏଥିପାଇଁ ଗବେଷଣା ଆରମ୍ଭ କରିବା ଦରକାର।

### ପୁରୀ ବେଳାଭୂମିରେ ...

ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ଯୁକ୍ତି ବାଢ଼ିଥିଲେ, ପୁରୀର ସମୁଦ୍ର ତଟ ହେଉଛି ମହୋଦଧି ତଟ। ପ୍ରତି ସନ୍ଧ୍ୟାରେ ସେଠାରେ ମହୋଦଧି ଆଳତୀ କରାଯାଏ। ଅମାବାସ୍ୟାରେ ସେଠାରେ ଅନେକ ନୀତିକାନ୍ତି ସମ୍ପନ୍ନ ହୋଇଥାଏ। ଯେଉଁଠାରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଅସ୍ଥି ବିସର୍ଜନ କରନ୍ତି ସେଠାରେ କିପରି ମଦର ବନ୍ୟା ସୃଷ୍ଟି କରାଯିବ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଛନ୍ତି। ରାଜ୍ୟ ସରକାରଙ୍କ ଅବକାରୀ ନୀତି ଅନୁଯାୟୀ, ସ୍କୁଲ, କଲେଜ, ଦେବାଳୟ ଓ ଡାକ୍ତରଖାନା ଆଗରେ ମଦ ଦୋକାନ ଖୋଲି ପାରିବନି। ଏହି ନିୟମ ବହୁ ପୂର୍ବରୁ ଲାଗୁ ହୋଇଥିଲେ ବି ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉନି। ତେଣୁ ତୁରନ୍ତ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଦାବି ହେଉଛି। ରାଜ୍ୟ ସରକାରଙ୍କ ଏହି ମଦ ନୀତିର ବୈଧତା ୭ରୁ ୮ ମାସ ପର୍ଯ୍ୟନ୍ତ ରହିବ। କିନ୍ତୁ ଆଗାମୀ ବର୍ଷ ଯେଉଁ ମଦ ନୀତି ଆସିବ ସେଥିରେ ବ୍ୟାପକ ପରିବର୍ତ୍ତନ ଆଣିବେ ନୂଆ ସରକାର। ମୁଖ୍ୟତଃ ଉକ୍ତ ନିୟମରେ ଚୋରା ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସରକାର ନେବେ କଠୋର ପଦକ୍ଷେପ।

### ମହଙ୍ଗା ପଡ଼ିବ ...

ମହାବିଦ୍ୟାଳୟର ଜନସୂଚନା ଅଧିକାରୀ ତାଙ୍କ ସୂଚନାରେ ଅନୁସନ୍ଧାନ କଲାପରେ ସୌଭାଗ୍ୟ କୁମାର ସିଂହ ୨୦୦୮ ମସିହାରେ +୩ ପାସ କରିନଥିବା ଏବଂ ନାମ ଲେଖାଇବା ସମୟରେ ସେ ଅନୁସୁଚିତ ଜାତି ବା ଜନଜାତିର କୌଣସି ପ୍ରମାଣପତ୍ର ଦାଖଲ କରିନଥିବା ଏବଂ ସେ ସରକାରଙ୍କ ଦ୍ୱାରା ପ୍ରଦତ୍ତ କୌଣସି ବୃତ୍ତି ମଧ୍ୟ ହାତେଇନଥିବା ପ୍ରଦାନ କରିଥିଲେ । ସେହିପରି +୩ ଶେଷ ବର୍ଷ ଟିଆର(୨୦୦୮)ରେ ଶ୍ରୀ ସିଂହ ଚାକିରୀ ସମୟରେ ପ୍ରଦାନ କରିଥିବା +୩ ପ୍ରମାଣପତ୍ରରେ ଉଲ୍ଲେଖ ଥିବା ରୋ.ନଂ ଓ ନାମର କୌଣସି ସୂଚନା ନଥିବା ମଧ୍ୟ ତାଙ୍କ ସୂଚନାରେ ସେ ଉଲ୍ଲେଖ କରିଥିଲେ । ତେଣୁ ସୂଚନା ଅଧିକାରୀଙ୍କ ଉକ୍ତ ସୂଚନାରୁ ସୌଭାଗ୍ୟ କୁମାର ସିଂହ ଜାଲ +୩ ପ୍ରମାଣ ପତ୍ର ହାତେଇ ଚାକିରୀ କରିଥିବା ସ୍ପଷ୍ଟ ହେଉଛି । ଏହାକୁ ଆଧାର କରି ଶ୍ରୀ ଧଳ ଜିଲ୍ଲାପାଳଙ୍କୁ ବିଧିବଦ୍ଧ ଭାବେ ଏହାର ବିଭାଗୀୟ ତଦନ୍ତ କରିବା ସହିତ ତଦନ୍ତ ସମୟରେ ତାଙ୍କୁ (ଶ୍ରୀ ଧଳ) ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ସମସ୍ତ ଜାଲ ପ୍ରମାଣପତ୍ରକୁ ପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

### ବିଜେପି ରାଜନୀତିରେ ...

ଜାଣିବା ସହିତ ଉକ୍ତ ଭାଷା ଉପରେ ଗବେଷଣା କରିବା ସହିତ କହିବା ଓ ଲେଖିବା ଭଳି ଦକ୍ଷତା ମଧ୍ୟ ସେ ଦଖଲ କରିଛନ୍ତି। ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନା ରାଜ୍ୟରେ ରହିଆସୁଥିବା ବହୁ ଓଡ଼ିଆଙ୍କ ପାଇଁ ସ୍ୱାସ୍ଥ୍ୟ ସେବାରେ, ଦାଦନ ଶ୍ରମିକମାନଙ୍କର ଅଧିକାର ପାଇଁ ମଧ ସେ କାମ କରି ଆସୁଛନ୍ତି । ୨୦୧୭ ମସିହାରୁ ରାଜ୍ୟ ବିଜେପିର ବିଭିନ୍ନ ଦାୟିତ୍ୱରେ ରହି ୨୦୧୭ ପଞ୍ଚାୟତ ନିର୍ବାଚନ, ୨୦୧୯ ସାଧାରଣ ନିର୍ବାଚନ, ୨୦୨୨ ପଞ୍ଚାୟତ ନିର୍ବାଚନ ଏବଂ ଚଳିତବର୍ଷ ୨୦୨୪ ସାଧାରଣ ନିର୍ବାଚନ ପରିଚାଳନା କରିବା ସହିତ ଜିଲ୍ଲା ଉପ-ସଭାପତି, ଜିଲ୍ଲା ବୁଦ୍ଧିଜୀବୀ ପ୍ରକୋଷ୍ଠର ଜିଲ୍ଲା ସଂଯୋଜକ, ଜିଲ୍ଲା ମହିଳା ମୋର୍ଚ୍ଚାର ପ୍ରଭାରୀ ଦାୟିତ୍ୱରେ ରହି କାର୍ଯ୍ୟ ନିର୍ବାହ କରିଆସୁଛନ୍ତି । ରାୟଗଡ଼ା ଜିଲ୍ଲା ବିଜେପି ସଭାପତି ପାଇଁ ତାଙ୍କ ନାମକୁ ନେଇ ଆଲୋଚନା ହେଉଛି, ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତା ମାନେ ତାଙ୍କୁ ଜିଲ୍ଲାର ସଭାପତି ଭାବରେ ଦେଖିବା ପାଇଁ ଚାହୁଁଛନ୍ତି। ଶ୍ରୀ ଆନନ୍ଦ ନିଜର ଲୋକପ୍ରିୟତା, ଦକ୍ଷ ନେତୃତ୍ୱ ସହିତ ବଳିଷ୍ଠ ସଂଗଠନ ଦ୍ୱାରା ରାୟଗଡ଼ା ବିଜେପିକୁ ସଶକ୍ତ କରିବା ପାଇଁ ସକ୍ଷମ ହେବେ ବୋଲି କର୍ମୀ ମହଲରେ ଆଲୋଚ୍ୟ ପ୍ରସଙ୍ଗ ପାଲଟିଛି।

### ଜୟନାରାୟଣଙ୍କ ..

ଯେଉଁଥି ଲାଗି ଭଲରେ ହୋଇନଥିଲା ତଦନ୍ତ। ହେଲେ ସରକାର ପରିବର୍ତ୍ତନ ପରେ ବିଧାନସଭା ଶୂନ୍ୟକାଳରେ ଏହି ସବୁ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା, ମନ୍ତ୍ରୀ ନବ ଦାସ ହତ୍ୟା, ମମିତା ମେହେର ହତ୍ୟା ଏବଂ ଗୋବିନ୍ଦ ସାହୁଙ୍କର ରହସ୍ୟଜନକ ମୃତ୍ୟୁ ଘଟଣା ଓଡ଼ିଶାବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ଏ ସବୁ ମାମଲାରେ ଯେଉଁ ପରି ଢଙ୍ଗରେ ତଦନ୍ତ ହେଲା, ତାହା ମଧ ସନ୍ଦେହଜନକ। ତଦନ୍ତ ଉପରେ ମଧ ଓଡ଼ିଶାବାସୀଙ୍କର ବିଶ୍ୱାସ ନାହିଁ। ତେଣୁ ଏହି ସବୁ ହତ୍ୟାକାଣ୍ଡର ତଦନ୍ତ ଭାର ସିବିଆଇକୁ ଦିଆଯାଉ ବୋଲି ଦାବି କରିଛନ୍ତି ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। ବିଧାନସଭାରେ ଶାସକଙ୍କ ସହ ବିରୋଧୀ ବି ମିଶାଇଲେ ସ୍ୱର। ଜୟନାରାୟଣ କହିବା ପରେ କଂଗ୍ରେସ ବି ସମାନ କଥା କହିଛି। ସେପଟେ, ତାଙ୍କ ହାତରେ ସରକାର ଅଛି, ସିବିଆଇ ତଦନ୍ତ କରନ୍ତୁ ବୋଲି କହିଛି ବିଜେଡ଼ି। ମୋଟ୍ ଉପରେ, ବହୁ ଚର୍ଚ୍ଚିତ ମହାଲିଙ୍ଗ କଲେଜ ଶିକ୍ଷୟିତ୍ରୀ ମମିତା ହତ୍ୟାକାଣ୍ଡର ରହସ୍ୟରୁ ଆଜି ଯାଏଁ ଉଠୁନି ପରଦା। କେଉଁ ପରିସ୍ଥିତିରେ ମମିତା ମେହେରଙ୍କୁ ହତ୍ୟା କରିଥିଲା କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ ? ହତ୍ୟା ପାଇଁ ଗୋବିନ୍ଦକୁ କେହି ନିର୍ଦ୍ଦେଶ ଦେଇଥିଲେ କି ? ମହାଲିଙ୍ଗ କଲେଜରେ ଚାଲିଥିଲା କ'ଣ ? କ'ଣ ଜାଣିଥିଲେ ମମିତା ମେହେର, ଯେଉଁଥିପାଇଁ ମମିତାଙ୍କୁ ଜୀବନରୁ ମାରିବା ପାଇଁ ନିଷ୍ପତି ନେଇଥିଲା ଗୋବିନ୍ଦ ? ହତ୍ୟାକାଣ୍ଡରେ ବିଜେଡ଼ି ନେତା ଦିବ୍ୟ ଶଙ୍କର ମିଶ୍ରଙ୍କ ସଂପୃକ୍ତି ନେଇ ଅଭିଯୋଗ ଆଣିଥିଲେ ମମିତାଙ୍କ ବାପା ମା। କିନ୍ତୁ କେବଳ ଗୋବିନ୍ଦ ସାହୁଙ୍କୁ ଗିରଫ କରି ହାତ ବାନ୍ଧି ବସି ଗଲା ପୋଲିସ। ଆଉ ହଠାତ୍ ଦିନେ କୋର୍ଟକୁ ଯିବା ପୂର୍ବରୁ ଜେଲ ଭିତରୁ ମିଳିଥିଲା ଗୋବିନ୍ଦ ସାହୁର ଝୁଲନ୍ତା ମୃତ ଦେହ। କୁହାଗଲା, ଗୋବିନ୍ଦ ସାହୁ ଆତ୍ମହତ୍ୟା କରିଛି। କିନ୍ତୁ ଗୋବିନ୍ଦର ଏଭଳି ମୃତ୍ୟୁ ପଛରେ ସେତେବେଳେ ଷଡ଼ଯନ୍ତ୍ରର ଗନ୍ଧ ବାରିଥିଲା ବିଜେପି। ଆଉ ଏବେ ବିଜେପି ସରକାରକୁ ଆସିବା ପରେ ପୁଣି ଖୋଲିବ କି ଏହି ସବୁ ହତ୍ୟାର ଫାଇଲ ? ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ କି ମୋହନ ସରକାର ?

### ଆଦାନୀକୁ ...

ବିବାହିତ ଝିଅ ଏବଂ ସାବତ ପୁଅ ଝିଅଙ୍କ ପାଇଁ ନିଯୁକ୍ତିର ବ୍ୟବସ୍ଥା ନ ଥିଲା। ବର୍ତ୍ତମାନ ବିବାହିତ ଝିଅ ଏବଂ ସାବତ ଝିଅଙ୍କୁ ନିଯୁକ୍ତି ମିଳିବ। ସେହପରି ଅଦାନୀ ହାତକୁ ଗଲା ଗୋପାଳପୁର ବନ୍ଦର। ବନ୍ଦରର ୯୫ ଭାଗ ଅଦାନୀ ପାଖରେ ରହିବ ଏବଂ ୫ ପ୍ରତିଶତ ଭାଗ ଷ୍ଟିବିଡର ପାଖରେ ରହିବ। ଗୋପାଳପୁର ପୋର୍ଟ୍ ଲିମିଟେଡ ଏକ ସଂଗଠନ, ଯେଉଁଥିରେ ଓଡିଶା ଷ୍ଟିଭେଡୋରସ ଲିମିଟେଡ, ନୋବଲେ ଗ୍ରୁପ ଲିମିଟେଡ ଓ ସାରା ଇନ୍ଟରନ୍ୟାଶନାଲର ଯଥାକ୍ରମେ ୩୪, ୩୩ ଓ ୩୩ ପ୍ରତିଶତ ଅଂଶଧନ ଥାଇ ଗୋପାଳପୁର ବନ୍ଦରର ବିକାଶ କରିଥିଲେ। ୨୦୧୦ ଓ ୨୦୧୭ ଏହି ବନ୍ଦରର ଅଂଶଧନ ପରିବର୍ତ୍ତନ ହୋଇଥିଲା। ବର୍ତ୍ତମାନ ଏହି ଗୋପାଳପୁର ବନ୍ଦର ୧୧.୪୩ ମିଲିୟନ ମେଟ୍ରିକ ଟନ ପଣ୍ୟ ପରିବହନ କରୁଅଛି ଏବଂ ଏହାର ମୋଟ ଆୟରୁ ୭.୫ ପ୍ରତିଶତ ରାଜ୍ୟ ସରକାରଙ୍କୁ ରାଜସ୍ୱ ଅଂଶ ଭାବେ ପ୍ରଦାନ କରୁଅଛି।

### ଧରାପଡ଼ିଲା ...

ପଦ୍ମପୁର ଉପନିର୍ବାଚନ ବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଏବେର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ନିଜେ ନିର୍ବାଚନୀ ମଞ୍ଚରେ ପାଇକମାଳକୁ ଏନଏସି ପାଇଁ ଘୋଷଣା କରିଥିଲେ। କିନ୍ତୁ ଗତକାଲି ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତର ସ୍ପଷ୍ଟ କରୁଛି, ପାଇକମାଳ ଲାଗି ବି ବିଧିବଦ୍ଧ ପ୍ରସ୍ତାବ ନାହିଁ। ଏହା ବାଦ୍ ଆଉ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବିଧାୟକ ଏବଂ ଲୋକଙ୍କର ପ୍ରସ୍ତାବ ଅନୁସାରେ ଆଉ ୧୮ଟି ଅଞ୍ଚଳକୁ ଏନଏସି ପାଇଁ ପ୍ରସ୍ତାବ ରହିଛି। ମୋଟ୍ ଉପରେ, ଏବେ ରାଜ୍ୟରେ ୫ଟି ମହାନଗର ନିଗମ, ୪୮ଟି ପୌରପାଳିକା ଏବଂ ୬୨ଟି ଏନଏସି ରହିଛି। ହେଲେ ଏବେ ରାଜ୍ୟରେ କେତୋଟି ନୂଆ ଏନଏସି ହେଉଛି ତାହା ଦେଖିବାକୁ ବାକି ରହିଲା।

### ଖାଇଗଲେ ...

ମହାଲେଖାକାର ବିଶ୍ୱନାଥ ସିଂହ ଏହି ଅଡିଟ୍ ରିପୋର୍ଟ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅନୁସୂଚିତ ଅଞ୍ଚଳରେ ଜମି ପରିଚାଳନା, ୨୦୨୩ ମାର୍ଚ୍ଚରେ ସମାପ୍ତ ବର୍ଷ ପାଇଁ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନ, ୨୦୨୨ ମାର୍ଚ୍ଚର ସମାପ୍ତ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ସମ୍ପର୍କିତ ଅନୁପାଳନ ସମୀକ୍ଷା ପ୍ରତିବେଦନ ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି। ସିଏଜି ତାଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଖୋର୍ଦ୍ଧା ଜିଲ୍ଲାରେ ଏହି ସ୍କଲାରସିପ୍ ମନଇଚ୍ଛା ବଣ୍ଟନ କରାଯାଇଛି। ୨୦୧୮-୧୯ରେ ପ୍ରାୟ ୮୮ ପ୍ରତିଶତ ଅନୁଷ୍ଠାନ, ୨୦୧୯-୨୦ ଓ ୨୦୨୦-୨୧ରେ ୧୦୦ ପ୍ରତିଶତ ଅନୁଷ୍ଠାନର ଆବେଦନଗୁଡ଼ିକୁ ଖୋର୍ଦ୍ଧା ଡିଡବ୍ଲ୍ୟୁଓ ଯାଞ୍ଚ କରିନଥିଲେ। ୨୦୧୮-୧୯ରୁ ୨୦୨୦-୨୧ ମଧ୍ୟରେ ଅଡିଟ୍ ଦ୍ୱାରା ବିବେଚନା ଭିତ୍ତିରେ ମନୋନୀତ ୧୩ଟି ଅନୁଷ୍ଠାନ ମଧ୍ୟରୁ କୌଣସିଟିରେ ଡିଡବ୍ଲ୍ୟୁଓଙ୍କ ଦ୍ୱାରା ଯାଞ୍ଚ କରାଯାଇନଥିଲା ବୋଲି ସିଏଜି କହିଛନ୍ତି। ଖୋର୍ଦ୍ଧା ଜିଲ୍ଲା ପାଇଁ ଜିଲ୍ଲାସ୍ତରୀୟ କମିଟି ଗଠନ ପ୍ରମାଣ ପ୍ରଦାନ କରିବାରେ ଡିଡବ୍ଲ୍ୟୁଓ ସକ୍ଷମ ହୋଇନଥିଲେ। ଏପରିକି ଏହି ସ୍କଲାରସିପ୍ ମଞ୍ଜୁରୀ ପାଇଁ ରହିଥିବା ମାର୍ଗଦର୍ଶିକାକୁ ମଧ ପାଳନ କରାଯାଇନଥିଲା। ୨୦୨୬-୧୭ରୁ ୨୦୨୦-୨୧ ମସିହା ମଧ୍ୟରେ ୩୮ଟି ଶିକ୍ଷାନୁଷ୍ଠାନର ମୋଟ ୫୬୬୦ଜଣ ଛାତ୍ରଛାତ୍ରୀଙ୍କୁ ଅନିୟମିତତା ଭାବରେ ୧୮.୦୩କୋଟି ଟଙ୍କା ପ୍ରଦାନ କରାଯାଇଛି। ଯଦିଓ ଏହି ଅବଧି ମଧ୍ୟରେ ସେମିଷ୍ଟାର ପରୀକ୍ଷା ଫଳାଫଳରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ନାଁ ସାମିଲ ନଥିଲା। ଅଡିଟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରୁ ୨୦୨୦-୨୧ ମସିହା ମଧ୍ୟରେ ୩୩୨୮ଜଣ ଛାତ୍ରଛାତ୍ରୀଙ୍କୁ ସେମିଷ୍ଟାର ପରୀକ୍ଷାରେ ଯୋଗ ଦେବା ପାଇଁ ପଞ୍ଜିକୃତ ନକରି ୨୬.୫୮କୋଟି ଟଙ୍କାର ସ୍କଲାରସିପ୍ ପ୍ରଦାନ କରାଯାଇଛି। ଏପରିକି ଏସବୁର ଆବଶ୍ୟକ ରେକର୍ଡ ପ୍ରଦାନ କରିବାରେ ମଧ ଶିକ୍ଷାନୁଷ୍ଠାନଗୁଡ଼ିକ ଫେଲ୍ ମାରିଥିଲେ। ଖୋର୍ଦ୍ଧା ଜିଲ୍ଲାର ୪ଟି କଲେଜରେ ଇଞ୍ଜିନିୟରିଂ ପାଠ ପଢୁଥିବା ୩୨୨୮ଜଣ ଛାତ୍ରଛାତ୍ରୀଙ୍କୁ ସେମିଷ୍ଟାର ପରୀକ୍ଷା ପାଇଁ ପଞ୍ଜିକୃତ ନକରି ଏହି ସ୍କଲାରସିପ୍ ଦିଆଯାଇଛି। ମହାବୀର ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏସଂକ୍ରାନ୍ତ କୌଣସି ଦସ୍ତାବିଜ ଓ ରେଜିଷ୍ଟର ରଖିନଥିବା ଜଣାପଡ଼ିଚି। ସେହିପରି ବିଭିନ୍ନ ବର୍ଷରେ ବିଭିନ୍ନ ଅନୁଷ୍ଠାନରେ ୨୦୧୬-୧୭ରୁ ୨୦୨୦-୨୧ ମସିହା ମଧ୍ୟରେ ଡିପ୍ଲୋମା ପାଠ୍ୟକ୍ରମରେ ଏକାଧିକ ଥର ନାମ ଲେଖାଇଥିବା ୨୬୨ଜଣ ଛାତ୍ରଛାତ୍ରୀଙ୍କୁ ଅନିୟମିତ ଭାବେ ୩.୧୫କୋଟି ଟଙ୍କା ପ୍ରଦାନ କରାଯାଇଥିବା ଅଡିଟରୁ ଧରାପଡ଼ିଛି। ଏହି ୨୬୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୬ଜଣ ପରୀକ୍ଷାରେ ପାସ୍ କରିବାରେ ବିଫଳ ହୋଇଥିଲେ।

### ଓଡ଼ିଶାରେ ...

୫୦୦ରୁ ଅଧିକ ଷ୍ଟ୍ରୋକ୍ ରୋଗୀଙ୍କୁ ଚିକିତ୍ସା କରିଥାଏ, ଯେଉଁଥିରେ ଇଣ୍ଟରଭେନସ୍ ଥ୍ରୋମ୍ବୋଲାଇସିସ୍, ମେକାନିକାଲ ଥ୍ରୋମ୍ବୋକ୍ଟୋମି, ଷ୍ଟ୍ରୋକ୍ ନ୍ୟୁରୋସର୍ଜରୀ, ନ୍ୟୁରୋକ୍ରିଟିକାଲ କେୟାର ଏବଂ ଉନ୍ନତ ନ୍ୟୁରୋ-ରିହାବିଲିଟେସନ୍ ସେବା ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱରର ଡିନ୍ (ଏକାଡେମିକ୍ସ) ଡାକ୍ତର ପିଆର ମହାପାତ୍ର ଓ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଡିକେ ପରିଡ଼ା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏଏନ୍ ଷ୍ଟ୍ରୋକ୍ ସବସେକ୍ସନ୍‌ର ଅଧ୍ୟକ୍ଷ ଡ. ସୁନୀଲ କେ ନାରାୟଣ, ଇଣ୍ଡିଆନ୍ ଷ୍ଟ୍ରୋକ୍ ଆସୋସିଏସନ୍‌ର ସଭାପତି ଡ. ନିର୍ମଳ ସୂର୍ଯ୍ୟ, ଡ. କାମେଶ୍ୱର ପ୍ରସାଦ, ଡ. ପି ବିଜୟା ଏବଂ ଡ. ଏସ୍ ପି ଗୋର୍ଥି ପ୍ରମୁଖ ଯୋଗଦେଇ ଷ୍ଟ୍ରୋକ୍ ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆବାସିକ ଡାକ୍ତର ଓ ଅଧ୍ୟାପକମାନଙ୍କ ପାଇଁ ଷ୍ଟ୍ରୋକ୍ ଉପରେ ଏକ ପୋଷ୍ଟର ଅଧିବେଶନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନବ ଜାତି ପ୍ରତି ଉତ୍ସର୍ଗୀକୃତ ସେବା ପାଇଁ ବରିଷ୍ଠ ନ୍ୟୁରୋଲୋଜିଷ୍ଟ ଡ. ଆର୍ ଏନ୍ ସାହୁଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର ଏମ୍ସର ନ୍ୟୁରୋଲୋଜି ମୁଖ୍ୟ ଡାକ୍ତର ସଞ୍ଜୀବ କୁମାର ଭୋଇ, ଡାକ୍ତର ମେନକା ଝା ଓ ଡାକ୍ତର ପ୍ରିୟଙ୍କା ସାମଲ ଏହି ସମ୍ମିଳନୀକୁ ସଂଯୋଜନା କରିଥିଲେ।

# ୪୭୬ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବିଭାଗରେ ୪୭୬ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ନିଯୁକ୍ତି ପତ୍ର ପ୍ରଦାନ ପ୍ରଦାନ ବେଳେ ନବ ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସେବା କେବଳ ଏକ କର୍ମ ନିଯୁକ୍ତି ନୁହେଁ, ଏହା ଆପଣମାନଙ୍କ ପାଇଁ ଏକ ଗୁରୁଦାୟିତ୍ୱ। ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ୮୨ ଜଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୩୯ ଜଣ, ଉଚ୍ଚଶିକ୍ଷା ବିଭାଗର ୨୪ ଜଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୩୧ ଜଣ, ସୂଚନା ଓ ଲୋକସଂପର୍କ ବିଭାଗର ୫ ଜଣ, ଯୋଜନା ଓ ସଂଯୋଜନ ବିଭାଗର ୬୧ ଜଣ ଏବଂ ଅନୁସୂଚିତ ଜନଜାତି ଓ ଜାତି ବିଭାଗର ୩୪ ଜଣ। ମୋଟ ୪୭୬ ଜଣ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀ ଅଛନ୍ତି। ତନ୍ମଧ୍ୟରେ ଗ୍ରୁପ-ଏ ବର୍ଗର ୯୮ ଜଣ ଅଧିକାରୀ, ଗ୍ରୁପ-ବି ବର୍ଗର ୧୩୦ ଜଣ ଅଧିକାରୀ ଏବଂ ଗ୍ରୁପ-ସି ବର୍ଗର ୨୪୮ ଜଣ କର୍ମଚାରୀ ଅଛନ୍ତି।

# କାର୍ଯ୍ୟାନୁଷ୍ଠାନ ବଦଳରେ ପଦୋନ୍ନତି

**ଭଦ୍ରକ :** ତହସିଲ ଅଫିସରେ ସୁପରଭାଇଜର ଥିବା ଦୁଇଜଣ କର୍ମଚାରୀ ଚାକିରି କରିବା ସମୟରେ ମିଥ୍ୟା ଶିକ୍ଷାଗତ ଓ ଜାତି ପ୍ରମାଣପତ୍ର ଦେଇଥିଲେ। ଚାକିରି କରିବା ଅବସରରେ ସେମାନେ ଅନେକ ଦୁର୍ନୀତିରେ ଜଡିତ ହେବା ସହିତ ବହୁତ କେଲେଙ୍କାରୀ କରିଛନ୍ତି। ଏହାସତ୍ତ୍ୱେ ଉପରିସ୍ଥ ଅଧିକାରୀ ଏମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ତାଙ୍କୁ ଓଆର୍‌ଏସ୍‌ରେ ପଦୋନ୍ନତି ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଥିଲା ବେଳେ ଆଉ ଜଣେ ଅତିରିକ୍ତ ତହସିଲଦାର ଭାବେ ଘଟଗାଁରେ ନିଯୁକ୍ତି ପାଇଛନ୍ତି। ଏ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ ହେବା ବଦଳରେ ବିଭାଗ ସେମାନଙ୍କୁ କିଭଳି ପଦୋନ୍ନତି ଦେଲା ତାହା ସାଧାରଣରେ ଚର୍ଚ୍ଚା ହେଉଛି। ଯାହା ଜଣାପଡିଛି ସୂଚନା ଅଧିକାର କର୍ମୀ ଓ ସାମ୍ବାଦିକ ବିକାଶ କୁମାର ଧଳ ଏହାକୁ ନେଇ ଜନସ୍ୱାର୍ଥ ମାମଲା ରୁଜୁ କରିବେ ବୋଲି ଜଣାଇଛନ୍ତି।

# ଚୋକୋଟିଆ ଭୁଞ୍ଜିଆଙ୍କୁ ସିବିଡିଏରେ ସାମିଲ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି

**ନୂଆପଡ଼ା,(ସୁଶାନ୍ତ କୁମ୍ଭାର):** ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଲାଲ ଗଡ ରେ ବସବାସ କରନ୍ତି ଆଦିମ ଜନଜାତି ଚିକୋଟିଆ ଭୁଞ୍ଜିଆ। ଏହି ଜନଜାତିର ବିକାଶ ପାଇଁ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସିବିଡିଏ କାର୍ଯ୍ୟ କରୁଛି। ହେଲେ ଏହି ଜନଜାତି ତାଲିକାଭୁକ୍ତ ହୋଇନାହାନ୍ତି। ସୁନାବେଡ଼ା ଅଭୟାରଣ୍ୟ ବାସି ସୁଫଳ ପାଉଥିବା ବେଳେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକ ସିନାପାଲି, ବୋଡ଼େନ ଓ ଖଡ଼ିଆଳରେ ବସବାସ କରୁଥିବା ଚୋକଟିଆ ଭୁଞ୍ଜିଆ ବଞ୍ଚିତ ହେଉଛନ୍ତି। ଏହି ଜନଜାତିଅଙ୍କୁ ସାମିଲ କରିବାକୁ ଖଡ଼ିଆଳ ବିଧାୟକ ଅଧିରାଜ୍ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଜଣାଇଛନ୍ତି।



# ଦାଦନ ନିଖୋଜ; ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ପରିବାର

**ନୂଆପଡା :** ନୂଆପଡ଼ା ଜିଲ୍ଲାରେ ଦାଦନ ସମସ୍ୟା ବିକଟାଳ ନେବାରେ ଲାଗିଛି। ଜିଲ୍ଲାରେ ଦାଦନ ଶ୍ରମିକ ତଥ୍ୟ ପ୍ରସ୍ତୁତ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ଶିବିରରେ ପୁଣି ଏକ ଦାଦନ ନିଖୋଜ କାହାଣୀ ଆସି ପହଞ୍ଚିଛି। ସୂଚନା ଅନୁସାରେ ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ପାଗର ପାଣି ଗ୍ରାମର ଛନ୍ଦା ମାଝୀ ନିଜ ଝିଅ ଶହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ପହଞ୍ଚି ସ୍ୱାମୀ ଅମିନ ମାଝୀ (୬୦) ମୁମ୍ବାଇରେ ନିଖୋଜ ନେଇ ଅଭିଯୋଗ କରିଛନ୍ତି। ଗ୍ରାମର ଅମିନ ଗତ ୧୧ ଅଗଷ୍ଟ ରେ ନିଜ ପୁଅ ପ୍ରତାପ (୨୪) ଓ ୩ ଜଣଙ୍କ ଶହ ମିଶି ଶବର ନାୟକ ନାମକ ଶ୍ରମିକ ଠିକାଦାର ଶହ ମୁମ୍ବାଇ କୁ କାମ କରିବାକୁ ଯାଇଥିଲେ। ଗତ ୨୩ ଅଗଷ୍ଟରେ ପୁଅ ପ୍ରତାପ



ବାପା ହଜି ଯାଇଥିବା ଖବର ମା'ଙ୍କୁ ଜଣାଇଥିଲେ। ଏ ନେଇ ପ୍ରତାପ ମୁମ୍ବାଇ ପାଟଣାଗଡ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପଟେ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ମୁମ୍ବାଇ ଯାଇ ଖୋଜାଖୋଜି କରିବା ସମ୍ଭବ ନୁହେଁ। ଏଣେ ଘରେ ଜଣେ ବଡିଲା ଝିଅ ଥିବାରୁ ତାକୁ ଛାଡି କୁଆଡେ ଯିବି ବୋଲି ଅମିନଙ୍କ ପତ୍ନୀ ଛନ୍ଦା, ସାମାଜିକ କର୍ମୀ ରବି ମଙ୍ଗରାଜଙ୍କ ସହ ଆସି ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି।

# ଶିଶୁ ଶ୍ରମିକ ଓ ବାଲ୍ୟ ବିବାହକୁ ନେଇ ସଚେତନ କାର୍ଯ୍ୟକ୍ରମ

**ଲକ୍ଷ୍ମୀପୁର :** ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର କୋରାପୁଟ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ଆନୁକୁଲ୍ୟରେ 'ଜିଲ୍ଲା ସ୍ତରୀୟ ବିଭାଗୀୟ କର୍ମକର୍ତ୍ତାଙ୍କୁ ନେଇ ଶିଶୁ ଅଧିକାର ସମ୍ପର୍କୀୟ ସମନ୍ୱୟ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ଦାସ, ସମ୍ମାନିତ ଅତିଥି ଭାବେ ଦଶମନ୍ତପୁର ଶିଶୁକଲ୍ୟାଣ ବିଭାଗର ଶକୁନ୍ତଳା ଦାସ, ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ରାମେଶ୍ୱରୀ ହିକକା, ବୋରିଗୁମ୍ମା ବ୍ଲକ ଶିକ୍ଷା ଅଧିକାରୀ ସଚିନ କୁମାର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସବିତା ସମାଦାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତ ଶିଶୁ ମାନଙ୍କର ଅଧିକାରକୁ ନେଇ ରହିଥିବା ବିଭିନ୍ନ ଅସୁବିଧା ଯଥା ଶିଶୁ ଶ୍ରମିକ, ବାଲ୍ୟବିବାହ, ବିଦ୍ୟାଳୟ ପରିତ୍ୟକ୍ତା ଶିଶୁ କିପରି ମୁଖ୍ୟ ସ୍ରୋତକୁ ଆସିପାରିବେ ଏବଂ ସୂଚାରୁ ରୂପେ କିପରି ସେମାଙ୍କର ଅଧିକାରକୁ ବିଶେଷ କରି ବିଦ୍ୟାଳୟ ବାହାରେ ରହୁଥିବା ସମସ୍ୟା, ବାଲ୍ୟବିବାହ ସମସ୍ୟା ଗୁଡିକ ସମ୍ପାଦନ କରିବା ପାଇଁ ବିଭିନ୍ନ ଶିଶୁ କଲ୍ୟାଣ ବିଭାଗ ତରଫରୁ ତଥା ଶିଶୁ ମାନକୁ ବିକାଶ କରିବା ପାଇଁ ବିଭିନ୍ନ ବିଭାଗ ଅର୍ଥାତ୍ ଶିକ୍ଷା ବିଭାଗ, ଏବଂ ଜିଲ୍ଲା ଶିଶୁ ଅଧିକାର ସୁରକ୍ଷା ବିଭାଗ, ପଞ୍ଚାୟତ ସମିତି ଜରିଆରେ ସୁରଖୁରରେ ସମ୍ପାଦନ କରିବା ଏବଂ ଅଞ୍ଚଳରେ ରହିଥିବା ସମସ୍ୟାକୁ ଅନୁଷ୍ଠାନ ସହ ବିଭିନ୍ନ ପଞ୍ଚାୟତ ସ୍ତରୀୟ କର୍ମୀ ଏବଂ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ଏକତା ଅନୁଷ୍ଠାନ ପକ୍ଷରୁ ଏବଂ ଦଶମନ୍ତପୁର ବ୍ଲକର ପି. ବଡାପଦର, ଲୁଲା ଏବଂ ବୋରିଗୁମ୍ମା ବ୍ଲକର କାଠରଗଡା, ହରିଡ଼ାଗୁଡା ପଞ୍ଚାୟତରୁ ଶିଶୁ, ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ସଦସ୍ୟ, ମାତୃ ମଣ୍ଡଳ ସଭ୍ୟା ସହ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିବା ବେଳେ ସହ ବୈଠକକୁ ଏକତା ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ ପାଇକରାୟ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ମଧ୍ୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରଶ୍ମିତା ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ୍ଧୁଗାଁ ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମଦନ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଗଣିତ ଓ ବିଜ୍ଞାନ ବିଷୟକୁ ନେଇ କୁଇଜ୍ ପ୍ରତିଯୋଗୀତା ହୋଇଥିଲା। ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମରେ ବ୍ଲକରେ ଥିବା ୧୧୧ଟି ସ୍କୁଲରୁ ୧୭୪ ଛାତ୍ରଛାତ୍ରୀ ଏହି ପ୍ରତି ଯୋଗୀତାରେ ଅଂଶଗ୍ରହଣ କରିଥିଲେ। ସବ୍ ଜୁନିଅର ପ୍ରତି ଯୋଗୀତାରେ ହାଟ ସରପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ବିଶ୍ୱଜିତ ସାହୁ ପ୍ରଥମ, ବନ୍ଧୁଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ର ବିକାଶକାନ୍ତି ପୁବନ ଦ୍ୱିତୀୟ, କେ.ଟିକରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଟୁକୁନା ମିଣିଆକା ତୃତୀୟ, ଜୁନିଅର ପ୍ରତିଯୋଗୀତାରେ ଗିନିଜିଖାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନକୁଳ ମିଣିଆକା ପ୍ରଥମ, ମହାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଜିତରଞ୍ଜନ ମିଶାଲ ଦ୍ୱିତୀୟ, କୁଟ୍ରାବେଡା ଉଚ୍ଚ



ପ୍ରାଥମିକ ବିଦ୍ୟାଳୟର ନୟନା ମାଣ୍ଡିଙ୍ଗି ତୃତୀୟ, ସିନିୟର୍ ପ୍ରତିଯୋଗୀତାରେ ନିଳାବାଡି ସରକାରୀ ଏସ ଏସ ଡି ବାଳିକା ଉଚ୍ଚ ବିଦ୍ୟାଳୟର ସଞ୍ଜିତା ଜାକାକା ପ୍ରଥମ, କେ.ଜାଗୁଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଟୁକୁନା ମିଣିଆକା ଦୂତୀୟ ଓ ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରବିସ କନ୍ଧପାନ ତୃତୀୟ ସ୍ଥାନ ଗ୍ରହଣ କରିଥିବା ବେଳେ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗି,ଏବିଇଓ ଈଶ୍ୱର ମୁଦୁଲି, ମଦନ ପାଣି, ବନ୍ଧୁଗାଁ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ପ୍ରଭୁତି ମଞ୍ଚାସିନ ରହି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଉପରେ ବିଜ୍ଞାନର ଆବଶ୍ୟକତା ଓ ବ୍ୟବହାରକୁ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସିଙ୍କ ସମେତ ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିବା ବେଳେ ବ୍ଲକ ବି.ଆ.ର.ପି ସଂଗ୍ରାମ କେଶରୀ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





# କାଶତଣ୍ଡୀ ଫୁଲେ ମହି ଦିଶଇ ଧବଳ



ପ୍ରେମାନନ୍ଦ ପାଣିଗ୍ରାହୀ

ଅବ୍ୟକ୍ତ ଓ ଅଖଣ୍ଡ ଲୀଳା ସୃଷ୍ଟି କରୁଥିବା ଋତୁଚକ୍ର ହେଉଛି ପ୍ରକୃତିର ପରିପ୍ରକାଶ । ଅନ୍ଧାର ପରେ ଆଲୋକର ଆବିର୍ଭାବ ଯେମିତି ଚିରନ୍ତନ ସତ୍ୟ,ସେପରି ଋତୁଚକ୍ରର ପରିବର୍ତ୍ତନରେ ଶରତ ସକାଳର ସ୍ୱର୍ଣ ଧରାବୁକୁକୁ ଜଡାଇ ଧରିବା ସେମିତି ଜୀବନ୍ତ । ଷଡ ଋତୁ ମଧ୍ୟରୁ ଶରତ ଋତୁ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରିଥାଏ । ଏବେ ଶରତ ଋତୁର ସମୟ । ଶରତର ଶୋଭାମୟ ପ୍ରକୃତି,ଚତୁର୍ଦ୍ଦିଗର ଉଲ୍ଲସିତ ବାତାବରଣ ଆଉ ସ୍ମୃତି ମଧୁର ଝଙ୍କାର ହୃଦୟକୁ କରେ ରୋମାଞ୍ଚିତ । ସୂର୍ଯ୍ୟଙ୍କର ଅମୃତମୟ ଆଲୋକ ରଶ୍ମୀ ,ଚନ୍ଦ୍ରର ଚିତ୍ତ ଉଲ୍ଲାସକାରୀ ଜ୍ୟୋସ୍ନା,ଗିରିବନ ର ଅନୁପମ ସବୁଜିମା,ଶିଶିର ସ୍ନାତା ଧରିତ୍ରୀ ସବୁକିଛି ଏ ଋତୁରେ ସୁନ୍ଦର ଲାଗେ । ପାହାନ୍ତି ପବନର ଶୀତଳ ଛୁଆଁ ଦେହରେ ଭରିଦିଏ ଶୀତଳତା । ଶରତ ଆସିଲେ ଆକାଶରୁ ହଜିଯାଏ କଳା ବାଦଲର ଗଭୀର ଆସ୍ତରଣ ଆଉ ଆକାଶ ଭରିଆସେ ନୀଳିମାରେ । ଏବେ ଆକାଶରେ ଧଳା ବଉଦର ବନ୍ୟା ଆଉ ସେଥିରୁ କିଛି ଉଡି ଯାଉଛି ଆକାଶର ଶାରଦୀୟ କାନଭାସରେ । ଅନନ୍ତ ନିର୍ମଳ ଆକାଶ ଦେହରେ ଆଜି ଶୁଭ୍ର ମେଘର ବିଭୂତି । ସେହି ତରଙ୍ଗାୟୀତ ବାଦଲର ଉତ୍ତାଳ ଲହରୀ ଭିତରେ ସୁନେଲି ସୂର୍ଯ୍ୟକିରଣ ସୃଷ୍ଟି କରୁଛି ବର୍ଣ୍ଣାଢ୍ୟ ସୌନ୍ଦର୍ଯ୍ୟ ।

***ପରମ୍ପରା ଓ ସଂସ୍କୃତିରେ କାଶତଣ୍ଡୀ :*** ଶରତ ଋତୁ ସୌଭାଗ୍ୟ ଓ ସମ୍ଭାବନାର ଋତୁ । ମୌସୁମୀ କଡ ଲେଉଟାଇଲେ ନଦୀ ପଠାରେ ଅଳସ ଭାଙ୍ଗେ କାଶତଣ୍ଡୀ । ପ୍ରକୃତିର ବିସ୍ମୟ ଏଇ ତୁଷାର ଧବଳ କାଶତଣ୍ଡୀ ଫୁଲ । ବାସହୀନ ଯୋଗୁଁ ଦେବ ପୂଜାରେ ନଲାଗିଲେ ବି ଶରତ ଋତୁରେ ଧରାପୃଷ୍ଠକୁ ସୌନ୍ଦର୍ଯ୍ୟମଣ୍ଡିତ କରେ । କାଶତଣ୍ଡୀ ଏକ ବାରମାସୀ ଘାସ । ୨୨ ରୁ ୩୪ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ଏହା ଜନ୍ମିଥାଏ । ଏହା ପ୍ରାୟ ତିନି ମିଟର ପର୍ଯ୍ୟନ୍ତ ବଢିଥାଏ । ଏହାର ଜନ୍ମସ୍ଥାନ ହେଉଛି ଭାରତ । ଭାରତ ବ୍ୟତୀତ ପାକିସ୍ଥାନ,ନେପାଳ,ବାଂଲାଦେଶ,ଭୁଟାନ ରେ କାଶତଣ୍ଡୀ ଦେଖିବାକୁ ମିଳେ । ନେପାଳରେ କାଶତଣ୍ଡୀକୁ ବାଡ ଓ ଚାଳ ଛପରରେ ବ୍ୟବହାର କରାଯାଏ । ରାଇଜୋମ ପ୍ରକ୍ରିୟାରେ ଏହାର ବଂଶବିସ୍ତାର ହୋଇଥାଏ । କାଶତଣ୍ଡୀ ; ଶରତ ଋତୁରେ ପ୍ରକୃତିର ଅନବଦ୍ୟ ସୃଷ୍ଟି । ଉପରେ ନିର୍ମଳ ଆକାଶ ଆଉ ତଳେ ଶୁଭ୍ର କାଶତଣ୍ଡୀର ସମ୍ଭାର । ଶରତକୁ ସ୍ୱାଗତ କରିବା ପାଇଁ ପ୍ରକୃତିର କୋଳରେ ସଜାଇ ହୋଇଥାଏ ସେ । । ନଦୀପଠା ହେଉକି ବିଲମାଳ ସବୁଠି ଏବେ କାଶତଣ୍ଡୀ ଫୁଲର ସ୍ୱର୍ଗୀୟ ଭଣ୍ଡାର । ଧଳା ଓଢଣୀରେ ଢାଙ୍କି ହୋଇ ପ୍ରକୃତି ରାଣୀ ଶରତର ସୌନ୍ଦର୍ଯ୍ୟ ଗାନ କରୁଛି । ମନେ ହେଉଛି ସ୍ୱର୍ଗର କେଉଁ ଦୂତ ଧରଣୀ ବୁକୁରେ ଧଳା ଚାଦର ବିଛାଇ ଦେଇଛନ୍ତି । କାଶତଣ୍ଡୀ ଫୁଲ ଋତୁ ପରିବର୍ତ୍ତନର ସଙ୍କେତ । ଶୀତ ଋତୁ ଆଗମନର ବାର୍ତ୍ତା ଦେଇଥାଏ ସେ । ସତେ ଯେମିତି ଧଳା ଫରଫର ଚାଦରରେ ଘୋଡେଇ ହୋଇଛି ଧରଣୀ ରାଣୀ । ସକାଳର ସୁନେଲି କିରଣ ସାଙ୍ଗକୁ ସିରିସିରି ପବନରେ ନୀରବରେ ସେ ଦୋଳି ଖେଳୁଛି । ପାଖରୁ ଦେଖିଲେ ଯେକେହିବି ଆନମନା ହୋଇଯିବ । ନଇ ତୁଠରୁ ଭାସି ଆସୁଛି କାଶତଣ୍ଡୀର ଖିଲିଖିଲି ହସ । ଜହ୍ନ ରାତିରେ ଜ୍ୟୋସ୍ନା ବିଧୌତ ଧରଣୀ ବୁକୁରେ କାଶତଣ୍ଡୀ ଫୁଲର ସମ୍ଭାର ଜନମାନସରେ ରୋମାଞ୍ଚ ସୃଷ୍ଟି କରେ । ଦିଗନ୍ତ ବିସ୍ତାରି ଫୁଟୁଥିବା ଏହି ଫୁଲ ଶରତର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିବା ସହ ଦେଖଣାହାରୀଙ୍କୁ ମତୁଆଲା କରିଦିଏ । ଧାନବିଲ ମଝିରେ କାଶତଣ୍ଡୀ ଗଛକୁ ପୋତିଲେ ଜମିରୁ କାଣ୍ଡବିନ୍ଧା ପୋକଙ୍କୁ ଚଢେଇମାନେ ଖାଇଦେଇଥାନ୍ତି । ଏକ ଶିଙ୍ଗୀ ଗଣ୍ଡାଙ୍କର ଏହା ପ୍ରିୟ ଖାଦ୍ୟ । ପୂର୍ବ କାଳରେ କାଶତଣ୍ଡୀର ଚଅଁରକୁ ତାଳପତ୍ରରେ କଲମ ଭାବେ ବ୍ୟବହାର କରାଯାଉଥିଲା । କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ ଅନେକ ଔଷଧୀୟ ଗୁଣରେ କାଶତଣ୍ଡୀ ଭରପୁର । ଆୟୁର୍ବେଦିକ ଚିକିତ୍ସାରେ ଏହାକୁ ବ୍ୟବହାର କରାଯାଏ । ଏହି ଗଛ ବହୁ ମଜବୁତ ହୋଇଥିବାରୁ ଏହାକୁ ଗାଲିଚା,ଦଉଡି ଓ ବିଭିନ୍ନ ଘରସାଜସଜ୍ଜାରେ ବ୍ୟବହାର କରାଯାଏ । ଆମ ଦେଶରେ କେବଳ ଧଳା ରଙ୍ଗର କାଶତଣ୍ଡୀ ଦେଖା ଯାଉଥିବା ବେଳେ ଦେଶବିଦେଶରେ ଗୋଲାପି ରଙ୍ଗର କାଶତଣ୍ଡୀ ମଧ୍ୟ ଦେଖିବାକୁ ମିଳେ । ଏହାକୁ ପିଙ୍କ୍ ମୁଇଲି ଘାସ କୁହାଯାଏ । ସେଠାରେ ସେପ୍ଟେମ୍ବରରୁ ନଭେମ୍ବର ମାସ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଆକାଶ ଗୋଲାପି ରଙ୍ଗର ବାଦଲରେ ନବବଧୂ ଭଳି ସଜେଇ ହୋଇଥାଏ ।

***ମା'ଙ୍କୁ ଆବାହନ :*** କାଶତଣ୍ଡୀ ଫୁଲ ଆମ ପରମ୍ପରା ଓ ସଂସ୍କୃତିରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି । ଶରତ ଋତୁର ଆଗମନ ଠାରୁ ଆରମ୍ଭ ହୋଇଛି ପାର୍ବଣ ଋତୁ । ପ୍ରଭୁ ଗଜାନନ, ମା ଖୁଦୁରୁକୁଣୀଙ୍କ ପରେ ବିରାଜମାନ କରିବେ ଜଗତଜନନୀ ମାଦୁର୍ଗା । ମାଙ୍କ ଆଗମନର ପୂର୍ବାଭାସରେ ଏବେ ପୁଲକିତ ହୋଇ ଉଠିଛି ଧରଣୀ ରାଣୀ । ନାନାଦି ଫୁଲର ବାସ୍ନା ମାଙ୍କ ଆଗମନକୁ ସୁଗନ୍ଧିତ କରୁଛି । ଶାରଦୀୟ ପୂଜାର ପ୍ରତୀକ କାଶତଣ୍ଡୀ ଫୁଲ । କାଶତଣ୍ଡୀର ଦୋଳାୟିତ ଚାମରରେ ମାଦୁର୍ଗା ଧରାବତରଣ କରନ୍ତି ବୋଲି ବିଶ୍ୱାସ ରହିଛି । ପଶ୍ଚିମବଙ୍ଗରେ ଶାରଦୀୟ ପୂଜା ସମୟରେ ଢାକ (ବଡ ଢୋଲ)ରେ ବନ୍ଧାଯାଏ କାଶତଣ୍ଡୀ । ମାଙ୍କ ପୂଜା ଆସ୍ଥାନରେ ପୂଜା ପାଏ କାଶତଣ୍ଡୀ ଫୁଲ । ଭାଦ୍ରବ କୃଷ୍ଣ ପକ୍ଷ ପଞ୍ଚମୀକୁ ରେଖା ପଞ୍ଚମୀ କୁହାଯାଏ । ଏହି ଦିନ କାଶତଣ୍ଡୀ ଫୁଲ ପୂଜାର ପରମ୍ପରା ରହିଛି । ଘଣ୍ଟା କର୍ଣ୍ଣ ମହାବୀରଙ୍କୁ ଘରର ଦ୍ୱାରବନ୍ଧରେ ପୂଜା କରାଯିବା ସହ କାଶତଣ୍ଡୀ ଫୁଲର ବେଣୀ ଘର କବାଟରେ ବାନ୍ଧି ଦିଆଯାଏ ।

***ସାହିତ୍ୟରେ କାଶତଣ୍ଡୀ :*** ଶରତ ଋତୁର ମୃଦୁ ପବନ ଛୁଆଁରେ କାଶତଣ୍ଡୀ ଯେତିକି ଜୋରରେ ଦୋଳି ଖେଳେ,ସେତିକି ଚକ୍‌ଚକ୍ ବି କରେ । ଆଉ ଏହାର ମନଲୋଭା ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆନମନା କରେ । ତାକୁ ଦେଖିବା ମାତ୍ରେ ମନରେ ଛୁଇଁଯାଏ ଅପାର ପୁଲକ । ରାସ୍ତାରେ ଯାଉଥିବା ବାଟୋଇ ମଧ୍ୟ କିଛି କ୍ଷଣ ପାଇଁ ଅଟକିଯାଏ । ଲୋକେ କାଶତଣ୍ଡୀ ସହ ଫଟୋ ଉଠାଇ ନିଜର ସ୍ମୃତିକୁ ସାଉଁଟିବାରେ ଲାଗନ୍ତି । କେବଳ ସେତିକି ନୁହେଁ,କାଶତଣ୍ଡୀର ରୋମାଞ୍ଚଭରା ରୂପଲାବଣ୍ୟ ପ୍ରେମିକ, ଭାବୁକ, କବି,ଗାଳ୍ପିକ ସମସ୍ତଙ୍କୁ ଆକୃଷ୍ଟ କରେ । ଶାନ୍ତିର ପ୍ରତୀକ ଏଇ କାଶତଣ୍ଡୀର ସୌନ୍ଦର୍ଯ୍ୟ ଦେଖି କିଏ ଏହାକୁ ଫଟୋରେ ସାଇତି ରଖିବାକୁ ବ୍ୟାକୁଳ ହୁଏ ତ ପୁଣି କିଏ ତାର ରୂପଲାବଣ୍ୟକୁ ନିରେଖି ଦେଖିବାକୁ ଲାଳାୟିତ ହୁଏ । ସେଇଥି ପାଇଁ କବି,ଲେଖକ ଟିକିଏ ଅଧିକ ଭାବୁକ ହୋଇଉଠେ । ସେମାନଙ୍କ କଲମ ମୁନ ଅଧିକ ଚଳଚଞ୍ଚଳ ହୋଇଉଠେ । ଏହାର ରୂପଲାବଣ୍ୟରେ ବିମୋହିତ ହୋଇ କବି ଗଢି ତୋଳେ କବିତାର କୋଣାର୍କ । ପ୍ରାଚୀନ କାଳର କବିଙ୍କ ଠାରୁ ଆରମ୍ଭ କରି ଆଧୁନିକ କବିଙ୍କ ପର୍ଯ୍ୟନ୍ତ ସମସ୍ତେ କାଶତଣ୍ଡୀର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ଶତମୁଖର ହୋଇଉଠିଛନ୍ତି । ଭକ୍ତକବି ମଧୁସୂଦନଙ୍କ ଭାଷାରେ- କାଶତଣ୍ଡୀ ଫୁଲେ ମହି ଦିଶଇ ଧବଳ/ସରୋବରେ ଫୁଟିଛନ୍ତି କୁମୁଦ କମଳ । ଯୁଇ,ମାଳତି,ଗଙ୍ଗଶିଉଳି ଟଗରେ/ଧବଳିତ ଉପବନ ଜନମନ ହରେ । ଶରତ ଋତୁରେ ଖବରକାଗଜର ପ୍ରଥମ ପୃଷ୍ଠା ଓ ପୂଜା ପତ୍ରିକାର ପ୍ରଚ୍ଛଦ ପୃଷ୍ଠାରେ ସ୍ଥାନ ପାଏ ଏହି ଧବଳ କାଶତଣ୍ଡୀ ।







*ଦୂରଭାଷ : ୯୪୩୭୭୨୯୩୮୪*

# ବିଜେଡିର ଆଦର୍ଶ ସେବା, ସ୍ୱାଭିମାନ ଓ ସଂଗ୍ରାମ : ନବୀନ

**ଭୁବନେଶ୍ୱର :** ବିଜେଡିର ଆଦର୍ଶ ହେଉଛି ସେବା, ସ୍ୱାଭିମାନ, ସଂଗ୍ରାମ ଓ ସଚେତନତା । ମୁଁ ରାଜନୀତିକୁ ଲୋକଙ୍କ ସେବାର ମାଧ୍ୟମ ଭାବେ ଦେଖେ । ଆମେ ପାୱାର ପାଇଁ ନୁହେଁ ଲୋକଙ୍କ ସେ୍ୱା କରିବାକୁ ଲକ୍ଷ୍ୟ ରଖିବା ଉଚିତ । ଶଙ୍ଖ ଭବନରେ ଆୟୋଜିତ ହୋଇଥିବା ବିଜୁ ଯୁବ ଜନତା ଦଳର ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକରେ ଏହି ମତ ପ୍ରକାଶ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ନବୀନ କହିଛନ୍ତି ଯୁବକ ହେଉଛନ୍ତି ବିଜେଡିର ଶକ୍ତି । ବିଜୁବାବୁଙ୍କର ଯୁବ ଶକ୍ତି ଉପରେ ବହୁତ ଭରସା ଥିଲା । ଆମ ଯୁବ ବନ୍ଧୁ ମାନଙ୍କ କାର୍ଯ୍ୟଦକ୍ଷତା ଉପରେ ମୋର ପୁରା ବିଶ୍ୱାସ ଅଛି । ବିଜୁ ଯୁବ ଜନତା ଦଳର ପ୍ରରିଶ୍ରମ ଯୋଗୁ ଆଜି ବିଜେଡି ଏକ ସାମାଜିକ ଅନ୍ଦୋଳନରେ ପରିଣତ ହୋଇପାରିଛି । ଗତ ନିର୍ବାଚନ ରେ ବିଜେଡି ସର୍ବାଧିକ ୪୧.୨ % ଭୋଟ ପାଇଥିଲା । ସଂପୂର୍ଣ୍ଣ ସଂଖ୍ୟକ ଭୋଟ୍ ଦୃଷ୍ଟିରୁ ବିଜେଡି ଅନ୍ୟମାନଙ୍କଠାରୁ ଆଗରେ ରହିଛି । ଓଡିଶାବାସୀଙ୍କ ସ୍ନେହ ଏବଂ ଭଲପାଇବା ଆମର ସବୁଠାରୁ ବଡ ଶକ୍ତି ବୋଲି କହିଛନ୍ତି ନବୀନ । ଏଥି ସହିତ ନବୀନ ଆହୁରି ମଧ୍ୟ କହିଛନ୍ତି ଏବେବି ଯୁବ ବନ୍ଧୁ ମାନଙ୍କ ଦକ୍ଷତା ଉପରେ ପୁରା ବିଶ୍ୱାସ ଅଛି । ଯୁବ ସାଙ୍ଗଠନିକ କାର୍ଯ୍ୟକମ୍ରକୁ ଆହୁରି ଆଗକୁ ନେବାକୁ ପରାମର୍ଶ ଦେଇଛନ୍ତି ନବୀନ । ଯୁବ ଶସକ୍ତିକରଣ ଉପରେ ସଦାବେଳେ ବିଜେଡି ଧ୍ୟାନ ଦେଇ ଆସିଛି । ଶିକ୍ଷିତ ସମାଜ ଗଠନ କରି ଯୁବକଙ୍କୁ ବିଶ୍ୱରେ ପରିଚିତ କରାଇବା ଆମ ଲକ୍ଷ୍ୟ ରହିଛି । କ୍ରିଡା କ୍ଷେତ୍ରରେ ଆଜି ଓଡ଼ିଶା ଆନ୍ତର୍ଜାତୀୟ ସ୍ତରରେ ନାଁ କରିପାରିଛି । ବିଜ୍ଞାନ କ୍ଷେତ୍ରରେ ଓଡ଼ିଶାର ଯୁବକ ମାନେ ଆଜି ସୁନାମ ଅର୍ଜନ କରୁଛନ୍ତି । ଏ ଧାରାକୁ ଜାରି ରଖାଯିବା ଆବଶ୍ୟକ ବୋଲି କହିଛନ୍ତି ନବୀନ । ସେପଟେ ବିଜୁ ଯୁବ ଜନତା ଦଳର ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକରେ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ନବୀନ । କିଛି ଲୋକ ବର୍ତ୍ତମାନ ସେମାନଙ୍କର ଚିନ୍ତାଧାରାକୁ ଅନ୍ୟମାନଙ୍କ ଉପରେ ଲଗାଇବାକୁ ଚେଷ୍ଟା କରୁଛନ୍ତି । ଯାହା ଏକ ଗଣତାନ୍ତ୍ରିକ ସମାଜରେ ଆଦୌ ଗ୍ରହଣୀୟ ନୁହେଁ । ଏପରିକି ଆମର ମହାପୁରୁଷ ମାନଙ୍କୁ ବି ନିନ୍ଦା କରୁଛନ୍ତି । ଏହା କଣ ଓଡିଆ ଆସ୍ମିତା କି ବୋଲି ପ୍ରଶ୍ନ କରିଛନ୍ତି ନବୀନ । ମହାପୁରୁଷଙ୍କ ବଳିଦାନ ପ୍ରତି ଏହା ଆମର ସମ୍ମାନ କି ବୋଲି ପ୍ରଶ୍ନ କରିଛନ୍ତି । ବଡ ପାଟିରେ କହିଲେ ମିଛ ସତ ହୁଏ ନାହିଁ । ତିନି ମାସ ହୋଇଗଲା ଏବେ ଆଇ ମାଆ ଗପ ଛାଡି ସରକାର କାମ କରି ଦେଖାନ୍ତୁ ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ସେହିଭଳି ମହାନଦୀ, ପୋଲାଭରମ ଭଳି ପ୍ରସଙ୍ଗ ସହ ରାଜ୍ୟରେ ଦରଦାମ ବୃଦ୍ଧି ଏବଂ ବିରୋଜଗାରକୁ ମଧ୍ୟ ମୁଦା କରି ଯୁବକ ମାନେ ଲଢେଇ କରିବାକୁ ନବୀନ କହିଛନ୍ତି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି । କିନ୍ତୁ ଦୁଃଖର କଥା ଶିକ୍ଷା ବଜେଟରେ ୫୦୦ କୋଟି ଅର୍ଥ କାଟ୍ କରାଯାଇଛି । ସେହିଭଳି ୩୦୦ ୟୁନିଟ ମାଗଣା ବିଜୁଳି, ବାର୍ଦ୍ଧକ ଭତା, ସୁଭଦ୍ରା ଯୋଜନା, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରିବାରେ ମଧ୍ୟ କେନ୍ଦ୍ର ସରକାରଙ୍କ ଆନ୍ତରିକତା ନାହିଁ । ବିଜେପି ସରକାରର ସମସ୍ତ ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଯାଉଛି । ସେଥିପାଇଁ ଆଗାମୀ ଦିନରେ ବିଜୁ ଯୁବ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ସହ ଆନ୍ଦୋଳନକୁ ମଧ୍ୟ ବ୍ୟାପକ କରିବ ବୋଲି ନବୀନ କହିଛନ୍ତି ।





## ବିଧାନସଭା ଅଧିବେଶନ ଶେଷ

# ଫାଇଦାରେ ସରକାର



**ଭୁବନେଶ୍ୱର :** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଧାନସଭାର ପ୍ରଥମ ବଜେଟ୍ ଅଧିବେଶନ ଶେଷ ହୋଇଛି। ଜୁଲାଇ ୨୨ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଚସ୍ପତି ସୁରମା ପାଢ଼ୀ ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନରେ ବିରୋଧୀ ବିଜେଡି ଓ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ଦିଶାହୀନ ହୋଇ ରହିଥିଲେ। ଆଉ ସରକାର ପରିଚାଳନାରେ ନବାଗତ ବିଜେପିକୁ ଏହାର ଫାଇଦା ମିଳିଥିବା ଦେଖିବାକୁ ମିଳିଛି। ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନିୟମିତ ଅନୁପସ୍ଥିତି ହିଁ ବିରୋଧୀ ଦଳର ଦିଶା ନିର୍ଦ୍ଧାରଣରେ ପ୍ରତିବନ୍ଧକ ସାଜିଥିଲା। ଆଉ କଂଗ୍ରେସ ବିଧାୟକମାନଙ୍କ ମଧ୍ୟରେ ତାଳମେଳ ନଥିବା ଯୋଗୁ ଶାସକ ବିଜେପିକୁ ଏହାର ଫାଇଦା ମିଳିଛି। ବିଧାନସଭା ସଚିବାଳୟରୁ ମିଳିଥିବା ସୂଚନା ଅନୁସାରେ, ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଜୁଲାଇ ୨୨ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି। ଏହି ଅବଧି ମଧ୍ୟରେ ଗୃହରେ ୧୯ଟି ମୁଲତବୀ ପ୍ରସ୍ତାବ ସମେତ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଛି। ୬ଟି ସିଏଜି ରିପୋର୍ଟ ପାରିତ ହୋଇଛି। ମୋଟ ୨୫ଦିନ ବୈଠକ ବସିଛି। ତେବେ ବିଜେପି ସରକାରକୁ ଆସିବା ପରେ ଚଳିତ ବିଧାନସଭାରେ ନିଜର ପ୍ରଥମ ବାର୍ଷିକ ବଜେଟ୍ ଉପସ୍ଥାପନ କରିବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଦୀର୍ଘ ସମୟ ଧରି ଆଲୋଚନା କରି ସରକାର ନିଜର ପାରିବାପଣିଆ ଦେଖାଇଛନ୍ତି। ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ସତ୍ତ୍ୱେ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଓ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରାଇବାରେ ଶାସକ ବିଜେପି ସକ୍ଷମ ହୋଇଛି। ବିରୋଧୀ ଦଳଗୁଡ଼ିକ ଦିଶାହୀନ ଭାବେ କାର୍ଯ୍ୟ କରିବାର ଫାଇଦା ମଧ୍ୟ ବିଜେପିକୁ ମିଳିଛି। ଅବଶ୍ୟ ଅଭିଜ୍ଞତା ଅଭାବରୁ କିଛି କ୍ଷେତ୍ରରେ ଶାସକ ବିଜେପିକୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। କିଛି କ୍ଷେତ୍ରରେ ଶାସକ ବିଜେପି ଗୃହ ଭିତରେ ଆକ୍ତାମାପ୍ତା ହୋଇପଡୁଥିଲା। ମାତ୍ର ବିଜେଡି ସରକାରରେ ଗୃହକୁ ଯେଭଳି ବିନା କାରଣରେ ମୁଲତବୀ କରାଯାଉଥିଲା, ସେଭଳି ନଜିର ଚଳିତ ବିଜେପି ସରକାରରେ କ୍ୱଚିତ୍ ଦେଖିବାକୁ ମିଳିଥିଲା। ଦୁଇ ବିରୋଧୀ ଦଳ କଂଗ୍ରେସ ଓ ବିଜେଡି ମଧ୍ୟରେ ତାଳମେଳ ନରହିବାର ଫାଇଦା ମଧ୍ୟ ବିଜେପି ସରକାରଙ୍କୁ ମିଳିଛି। ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ବେଶ୍ ଶାଣିତ ଢଙ୍ଗରେ ପୂର୍ବ ବିଜେଡି ସରକାରକୁ ଗୃହ ଭିତରେ ଓ ବାହାରେ ସମାଲୋଚନା କରିବାରେ ମଧ୍ୟ ସକ୍ଷମ ହୋଇଥିବା ଦେଖିବାକୁ ମିଳିଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଉପରେ ଅଙ୍କୁଶ

# ନୂଆ ସଂଶୋଧିତ ସଂକଳ୍ପ ଜାରି

**ଭୁବନେଶ୍ୱର :** ରାଜ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପୁନଃନିଯୁକ୍ତି ବା ଥଇଥାନ ଉପରେ ଲାଗିଲା ବ୍ରେକ୍। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ ୪ଜଣିଆ କମିଟିର ସୁପାରିଶ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ବିନା ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ମିଳିପାରିବ ନାହିଁ। ଏପରିକି କୌଣସି ପୁନଃନିଯୁକ୍ତିକୁ ପୋଷ୍ଟଫେକ୍ଟୋ (ପିଛିଲା ଭାବେ) ମଧ୍ୟ ଅନୁମୋଦନ ମିଳିବ ନାହିଁ। ଯଦି ଅତ୍ୟନ୍ତ ଜରୁରୀ ନହୁଏ ତା'ହେଲେ ପୁନଃନିଯୁକ୍ତି ମିଳିବା ସମ୍ଭବପର ହେବନି। ସମସ୍ତ ପୁନଃନିଯୁକ୍ତି କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ। ତା'ଛଡ଼ା ଯେଉଁ ଅଫିସର ବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯିବ ସେ ଅବସର ପୂର୍ବରୁ କ୍ରମାଗତ ୫ବର୍ଷ ପାଇଁ ତାଙ୍କର ସିସିଆର/ପିଏଆର 'ଆଉଟଷ୍ଟାଣ୍ଡିଂ' ରହିବା ଜରୁରୀ। ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିମ୍ବା ଅପରାଧିକ ମାମଲା ମଧ୍ୟ ବିଚାରାଧୀନ ନଥିବ କିମ୍ବା ସେ କୌଣସି ଅସଦାଚରଣ ମାମଲାରେ ଦଣ୍ଡିତ ବି ହୋଇନଥିବେ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ୨୦୧୪ ଅଗଷ୍ଟ ୨୭ତାରିଖରେ ବିଜେଡି ସରକାରଙ୍କ ଦ୍ୱାରା ଜାରି ପୁନଃନିଯୁକ୍ତି ସଂକ୍ରାନ୍ତ ସଂକଳ୍ପକୁ ଖାରଜ କରି ନୂଆ ସଂଶୋଧିତ ସଂକଳ୍ପ ଜାରି କରି ନିଜର କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି 'ସଂକଳ୍ପ'ରେ ମୋହନ ସରକାର କହିଛନ୍ତି ଯେ, ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ବ୍ୟତିକ୍ରମ ପରିବର୍ତ୍ତେ ଏକ ନିୟମ ହୋଇଯାଇଥିବା ସରକାରଙ୍କ ନଜରକୁ ଆସିଛି। ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ, ଦକ୍ଷ ମାନବସମ୍ବଳର ଅଭାବକୁ ଦୃଷ୍ଟିରେ ରଖି ୨୦୧୪ ଅଗଷ୍ଟ ୨୭ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ଯେଉଁ ସଂକଳ୍ପ ଜାରି ନିଯୁକ୍ତି ନିୟମାବଳୀର କୋହଳ ପାଇଁ ଅନୁମତି ଦିଆଯାଇଥିଲା, ବାସ୍ତବରେ ତା'ର ଉଦ୍ଦେଶ୍ୟ ଏହା ନଥିଲା। ବିଭିନ୍ନ ପାରିଶ୍ରମିକ ଓ ସର୍ତ୍ତାବଳୀ ସହିତ ସାମୟିକ ଭାବେ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିଭିତ୍ତିକ ଭାବେ ପୁନଃନିଯୁକ୍ତି ଦେବାର ବ୍ୟବସ୍ଥା ହୋଇଥିଲା। ତେବେ ୨୦୧୪ ମସିହାର ଏହି ସଂକଳ୍ପକୁ ଖାରଜ କରିବା ପାଇଁ ମୋହନ ସରକାର ନିଷ୍ପତ୍ତି ନେବା ସହ ଯଦି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ପାଇଁ ପଦବୀ ଖାଲି ହୁଏ ଓ ସେହି ପଦବୀରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ପରିବର୍ତ୍ତେ ସମ୍ପୃକ୍ତ ବିଭାଗ ବା କାର୍ଯ୍ୟାଳୟ ପ୍ରତ୍ୟକ୍ଷ ଓ ପଦୋନ୍ନତିଭିତ୍ତିକ ନିଯୁକ୍ତି ମାଧ୍ୟମରେ ସେହି ପଦବୀକୁ ପୂରଣ କରିବାକୁ ପଦକ୍ଷେପ ନେବେ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା ପୂର୍ବରୁ ସମ୍ପୃକ୍ତ ବିଭାଗ ଓ କାର୍ଯ୍ୟାଳୟ ତାଙ୍କୁ କାହିଁକି ପୁନଃନିଯୁକ୍ତି ଦେବେ ତା'ର ଯଥାର୍ଥ କାରଣ ଓ ଏବେ ସଂକଳ୍ପରେ ଜାରି ହୋଇଥିବା ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବେ। ଯଦି କୌଣସି ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଜରୁରୀ ହୁଏ ତା'ହେଲେ ଖୋଲା ବିଜ୍ଞାପନ କିମ୍ବା ସରକାରଙ୍କ ଦ୍ୱାରା ସ୍ଥିର କରାଯାଉଥିବା ପଦ୍ଧତି ଦ୍ୱାରା ବ୍ୟକ୍ତି ଚୟନ କରାଯିବ। ସମ୍ପୃକ୍ତ ପ୍ରଶାସନିକ



ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ନିମନ୍ତେ ପ୍ରସ୍ତାବ ଉପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ୪ଜଣିଆ ସଦସ୍ୟ (ଅତିରିକ୍ତ ମୁଖ୍ୟ ସଚିବ, ଅର୍ଥ ସଚିବ ଓ ସମ୍ପୃକ୍ତ ବିଭାଗୀୟ ସଚିବ) ନିଷ୍ପତ୍ତି ନେବେ। ବିଭାଗୀୟ ସଚିବଙ୍କୁ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତିର ବାଧ୍ୟତାମୂଳକ କାରଣ ସମ୍ପର୍କରେ ସନ୍ତୁଷ୍ଟ କରାଇବାକୁ ପଡ଼ିବ। ସମସ୍ତ ପୁନଃନିଯୁକ୍ତି କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ ଓ ନିତିଦିନିଆ କାର୍ଯ୍ୟ ପାଇଁ ଏହା ହେବ ନାହିଁ ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି। ତା'ଛଡ଼ା ସମ୍ପୃକ୍ତ ବିଭାଗଗୁଡ଼ିକରେ ଏଭଳି ପୁନଃନିଯୁକ୍ତି ମଞ୍ଜୁରୀପ୍ରାପ୍ତ ଏସବି କ୍ୟାଡ଼ର ଓ ଉପରସ୍ତରର ୧ ପ୍ରତିଶତ ପଦବୀ ମଧ୍ୟରେ ସୀମିତ ରହିବ। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ କମିଟି ଯଦି ସମ୍ପୃକ୍ତ ବିଭାଗ ଦେଇଥିବା ଯଥାର୍ଥ କାରଣରେ ସନ୍ତୁଷ୍ଟ ହୁଅନ୍ତି ତା'ହେଲେ ସେହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ। କୌଣସି ପୁନଃନିଯୁକ୍ତି ନିମନ୍ତେ ପୋଷ୍ଟଫେକ୍ଟୋ ଅନୁମୋଦନ ହେବ ନାହିଁ। ଶାରୀରିକ ଫିଟ୍ ଥିବା ଅବସରପ୍ରାପ୍ତ କର୍ମଚାରୀ ପ୍ରଥମେ ଏକବର୍ଷ ପାଇଁ ପୁନଃନିଯୁକ୍ତି ପାଇବେ ଓ ତାଙ୍କର କାର୍ଯ୍ୟ ସନ୍ତୋଷଜନକ ହେଲେ ପରବର୍ତ୍ତୀ ସମୟରେ ପ୍ରତିବର୍ଷ ସର୍ବାଧିକ ୩ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିହେବ। କୌଣସି ପରିସ୍ଥିତିରେ ସମ୍ପୃକ୍ତ କର୍ମଚାରୀଙ୍କ ବୟସ ୬୫ବର୍ଷରୁ ଅଧିକ ହୋଇନଥିବ କିମ୍ବା ସେ ଯେଉଁ ପଦବୀରେ ଥିବେ ତାହା ନିୟମିତ ପ୍ରକ୍ରିୟା ଦ୍ୱାରା ପୂରଣ ହୋଇନଥିବ। ଏଥିରୁ ଯାହା ଶୀଘ୍ର ସେହିପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀଙ୍କ କାର୍ଯ୍ୟକାଳ ରହିବ। ଏହି ପୁନଃନିଯୁକ୍ତି ପାଉଥିବା କର୍ମଚାରୀଙ୍କ ବିରୁଦ୍ଧରେ ମଧ୍ୟ ଓଡ଼ିଶା ପେନସନ ନିୟମ-୧୯୯୨ ଓ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ନିୟମ-୧୯୫୯ର ପ୍ରାବଧାନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏକମାସର ଲିଖିତ ନୋଟିସ୍ ଦେଇ ପୁନଃନିଯୁକ୍ତି ପାଇଥିବା କେହି କର୍ମଚାରୀ ଇସ୍ତଫା ଦେଇପାରିବେ। ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ସରକାରରେ ସରକାରୀ ଚାକିରିରୁ ଅବସର ନେଉଥିବା କର୍ମଚାରୀ ଓ ଅଫିସରମାନଙ୍କୁ ବ୍ୟାପକ ମାତ୍ରାରେ ପୁନଃନିଯୁକ୍ତି ଦିଆଯାଉଥିଲା। ଆଉ ନିୟମିତ ନିଯୁକ୍ତି ପ୍ରକ୍ରିୟାରେ ଶିଥିଳତା ଆସିଥିଲା। ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଲକ୍ଷ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ନୂଆ ନିଯୁକ୍ତି ପାଇଁ ବିଶେଷ ଆଗ୍ରହ ବିଜେଡି ସରକାର ଦେଖାଉନଥିଲେ। ମାତ୍ର ଏବେ ମୋହନ ସରକାର ଖାଲି ପଡ଼ିଥିବା ପଦବୀକୁ ପୂରଣ କରିବା ସହ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଉପରେ ଅଙ୍କୁଶ ଲଗାଇଥିବାରୁ ଆଉ କର୍ମଚାରୀଙ୍କୁ ଥଇଥାନ କରିବା ସହଜ ହେବ ନାହିଁ ବୋଲି ଜଣାପଡ଼ିଛି।

# ରାଜ୍ୟରେ ଖୋଲିବ ଗୋ-ଶାଳା



**ଭୁବନେଶ୍ୱର :** ଗୋ ସୁରକ୍ଷା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏନେଇ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ ବିଧାୟକମାନଙ୍କୁ ଗୋଟିଏ ଗୋଟିଏ ଗୋ ଶାଳା ନିର୍ମାଣ କରିବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି, ସବୁ ବିଧାୟକ କରନ୍ତୁ, ୯୦% ସବସିଡି ଦିଆଯିବ। ଗାଈ ପାଇଁ ଦିନକୁ ୫୪ ଟଙ୍କା ଦିଆଯିବ। ଚଳିତ ବର୍ଷ ୨୦୦ ଗୋ ଶଳା ନିର୍ମାଣ ଲାଗି ଲକ୍ଷ୍ୟ ରଖିଛନ୍ତି ସରକାର। ସବୁ ବିଧାୟକ ନିଜ ଅଞ୍ଚଳରେ ଗୋଟିଏ ଗୋ ଶାଳା କରନ୍ତୁ, ସରକାର ସବୁ ସୁବିଧା ଯୋଗାଇ ଦେବେ।

## ଅସ୍ତରଙ୍ଗ ପ୍ରସ୍ତାବିତ ବନ୍ଦରର ଜନ ଶୁଣାଣି ଶେଷ

# ପୀର ଜାହାନିଆଁ ଠାରେ ଭିଟାମାଟି ସୁରକ୍ଷା ମଞ୍ଚର ଜନ ସମାବେଶ

**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପ୍ରତିଷ୍ଠା ହେବାକୁ ଥିବା ରାଜ୍ୟ ସରକାରଙ୍କର ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପ୍ରସ୍ତାବିତ ବନ୍ଦରର ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଜନ ଶୁଣାଣି ନବଯୁଗ ଇଂଗିନୀରିଂ କମ୍ପାନୀ ସହଭାଗିତାରେ ଶୁକ୍ରବାର ଦିନ ଅନୁଷ୍ଠିତ ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଜନ ଶୁଣାଣିରେ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକ ମାନେ ବନ୍ଦର ସପକ୍ଷରେ ମତ ଦେଇଥିବା ବେଳେ ବନ୍ଦର ହେଲେ ଅସ୍ତରଙ୍ଗ ଉପକୂଳ କିପରି କ୍ଷତିଗ୍ରସ୍ତ ହେବ ସେ ବିଷୟରେ ପରିବେଶବିତ୍ ତଥା ମିଳିତ ଜାତିସଙ୍ଘର ଯୁବ ଅଧିବକ୍ତା ସୌମ୍ୟରଞ୍ଜନ ବିଶ୍ୱାଳ ସମାବେଶରେ ମତ ବ୍ୟକ୍ତ କରିଥିଲେ। ହେବାକୁ ଥିବା ବନ୍ଦର ଦ୍ୱାରା ଅଲିଭ୍ ରିଡେଲ କଇଁଚଙ୍କ ଅଣ୍ଡାଦାନ ବାଧାପ୍ରାପ୍ତ, ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖିନ ଓ ପରିବେଶ ଆଦି ଉପରେ ଲୋକଙ୍କ ସମସ୍ୟାର ସମାଧାନ ଉପରେ ଶ୍ରୀ ବିଶ୍ୱାଳ ତାଙ୍କର ମତବ୍ୟକ୍ତ କରିଥିଲେ। ଏହି ଜନ ଶୁଣାଣିରେ ଅସ୍ତରଙ୍ଗ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦାନ କରିଥିବା ବେଳେ, ବିସ୍ଥାପିତ ହେବାକୁ ଥିବା ଛୁରିଆନା ଗ୍ରାମପଞ୍ଚାୟତର ଜଣେ ଯୁବକଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବ୍ୟକ୍ତି ଦେଖିବାକୁ ମିଳି ନ ଥିଲା। ଏହି ଜନଶୁଣାଣୀ ସମାବେଶରେ ରାଜ୍ୟ ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଶୋହନ ଗିରି, ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ନାଥ ମହାନ୍ତି, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୋମ୍ୟରଞ୍ଜନ ମଲିକ ପ୍ରମୁଖ ଯୋଗ ଦେଇଥିବା ବେଳେ, ଜିଲ୍ଲା ପ୍ରଶାସନ ତରଫରୁ ଏଡିଏମ କୈଳାଶ ଚନ୍ଦ୍ର ନାୟକ, ଜମି ଅଧିଗ୍ରହଣ ଅଧିକାରୀ କୈବଲ୍ୟ କର, ନିରଞ୍ଜନ ବାରିକ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ରେଞ୍ଜର ମୋନାଲିସା ମହାପାତ୍ର, ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ଯୋଗଦାନ କରି ପ୍ରସ୍ତାବିତ ବନ୍ଦର ଜନ ଶୁଣାଣିରେ ଭାଗ ନେଇ ସେମାନଙ୍କର ମତବ୍ୟକ୍ତ କରିଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ ରେଭିନୁ ଶ୍ରୀ ନାୟକ କହିଥିଲେ ଯେ, ବନ୍ଦର ଯେଉଁ ଜାଗାରେ ହେବ ସେଠି ଜନ ଶୁଣାଣି ସହ ଗ୍ରାମସଭା ଆଦି କରାଯିବ ଓ ଏହା ଏକ ଲମ୍ବା ପ୍ରୟାସ ହୋଇଥିବାରୁ ଲୋକଙ୍କ ମତାମତ ନିଆଯାଇ କାର୍ଯ୍ୟକ୍ରମ ହାତକୁ ନିଆଯିବ। ବିସ୍ଥାପିତ ଅଞ୍ଚଳ ଠାରୁ ୧୨ କିଲୋମିଟର ଦୂରରେ ଏହି ଜନ ଶୁଣାଣି



ହେଉଥିବାରୁ ଆଗାମୀ ଦିନରେ ବିସ୍ଥାପିତ ଅଞ୍ଚଳରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କରର ନିର୍ଦ୍ଦେଶ ମୁତବକ ସେହି ଅଞ୍ଚଳରେ ଜନ ଶୁଣାଣି କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ। ଅପର ପକ୍ଷରେ ବିସ୍ଥାପିତ ବିରୋଧୀ ମଞ୍ଚ ତଥା ଭିଟାମାଟି ସୁରକ୍ଷା ସଂଗଠନ ତରଫରୁ ପୀର ଜାହାନିଆଁ ଠାରେ ଏକ ବିରାଟ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଦର ବିରୋଧୀ ସମାବେଶରେ ଅସ୍ତରଙ୍ଗ ଅଞ୍ଚଳର ୧୨ ଖଣ୍ଡ ଗ୍ରାମର ଅଧିବାସୀ ମାନେ ଏକତ୍ର ହୋଇ ବନ୍ଦର ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ ଓ ଭିଟା ମାଟିର ସୁରକ୍ଷା ପାଇଁ ରକ୍ତ ଦେବା ସହ ସଂଗ୍ରାମ ଜାରି ରହିବ ବୋଲି ବିଶାଳ ଜନ ସମାବେଶରେ ହଜାର ହଜାର ଲୋକ ସେମାନଙ୍କର ଭାବାବେଗ ପରିପ୍ରକାଶ କରିଥିଲେ। ଏହି ସମାବେଶରେ ପୁରୀ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, ଆବାହକ ଶିଭାକର ବେହେରା, ସୁରକ୍ଷା ମଞ୍ଚ ସଭାପତି ପ୍ରଫୁଲ୍ଲ ବିଶ୍ୱାଳ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆରତୀ ନାୟକ, ଅସ୍ତରଙ୍ଗ ସରପଞ୍ଚ ରାମ ଚନ୍ଦ୍ର କାଣ୍ଡୀ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡୀ, ସେମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ସମାଜସେବୀ ଦିବାକର ଛାଟୋଇ ଆଦି ଭାଷଣ ଦେଇ ବନ୍ଦର ନିର୍ମାଣକୁ ବିରୋଧ କରୁଥିବା ବେଳେ, ସମ୍ଭାବ ବିସ୍ଥାପିତଙ୍କ ଦାବି ଓ ତାଙ୍କର ସମସ୍ୟା ସମାଧାନ ଦିଗରେ ଆଲୋକ ପାତ କରିଥିଲେ।

# ବିଧାନସଭାରେ ଉଦାହରଣ ସୃଷ୍ଟି କଲେ ମୋହନ

**ଭୁବନେଶ୍ୱର :** ବିଧାନସଭାରେ ଉଦାହରଣ ସୃଷ୍ଟି କଲେ ମୋହନ ମାଝୀ। ଦୀର୍ଘ ବର୍ଷ ପରେ ଦୀର୍ଘକାଳୀନ ଅଧିବେଶନ ଦେଖିଲେ ରାଜ୍ୟବାସୀ। ପ୍ରତିଦିନ ଗୃହରେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କରୁଥିଲେ ଆଲୋଚନା। କିନ୍ତୁ ଦଳୀୟ ବୈଠକ କରୁଥିଲେ ବି ଗୃହକୁ ଆସୁନଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଅଧିବେଶନ ପରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ସୃଷ୍ଟି କରିଛନ୍ତି ନୂଆ ପରମ୍ପରା। ଚର୍ଚ୍ଚାରେ ରହିଛନ୍ତି ମୋହନ ସରକାର। ଏହାରି ମଧ୍ୟରେ ଶେଷ ହୋଇଛି ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ। ଜୁଲାଇ ୨୨ ରୁ ଆରମ୍ଭ ହୋଇଥିବା ଏହି ବଜେଟ ଅଧିବେଶନରେ ୨୫ ଟି କାର୍ଯ୍ୟ ଦିବସ ସହ ଶେଷ ହୋଇଛି। ଯେଉଁଥିରେ ୨୮୭୪ ତାରକା ପ୍ରଶ୍ନ, ୩୫୩୪ଅଣତାରକା ପ୍ରଶ୍ନ ନୋଟିସ ଗ୍ରହଣ, ୪୯୨୧ ଅଣତାରକା ପ୍ରଶ୍ନର ଉତ୍ତର ଉପସ୍ଥାପନ, ୧୯ ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା,୮୩ ଟି କାଗଜ ଉପସ୍ଥାପନ, ୧୧ଟି ବାର୍ଷିକ ରିପୋର୍ଟ ଉପସ୍ଥାପନ ସହ ୪୨ଟି କମିଟି ରିପୋର୍ଟ ମଧ୍ୟ ଉପସ୍ଥାପନ ହୋଇଛି। ତେବେ ମୋହନ ସରକାରଙ୍କ ପ୍ରଥମ ବିଧାନସଭା ଅଧିବେଶନ ସୃଷ୍ଟି କରିଛି ଅନେକ ନୂଆ ପରମ୍ପରା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୃହରେ ପ୍ରତ୍ୟକ ଦିନ ଉପସ୍ଥିତ ରହିବା ସହ ବଜେଟ ଉପସ୍ଥାପନ, ଖର୍ଚ୍ଚ ଦାବି ଆଲୋଚନା ଓ ବ୍ୟୟ ମଞ୍ଜୁରି ବିଲ ପାରିତ ସମୟରେ ଘଣ୍ଟେରୁ ଅଧିକ ସମୟ ବିବୃତ୍ତି ରଖି ରେକର୍ଡ କରିଥିଲେ। ମାତ୍ର ଅନ୍ୟପଟେ ଦଳୀୟ ବୈଠକ କରୁଥିଲେ ବି ଗୃହକୁ ଆସୁନଥିଲେ ବିରୋଧୀ ଦଳ ନେତା। ଯେବେ ଆସୁଥିଲେ ଅତି ବେଶିରେ ୫ ମିନିଟ ରହି ଚାଲି ଯାଉଥିଲେ। ବିଶେଷ କରି ବିଧାନସଭା ଅଧିବେଶନ ସରିବା ପରେ ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଓଡିଶା ବିଧାନସଭା ସଦସ୍ୟ ମାନେ ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରିବା ବି ପୂର୍ବ ସରକାରରେ ଦେଖିବାକୁ ମିଳୁ ନ ଥିଲା। ଭାରତୀୟ ସମ୍ବିଧାନ ଅନୁଯାୟୀ ପ୍ରତି କ୍ୟାଲେଣ୍ଡର ବର୍ଷରେ ଅତିକମରେ ୬୦ ଟି କାର୍ଯ୍ୟ ଦିବସ ସହ ବିଧାନସଭାର ତିନୋଟି ଅଧିବେଶନ ବସିବା କଥା। ମାତ୍ର ପୂର୍ବ ସରକାର ଅର୍ଥାତ ନବୀନଙ୍କ ସରକାର ସମୟରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ଯେବେ ମନ ସେବେ ବିଧାନସଭାକୁ ବନ୍ଦ କରିଦେଉଥିଲେ ତତ୍କାଳୀନ ସରକାର। ତଥ୍ୟ କହୁଛି ୨୦୧୯/୨୦/୨୧ ଆର୍ଥିକ ବର୍ଷରେ ୧୮୦ ଟି କାର୍ଯ୍ୟ ଦିବସରୁ ମାତ୍ର ୧୧୨ ଟି କାର୍ଯ୍ୟ ଦିବସ ସହ ୮ ଟି ଅଧିବେଶନ ବସିଥିଲା । ବିଶେଷ କରି ଷୋଡଶ ବିଧାନସଭାର ଅଷ୍ଟମ ଅଧିବେଶନ ପାଇଁ ୩୧ଟି କାର୍ଯ୍ୟ ଦିବସ ସ୍ଥିରୀକୃତ ହୋଇଥିବା ବେଳେ ୧୭ ଦିନ ପୂର୍ବରୁ ଅଗଣତାନ୍ତ୍ରିକ ଭାବେ ବନ୍ଦ କରିଦିଆଯାଇଥିବା ଅଭିଯୋଗ ଆସିଥିଲା। କିନ୍ତୁ ବିଧାନସଭାରେ ମୋହନଙ୍କ ନୂଆ ପରମ୍ପରା ଚର୍ଚ୍ଚାରେ ରହିଛି

# ୧୮ରେ ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କରିବ ଏଏସ୍ଆଇ

**ପୁରୀ :** ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ପକ୍ଷରୁ ଆସନ୍ତା ୧୮ ତାରିଖ ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଅନୁଷ୍ଠିତ ହେବ। ଏନେଇ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ଦିଆଯାଇଛି। ତଦନୁସାରେ, ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏହି ପ୍ରାରମ୍ଭିକ ନିରୀକ୍ଷଣ ଏବଂ ବୈଷୟିକ ଯାଞ୍ଚ ଅନୁଷ୍ଠିତ ହେବ। ଏଏସ୍ଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ



ନେତୃତ୍ୱରେ ନିରୀକ୍ଷଣ ହେବ। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ ପାଢୀ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍ଓପି ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ କୋଠରୀକୁ ସ୍ଥାନାନ୍ତରଣ ଏବଂ ଖାଲି ଆଲମିରା ତଥା ସିନ୍ଦୁକ ଗୁଡିକ ସ୍ଥାନାନ୍ତରିତ ହୋଇ ସାରିଛି। ତାପରେ ଏଏସ୍ଆଇକୁ ସଂରକ୍ଷଣ ତଥା ମରାମତି କାର୍ଯ୍ୟ ହାତକୁ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲେ। ତେବେ ମରାମତି ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସର୍ଭେ କରାଯିବାକୁ ଅନୁରୋଧ କରାଯାଇଥିଲା। ଏହା ଦ୍ୱାରା ଯେପରି ଶ୍ରୀମନ୍ଦିର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପଡିବ ସେଥିପ୍ରତି ଧ୍ୟାନ ଦେବାକୁ ଏଏସ୍ଆଇକୁ ଅନୁରୋଧ କରାଯାଇଥିଲା। ପୂର୍ଣ୍ଣାଙ୍ଗ ଅତ୍ୟାଧୁନିକ ତଥା ବୈଷୟିକ ଯାଞ୍ଚ ପରେ ଏ.ଏସ୍.ଆଇ ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଅବିଳମ୍ବେ ସାରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି।




# ୨୦୨୫ ମାର୍ଚ୍ଚ ସୁଦ୍ଧା ସବୁ ରାଜସ୍ୱ ଗାଁକୁ ବିଜୁଳି ସଂଯୋଗ

**ଭୁବନେଶ୍ୱର :** ବିଧାନସଭା ପ୍ରଶ୍ନକାଳରେ ରାଜ୍ୟରେ ବିଜୁଳି ସଂକଟ ନେଇ ସରକାରଙ୍କୁ ଘେରିଲେ ବିରୋଧୀ। ସମସ୍ତ ରାଜସ୍ୱ ଗାଁକୁ କେବେ ବିଜୁଳି ସଂଯୋଗ ନେଇ କରିଥିଲେ ପ୍ରଶ୍ନ। ତେବେ ଆସନ୍ତା ମାର୍ଚ୍ଚ ୨୫ ସୁଦ୍ଧା ସବୁ ରାଜସ୍ୱ ଗାଁକୁ ବିଜୁଳି ସଂଯୋଗ କରାଯିବ। ବିଧାନସଭାରେ ଏହି ଘୋଷଣା କଲେ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ପ୍ରଶ୍ନକାଳରେ ବିଜୁଳି ସଂଯୋଗ ନେଇ ଜୋରଦାର ଆଲୋଚନା ହୋଇଥିଲା। ଅପହଞ୍ଚ ଅଞ୍ଚଳରେ କିପରି ବିଜୁଳି ସଂଯୋଗ ଦିଆଯିବ ତାହା ଉପରେ ଶାସକ ଓ ବିରୋଧୀ ବିଧାୟକ ଶକ୍ତି ମନ୍ତ୍ରୀକୁ ବାରମ୍ବାର ପ୍ରଶ୍ନ କରିଥିଲେ। ସ୍ମାର୍ଟ ମିଟର ଅବ୍ୟବସ୍ଥା ନେଇ କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ ପ୍ରଶ୍ନର ଉତ୍ତର ଦେଇ ବିଧାନସଭାରେ ଉତ୍ତର ରଖିଥିଲେ



ଶକ୍ତିମନ୍ତ୍ରୀ। କହିଲେ, ଶକ୍ତି ସଂରକ୍ଷଣ ଶିଖ, ମାଗଣାରେ ବିଜୁଳି ପାଇବା ଆଶା ରଖନାହିଁ। କୌଣସି ସେବା ମାଗଣାରେ ମିଳିବ ଆଶା ରଖନାହିଁ। ଉପଭୋକ୍ତାଙ୍କୁ ସଚେତନତା ପାଇଁ ଭିଡିଓ ଏବଂ ମେସେଜ ଦିଆଯାଉଛି। ଅନେକ ସମୟରେ ସ୍ୱିଚ୍ ଅଫ୍ କେହି କରୁନାହାଁନ୍ତି। ଗୃହରେ ଶକ୍ତିମନ୍ତ୍ରୀ ଉଦାହରଣ ଦେଇ କହିଥିଲେ ମୋବାଇଲ ଚାର୍ଜର ସ୍ୱିଚ୍ କେହି ବନ୍ଦ କରୁନାହାଁନ୍ତି। ଏହାଦ୍ୱାରା ଅଧିକ ବିଲ୍ ଆସିଥାଏ। ସବୁ ବିଧାୟକ ଉପଭୋକ୍ତାମାନଙ୍କୁ ସଚେତନ କରନ୍ତୁ ବୋଲି ନିବେଦନ କଲେ। ମିଟର ଅସୁବିଧା ଥିଲେ କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚି ସମସ୍ୟା ଦୂର କରିବେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଆବେଦନ କଲେ ୩୦୦ ୟୁନିଟ୍ ମାଗଣା ମିଳିବ ବୋଲି କହିଛନ୍ତି କନକ ବର୍ଦ୍ଧନ ସିଂହଦେଓ।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**